# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 220 | ଭାଗ ୩୨ | ସଂଖ୍ୟା ୨୨୦ — Bhubaneswar | Monday 4 November 2024 | Page 8 Rs. 4.00 — ଭୁବନେଶ୍ୱର ସୋମବାର ୪ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ଝାଡ଼ଖଣ୍ଡରେ ଲାଗୁହେବ ୟୁସିସି
ପୃଷ୍ଠା ୫

## ପ୍ରତ୍ୟାଶାଙ୍କୁ ଏକଲବ୍ୟ ପୁରସ୍କାର



**ଭୁବନେଶ୍ୱର,୩।୧୧ (ସଂଚାର ବ୍ୟୁରୋ):** ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ସନ୍ତରଣକାରୀ ପ୍ରତ୍ୟାଶା ରାୟଙ୍କୁ ଇମ୍ଫା ଗ୍ରୁପ୍ ପରିଚାଳିତ 'ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ' ତରଫରୁ ୩୨ତମ 'ଏକଲବ୍ୟ ପୁରସ୍କାର ୨୦୨୪' ପ୍ରଦାନ କରାଯାଇଛି। ପ୍ରତ୍ୟାଶା ଜୁନିଅର ଓ ସିନିଅର ବର୍ଗରେ ଜାତୀୟ ଓ ଅନ୍ତର୍ଜାତୀୟ ପଦକ ପାଇଛନ୍ତି। ପୁରସ୍କାର ସ୍ୱରୂପ ପ୍ରତ୍ୟାଶାଙ୍କୁ ମାନପତ୍ର ଓ ଫଳକ ସହ ୭ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏତଦ୍‌ଭିନ୍ନ ଉଦୀୟମାନ ଧାବକ ଦଣ୍ଡପତି ମୃତ୍ୟୁମ ଜୟରାମ ଏବଂ ବ୍ୟାଡମିଣ୍ଟନ ଖେଳାଳି ତନଭି ପତ୍ରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ଉଭୟଙ୍କୁ ମାନପତ୍ର ସହ ଦେଢ଼ ଲକ୍ଷ ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସେମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ନିମନ୍ତେ ଯୁବ ଓଡ଼ିଆ କ୍ରୀଡାବିତ୍‌ମାନଙ୍କୁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଏ। ଜାତୀୟସ୍ତରର ବହୁ ପୁରସ୍କାର ସମାନ୍ତରାଳରେ ଏବେ ଏହା ଓଡ଼ିଶାର ସବୁଠାରୁ ମର୍ଯ୍ୟାଦାଜନକ କ୍ରୀଡ଼ାସମ୍ମାନ ରୂପେ ଖ୍ୟାତି ଅର୍ଜନ କରିଛି।

## ଭୁବନେଶ୍ୱରରେ ଭୂମିକମ୍ପ

**ଭୁବନେଶ୍ୱର,୩।୧୧ (ସଂଚାର ବ୍ୟୁରୋ):** ରାଜଧାନରେ ରବିବାର ସକାଳ ପ୍ରାୟ ୭.୧୦ରେ ମୃଦୁ ଭୂମିକମ୍ପ ହୋଇଛି। କେତେକ ସ୍ଥାନରେ ଜୋର୍ ଶବ୍ଦ ହୋଇଥିବା ବେଳେ ଆଉ କେଉଁଠି ଝଟକା ଅନୁଭୂତ ହୋଇଛି। ତେବେ ସେସମୋଲୋଜି ବିଭାଗ ପାଖରେ ଏନେଇ କୌଣସି ସୂଚନା ନାହିଁ। ସେହିପରି କ୍ଷୟକ୍ଷତିର ବି ସୂଚନା ନାହିଁ। ଭୂମିକମ୍ପର ତୀବ୍ରତା କେତେ ଥିଲା ଓ ଏହାର କେନ୍ଦ୍ରସ୍ଥଳ କେଉଁଠି ଥିଲା ତାହା ଜଣାପଡ଼ିନି।

### ସମନ୍ୱିତ ଯୋଜନାରେ ସବୁ ଐତିହ୍ୟ କ୍ଷେତ୍ରର ବିକାଶ

# ଓଡ଼ିଶା ଶାନ୍ତି ଓ ଅହିଂସାର ବାର୍ତ୍ତାବହ

**ଭୁବନେଶ୍ୱର/ବାଲିପାଟଣା, ୩।୧୧ (ସଂଚାର ବ୍ୟୁରୋ):** ଧଉଳି ଏକ ସାଧାରଣ ପାହାଡ ନୁହେଁ, ଧଉଳି ପାହାଡ ଓଡ଼ିଶା ଇତିହାସର ଏକ ଗୌରବମୟ ଅତୀତକୁ

- ପର୍ଯ୍ୟଟକମାନେ ଅହିଂସା, ଶାନ୍ତି ଓ ଦିବ୍ୟତ୍ୱର ଅନୁଭବ ପାଆନ୍ତି
- ଓଡ଼ିଆ ବୀରଙ୍କ ରକ୍ତରେ ଏକାକାର ହୋଇଥିବା ତ୍ୟାଗର ତୀର୍ଥସ୍ଥଳୀ ଧଉଳି



ଛାତିରେ ଧରି ରଖିଛି। କଳିଙ୍ଗର ବୀର ସନ୍ତାନଙ୍କ ସୌର୍ଯ୍ୟ, ସାହାସ ଓ ସାମର୍ଥ୍ୟର ପ୍ରତୀକ ଧଉଳି। ଓଡିଆ ବୀର ସନ୍ତାନଙ୍କ ଲୁହ ଆଉ ରକ୍ତରେ ଏକାକାର ହୋଇଥିବା ତ୍ୟାଗର ତୀର୍ଥସ୍ଥଳୀ ଏହି ଧଉଳି ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଧଉଳି ଶାନ୍ତି ସ୍ତୁପର ୫୨ତମ ପ୍ରତିଷ୍ଠା ଦିବସ ଅବସରରେ କହିଛନ୍ତି।

ଏହି ଅବସରରେ ଧଉଳି ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଖ୍ରୀଷ୍ଟପୂର୍ବ ୨୬୧ରେ ଲୋମହର୍ଷଣକାରୀ କଳିଙ୍ଗ ଯୁଦ୍ଧ ପରେ ଏହିଠାରୁ ଶାନ୍ତିକୁ ଜୀବନର ବ୍ରତ କରି ବୌଦ୍ଧ ଧର୍ମକୁ ଗ୍ରହଣ କରିଥିଲେ ସମ୍ରାଟ ଅଶୋକ। ଆଜିକୁ ୫୨ ବର୍ଷ ତଳେ ଜାପାନ ସରକାରଙ୍କ ଉଦ୍ୟମରେ ପ୍ରତିଷ୍ଠା ହୋଇଥିଲା ଏହି ଶାନ୍ତିର ସ୍ତୁପ। ସେବେଠାରୁ ଆଜି ପର୍ଯ୍ୟନ୍ତ ଏହା ଶାନ୍ତି ଆଉ ମୈତ୍ରୀର ପ୍ରତୀକ ସାଜିଛି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ, ଓଡ଼ିଶାରେ ବୌଦ୍ଧ ଧର୍ମର ଯେତେ ପ୍ରଚାର ପ୍ରସାର ହୋଇଥିଲା ଏବଂ ଯେତେ ବୌଦ୍ଧ ବିହାର ଓଡ଼ିଶାରେ ଦେଖିବାକୁ ମିଳେ ତାହା ଭାରତବର୍ଷର ଅନ୍ୟ କୌଣସି ପ୍ରଦେଶରେ ଦେଖିବାକୁ ମିଳେ ନାହିଁ। ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀଠାରୁ ଓଡ଼ିଶାରେ ବୌଦ୍ଧ ଧର୍ମର ➪ ପୃଷ୍ଠା-୬

## ସିଙ୍ଗାପୁରରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ'
### ପୁଞ୍ଜିନିବେଶ ପାଇଁ ଇନଭେଷ୍ଟର୍ସ ମିଟ୍

**ଭୁବନେଶ୍ୱର,୩।୧୧ (ସଂଚାର ବ୍ୟୁରୋ):** ତିନି ଦିନିଆ ସିଙ୍ଗାପୁର ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଇନଭେଷ୍ଟର୍ସ ମିଟ୍ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆସନ୍ତା ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ସିଙ୍ଗାପୁର ଗସ୍ତ କରିବା ନେଇ ପ୍ରାରମ୍ଭିକ ସୂଚନା ମିଳିଛି। ଓଡ଼ିଶାରେ କିଭଳି ଅଧିକରୁ ଅଧିକ ନିବେଶ ହୋଇପାରିବ ସେନେଇ ନିବେଶକଙ୍କ ସହ ଆଲୋଚନ କରିବେ ମୋହନ। ଏହା ପୂର୍ବରୁ ଦିଲ୍ଲୀ ଗସ୍ତ କରିବେ। ଓଡ଼ିଶାକୁ ନିବେଶ ଟାଣିବାକୁ ପ୍ରୟାସ କରୁଛନ୍ତି ରାଜ୍ୟ ସରକାର। ନିବେଶକଙ୍କୁ ନିମନ୍ତ୍ରଣ କରିବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନ ଗସ୍ତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ସେ ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫ ପାଇଁ ସିଙ୍ଗାପୁରରେ ରୋଡ୍ ଶୋ' କରିବେ। ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀ ସଂପଦ ସ୍ୱାଇଁ ଓ ରାଜ୍ୟ ସରକାରଙ୍କର କିଛି ବରିଷ୍ଠ ଅଧିକାରୀ ଗସ୍ତ କରିବେ। ସେପଟେ ବିଦେଶ ଗସ୍ତରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ବିଶ୍ୱ ପର୍ଯ୍ୟଟନ କନ୍‌କ୍ଲେଭରେ ଯୋଗ ଦେବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ୭ ଦିନିଆ ଲଣ୍ଡନ ଗସ୍ତରେ ଯାଇଛନ୍ତି। ତାଙ୍କ ସହ ପର୍ଯ୍ୟଟନ ସଚିବ, ଉନ୍ନୟନ କମିଶନର ଏବଂ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀ ମଧ୍ୟ ଲଣ୍ଡନ ଗସ୍ତ କରିଛନ୍ତି। ବିଦେଶୀ ପର୍ଯ୍ୟଟକଙ୍କୁ ଓଡ଼ିଶା ପର୍ଯ୍ୟଟନରେ ଆକୃଷ୍ଟ କରିବା ପାଇଁ ସେ ଲଣ୍ଡନ ଯାଇଥିବା ସୂଚନା ମିଳିଛି।

# ସୁଯୋଗ ଅପେକ୍ଷାରେ ନେତା
## ନୂଆ ବର୍ଷକୁ ଅପେକ୍ଷା

**ଭୁବନେଶ୍ୱର,୩।୧୧ (ସଂଚାର ବ୍ୟୁରୋ):** ଶାସକ ବିଜେପି ଓ ବିରୋଧୀ ବିଜେଡି ମଧ୍ୟରେ ଦଳ ଡିଆଁକୁ ନେଇ ବାକ୍ ଯୁଦ୍ଧ ତୀବ୍ର ହେଉଥିବା ବେଳେ ଏହି ମୌକାରେ ନିଜ ସୁରକ୍ଷା ପାଇଁ ଦଳ ଡେଇଁବାକୁ ବି ବିଧାୟକମାନେ ସଜବାଜ ହେଲେଣି। ଦଳ ଡେଇଁବାକୁ ଥିବା ବିଧାୟକଙ୍କ ମଧ୍ୟରେ ବିଜେଡି ତାଲିକା ବେଶ ଲମ୍ବା ଥିବା ବେଳେ ବିଜେପି ବିଧାୟକଙ୍କ ସଂଖ୍ୟା ବି କିଛି କମ ନୁହେଁ। ଯଦି ଏମାନେ ଦଳ ଡିଅଁନ୍ତି ତେବେ ସମୟ ସୁଯୋଗ ଦେଖି ସ୍ୱାଧୀନ ଓ କିଛି କଂଗ୍ରେସ ବିଧାୟକ ବି ଡିଆଁ ମାରିବାର ସମ୍ଭାବନା ରହିଛି। ବିଶେଷ କରି ନିର୍ବାଚନ ଅବ୍ୟବହିତ ପୂର୍ବରୁ ଯେଉଁମାନେ ନିଜ ସୁରକ୍ଷା ପାଇଁ ଡିଆଁ ମାରିଥିଲେ ସେମାନେ ଏବେ ମୂଳ ଦଳକୁ ଫେରିବାକୁ ବ୍ୟଗ୍ର।

ବିଜେଡିର ସମ୍ଭାବ୍ୟ ଦଳ ଡିଆଁଙ୍କ ତାଲିକା ଇତି ମଧ୍ୟରେ ୩୪ରେ ପହଁଚିଗଲାଣି। ଏମାନଙ୍କ ମଧ୍ୟରେ ପୁରୁଖାଙ୍କ ଠାରୁ ଆରମ୍ଭ କରି ନବାଗତ ରହିଛନ୍ତି। ବିଜେଡି ତାଲିକାରେ ଯେଉଁମାନଙ୍କ ନାମ ସବୁଠୁ ଅଧିକ ଚର୍ଚ୍ଚାରେ



ରହିଛି ସେମାନଙ୍କ ମଧ୍ୟରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ, ରେଢାଖୋଲରୁ ପ୍ରସନ୍ନ ଆଚାର୍ଯ୍ୟ, ଯାଜପୁର ବିଧାୟକ ସୁଜାତା ସାହୁ, ବାଲିକୁଦାର ସାରଦା ଜେନା, ତିର୍ତ୍ତୋଲର ରମାକାନ୍ତ ଭୋଇ, ଆନନ୍ଦପୁରର ଅଭିମନ୍ୟୁ ସେଠୀ, ଖରିଆରର ଅଧିରାଜ ପାଣିଗ୍ରାହୀ, ସୁନ୍ଦରଗଡର ଯୋଗେଶ ସିଂହ, ଆଠମଲ୍ଲିକ ନଳିନୀକାନ୍ତ ପ୍ରଧାନ, ବେଗୁନିଆର ପ୍ରଦୀପ ସାହୁ, ବିରମିତ୍ରପୁରର ରୋହିତ ଯୋଶେଫ ତିର୍କୀ, ନୟାଗଡର ଡକ୍ଟର ଅରୁଣ ସାହୁ, ବଡ଼ମ୍ବାର ଶୁଭାସିନୀ ଜେନା, କେନ୍ଦ୍ରାପଡାରୁ ଗଣେଶ୍ୱର ବେହେରା, ପାଟକୁରାରୁ ଅରବିନ୍ଦ ମହାପାତ୍ର, ବରିର ବିଶ୍ୱରଂଜନ ମଲ୍ଲିକ, ରାଜନଗରର ଧ୍ରୁବଚରଣ ସାହୁ, ଭୋଗରାଇରୁ ଗୌତମବୁଦ୍ଧ ଦାସ, ତାଳଚେରରୁ ବ୍ରଜକିଶୋର ପ୍ରଧାନ, ଦଶପଲ୍ଲାର ରମେଶ ଚନ୍ଦ୍ର ବେହେରା, ଚୌଦ୍ୱାର-କଟକର ସୌଭିକ ବିଶ୍ୱାଳ, ଭଣ୍ଡାରିପୋଖରୀର ସଂଜୀବ କୁମାର ମଲ୍ଲିକ, ପୁରୀର ସୁନିଲ କୁମାର ମହାନ୍ତି, ସାଲେପୁରର ପ୍ରଶାନ୍ତ ବେହେରା, ଜଟଣୀର ବିଭୂତି ବଳବନ୍ତରାୟ, ବାଲିଗୁଡାର ଚକ୍ରମଣୀ କହଁର, ସୋରର ମାଧବ ଧଡା, ବାଙ୍କିର ଦେବୀରଂଜନ ତ୍ରିପାଠୀ, ଜୟଦେବର ନବକିଶୋର ମଲ୍ଲିକ, ପ୍ରମୁଖ ରହିଛନ୍ତି।

ସେହିଭଳି ବିଜେଡିକୁ ଢଳୁଥିବା ସମ୍ଭାବ୍ୟ ବିଜେପି ବିଧାୟକଙ୍କ ମଧ୍ୟରେ ରହିଛନ୍ତି ହିନ୍ଦୋଳରୁ ସୀମାରାଣୀ ନାୟକ, ଅତାବିରାର ନିହାର ମହାନନ୍ଦ, ସିମୁଳିଆର ପଦ୍ମଲୋଚନ ପଣ୍ଡା, ଆସିକାର ସରୋଜ ➪ ପୃଷ୍ଠା-୬

## ମେଘନାଦ ପାଚେରିରେ ଫାଟ



**ପୁରୀ, ୩।୧୧ (ସଂଚାର ବ୍ୟୁରୋ):** ଶ୍ରୀମନ୍ଦିରର ସୁଉଚ୍ଚ ସୁଦୀର୍ଘ ସୁରକ୍ଷା ପାଚେରି । ୨୦ ଫୁଟ ଉଚ୍ଚ ଓ ୬ଫୁଟ ପ୍ରସ୍ତ ବିଶିଷ୍ଟ ଏହି ପ୍ରାଚୀର ଶ୍ରୀମନ୍ଦିରର ସୁରକ୍ଷା ବଳୟ ଭାବରେ କାହିଁ କେତେ ଯୁଗରୁ ଛିଡା ହୋଇଆସିଛି । କୁହାଯାଏ ଏହା ସମୁଦ୍ରର ଘୁ ଘୁ ଶବ୍ଦକୁ ମଧ୍ୟ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରିବାକୁ ଦିଏ ନାହିଁ । ହେଲେ ବିଡମ୍ବନାର ବିଷୟ ଯାହାକୁ ଶବ୍ଦ ଭେଦ କରିପାରିଲା ନାହିଁ, ➪ ପୃଷ୍ଠା-୬

## ୧୦ରୁ ଟ୍ରକ ଧର୍ମଘଟ!

**ଭୁବନେଶ୍ୱର,୩।୧୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କୁ ଲଘୁ ଖଣିଜ ପରିବହନ କରୁଥିବା ମିଳିତ ଟ୍ରକ ମାଲିକ ସଂଘର କଡ଼ା ଚେତାବନୀ। ୯ ତାରିଖ ସୁଦ୍ଧା ବାଲି ପରିବହନ ସମସ୍ୟା ସମେତ ଲଘୁ ଖଣିଜ ପରିବହନ ନେଇ ଥିବା ୧୧ ଦଫା ଦାବି ପୂରଣ ନ କଲେ ୧୦ ତାରିଖରୁ ଲଘୁ ଖଣିଜ ପରିବହନବନ୍ଦ କରାଯିବ। ଖୋର୍ଦ୍ଧା ଟ୍ରକ ମାଲିକ ସଂଘ ଆହ୍ୱାନକ୍ରମେ ପ୍ରାୟ ୧୦ ଜିଲ୍ଲାର ୧୫ ଟ୍ରକ ମାଲିକ ସଂଘର ମିଳିତ ବୈଠକରେ ଏଭଳି ନିଷ୍ପତ୍ତି ହୋଇଛି। ନଦୀ ବାଲି ପରିବହନ କ୍ଷେତ୍ରରେ ସୁବ୍ୟବସ୍ଥା ନ ଥିବାରୁ ଅନେକ ସମୟରେ ଟ୍ରକ ମାଲିକମାନେ ପରିବହନ ବିଭାଗ ଓ ଲଘୁ ଖଣିଜ ବିଭାଗ ଅଧିକାରୀଙ୍କ ଦ୍ୱାରା ଶୋଷଣର ଶିକାର ➪ ପୃଷ୍ଠା-୬

## ପିକେ ଓ ଶକ୍ତିକାନ୍ତ ସର୍ବାଧିକ ପ୍ରଭାବଶାଳୀ ଅଫିସର

**ଭୁବନେଶ୍ୱର,୩।୧୧ (ସଂଚାର ବ୍ୟୁରୋ):** ଦେଶର ପ୍ରଭାବଶାଳୀ ଅଧିକାରୀଙ୍କ ତାଲିକାରେ ଦୁଇ ଓଡ଼ିଆ। 'ଇଣ୍ଡିଆ ଟୁଡେ'ର ସ୍ୱତନ୍ତ୍ର



ସଂସ୍କରଣରେ ସ୍ଥାନ ପାଇଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଏବଂ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ।

'ହାଇ ଆଣ୍ଡ ମାଇଟି- ଦି ଅଲଟିମେଟ୍ ପାୱାର ଲିଷ୍ଟ ୨୦୨୪'ରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ମିଶ୍ର ପ୍ରଥମ ସ୍ଥାନରେ ଓ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ତୃତୀୟ ସ୍ଥାନରେ ରହିଛନ୍ତି। 'ଇଣ୍ଡିଆ ଟୁଡେ'ର ଏହି ସଂସ୍କରଣର ପ୍ରଭାବଶାଳୀ ରାଜନେତାଙ୍କ ତାଲିକାରେ ପ୍ରଥମ ସ୍ଥାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥିବା ବେଳେ ବ୍ୟବସାୟୀ ତାଲିକାରେ ମୁକେଶ ଅମ୍ବାନୀ ପ୍ରଥମ ଓ ଆଇକନ ତାଲିକାରେ ଅମିତାଭ ବଚ୍ଚନ ପ୍ରଥମ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରଧନମନ୍ତ୍ରୀଙ୍କ ସୁରକ୍ଷା ପରାମର୍ଶଦାତା ଅଜିତ ➪ ପୃଷ୍ଠା-୬

## ଏନ୍‌ସିବି ହାତରେ ଗଞ୍ଜେଇ ମାଫିଆ



**ଭୁବନେଶ୍ୱର ୩।୧୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ମୁମ୍ବାଇ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଟିମ୍। ଗଞ୍ଜେଇ ଚାଲାଣ ମାମଲାରେ ନିଲୁ ପ୍ରଧାନକୁ ଉଠାଇନେଲା ଏନ୍‌ସିବି। ଗଞ୍ଜାମ ଅଞ୍ଚଳର ନିଲୁ ମୁମ୍ବାଇର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ମୁମ୍ବାଇ ଏନ୍‌ସିବିର ➪ ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ

- ଶ୍ରୀନଗର ଟିଆରସି ନିକଟରେ ରବିବାର ଏକ ଜନଗହଳିପୂର୍ଣ୍ଣ ବଜାରରେ ଆତଙ୍କବାଦୀମାନେ ଗ୍ରେନେଡ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ୧୨ରୁ ଅଧିକ ଜନସାଧାରଣ ଆହତ ହୋଇଥିଲା ବେଳେ ସେମାନଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଛି।
- ଜଳବାୟୁ ପରିବର୍ତ୍ତନ ଦ୍ୱାରା ୨୦୭୦ ସୁଦ୍ଧା ଏସିଆ ଏବଂ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଜିଡିପିରେ ୧୬.୯% ହ୍ରାସ ଘଟିବ। ଭାରତ ଜିଡିପିର ୨୪.୭% ହ୍ରାସ ପାଇପାରେ ବୋଲି ଏସିଆନ୍ ଡେଭଲପମେଣ୍ଟ ବ୍ୟାଙ୍କ ରିପୋର୍ଟରେ କୁହାଯାଇଛି।
- ନଭେମ୍ବର ୯ ରେ ଥିରୁବନନ୍ତପୁରମ୍ ଅନ୍ତର୍ଜାତୀୟ ବିମାନବନ୍ଦରର ରନୱେ ଅପରାହ୍ଣ ୪ରୁ ରାତି ୯ ପର୍ଯ୍ୟନ୍ତ ପାଞ୍ଚ ଘଣ୍ଟା ବନ୍ଦ ରହିବ। ୧୯୩୨ ମସିହାରୁ ଏହି ନିୟମ ଚଳିଆସୁଛି। ପ୍ରତିବର୍ଷ ଦୁଇଥର ଏଠାରେ ବିମାନ ଚଳାଚଳ ବନ୍ଦ ହୋଇଥାଏ।
- ତାମିଲ ମେଗାଷ୍ଟାର ଥାଲପତି ବିଜୟଙ୍କ ପାର୍ଟି ତାମିଲଗା ଭେଟ୍ରି କାଝଗମ(ଟିଭିକେ) ରବିବାର କେନ୍ଦ୍ର ସରକାରଙ୍କ ଏକ ସମୟରେ ନିର୍ବାଚନ ନିଷ୍ପତ୍ତିକୁ ବିରୋଧ କରି ସଂକଳ୍ପ ପାରିତ କରିଛି। ଏହାସହିତ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନଙ୍କ ମଧ୍ୟ ସମାଲୋଚନା କରିଛନ୍ତି ବିଜୟ।
- ବିମାନ ବନ୍ଦର, ପ୍ରଧାନମନ୍ତ୍ରୀଙ୍କ ଅଫିସ ଆଦିକୁ ବୋମାରେ ଉଡ଼ାଇ ଦେବା ଲାଗି ଧମକ ଦେଉଥିବା ଜଣେ ଯୁବ ମରାଠୀ ଲେଖକଙ୍କୁ ମହାରାଷ୍ଟ୍ରର ନାଗପୁରରୁ ଗିରଫ କରାଯାଇଛି। ଯୁବକଙ୍କ ନାମ ଜଗଦୀଶ ଉଇକି। ସେ ଶହେରୁ ଊର୍ଦ୍ଧ୍ୱ ଧମକପୂର୍ଣ୍ଣ କଲ୍, ମେସେଜ ଓ ମେଲ୍ କରିଥିବା ଜଣାଯାଇଛି।
- ବନ୍ଦ ହେଲା ପ୍ରସିଦ୍ଧ କେଦାରନାଥ ପୀଠ। ଶୀତ ଋତୁ ପାଇଁ ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନା ପରେ ରବିବାର ବାବା କେଦାରନାଥ ପୀଠ କପାଟକୁ ବନ୍ଦ କରାଗଲା। ୬ ମାସ ପରେ ଖୋଲିବ ବୋଲି ଜଣାପଡିଛି।

# ଅସନ୍ତୋଷ ଯୋଗୁଁ ମୁହଁ ଲୁଚାଇଲେଣି ମୁଖପାତ୍ର

- ବିଜେଡିରେ ବିସ୍ଫୋରକ ସ୍ଥିତି
- କାମ ଚଳାଉଛନ୍ତି ଲେଲିନ୍-ପ୍ରିୟବ୍ରତ ଯୋଡ଼ି

**ଭୁବନେଶ୍ୱର, ୩।୧୧ (ସଂଚାର ବ୍ୟୁରୋ):** ଦଳରେ ପ୍ରବଳ ଅସନ୍ତୋଷ ଯୋଗୁଁ ନୂଆ ସରକାରକୁ ମୁକାବିଲା ପାଇଁ ତାଲିକାଭୁକ୍ତ ହୋଇଥିବା ୧୪ ରାଜ୍ୟସ୍ତରୀୟ ମୁଖପାତ୍ରଙ୍କ ମଧ୍ୟରୁ ଅନେକ ମୁହଁ ଲୁଚାଇଲେଣି। ସେମାନେ ଗଣମାଧ୍ୟମ ସାମ୍ନାକୁ ଆସୁନଥିବାବେଳେ ଲେନିନ୍-ପ୍ରିୟବ୍ରତ ଯୋଡି କାମ ଚଳାଇ ନେଉଛନ୍ତି। କୌତୁହଳର କଥା ହେଉଛି ମୁଖପାତ୍ର ତାଲିକାରେ ଏମାନଙ୍କ ମଧ୍ୟରୁ ଜଣଙ୍କର ନାଁ ନାହିଁ।

ରାଜ୍ୟରେ ନୂଆ ସରକାର ଗଠନ ପରେ ବିରୋଧିଦଳ ନେତା ନବୀନ ପଟ୍ଟନାୟକ ୧୯ଜଣିଆ ମୁଖପାତ୍ରଙ୍କ ନାଁ ଘୋଷଣା କରିଥିଲେ। ଏଥି ମଧ୍ୟରେ ୧୪ଜଣ ରାଜ ସ୍ତରୀୟ ମୁଖପାତ୍ର ଥିବାବେଳେ ୫ଜଣ ରାଷ୍ଟ୍ରୀୟ ମୁଖପାତ୍ର। ରାଜ୍ୟ ମୁଖପାତ୍ର ତାଲିକାରେ ପ୍ରସନ୍ନ ଆଚାର୍ଯ୍ୟ, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସୁଦାମ ମାରାଣ୍ଡି, ଡକ୍ଟର ଅରୁଣ ସାହୁ, ଦେବୀ ରଞ୍ଜନ ତ୍ରିପାଠୀ, ପ୍ରମିଳା ମଲ୍ଲିକ, ସୁଲତା ଦେଓ, ରମେଶ ଚନ୍ଦ୍ର ମାଝି, ଲେନିନ୍ ମହାନ୍ତି, ଭୃଗୁ ବକ୍ସିପାତ୍ର ଓ ପ୍ରତାପ ଦେବଙ୍କ ଭଳି ନେତା ରହିଥିବାବେଳେ ଜାତୀୟ ମୁଖପାତ୍ର ତାଲିକାରେ ସଂତୃପ୍ତ ମିଶ୍ର, କଳିକେଶ ନାରାୟଣ ସିଂହଦେଓ, ଅମର ପଟ୍ଟନାୟକ, ସସ୍ମିତ ପାତ୍ର ଓ ପ୍ରଦୀପ ମାଝି ପ୍ରମୁଖ ରହିଛନ୍ତି।

ତେବେ ଏହି ଦୁଇ ତାଲିକାରେ ନାମ ଥିବା ଅନେକଙ୍କୁ ତାଲିକା ପ୍ରସ୍ତୁତ ଦିନଠାରୁ ଦେଖିବାକୁ ମିଳୁନାହିଁ। ଯେତେବେଳେ





କୌଣସି ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା ଆବଶ୍ୟକ ହେଉଛି ରାଜ୍ୟ ତାଲିକାରେ ଥିବା ଲେନିନ୍ ମହାନ୍ତି ଓ ତାଲିକାରେ ନଥିବା ପ୍ରିୟବ୍ରତ ମାଝି ଗଣମାଧ୍ୟମ ସାମ୍ନାକୁ ଆସୁଛନ୍ତି। ସେହିଭଳି ତାଲିକାରେ ନଥିବା ସଞ୍ଜୟ ଦାଶବର୍ମା ଓ ତୁମ୍ବନାଥ ପଣ୍ଡାଙ୍କୁ ବି ବାରମ୍ବାର ଦେଖିବାକୁ ମିଳୁଛି। ଆଦିବାସୀ ନେତା ସୁଦାମ ମାରାଣ୍ଡି, ରମେଶ ମାଝି ଓ ଯୁବ ବିଧାୟକ କଳିକେଶ ସିଂହଦେଓ ଏପର୍ଯ୍ୟନ୍ତ କୌଣସି ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରିବା ଦେଖିବାକୁ ମିଳିନାହିଁ।

ତେବେ ମୁଖପାତ୍ରମାନଙ୍କ ଏଭଳି ମୁହଁ ଲୁଚାଇବା ପଛରେ ଦଳୀୟ ଅସନ୍ତୋଷ ବୋଲି କୁହାଯାଉଛି। ବିଜେଡି ଏବେ ଯେଭଳି ଭାଗ ଭାଗ ହୋଇ ପରସ୍ପରର ଗୋଛି କାଟିବାରେ ବ୍ୟସ୍ତ ରହିଛନ୍ତି ତାହା ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା। ଖୋଦ୍ ନବୀନଙ୍କ ସାମ୍ନାରେ ବି ଏମାନେ ତୁ ତୁ ମେଁ ମେଁ ହେଉଛନ୍ତି। ତେଣୁ ଅଧିକାଂଶ ମୁଖପାତ୍ର ଅସନ୍ତୋଷ ଯୋଗୁଁ ସରକାରଙ୍କୁ ସମାଲୋଚନା ପାଇଁ ଆସିବାକୁ ରାଜି ହେଉନାହାନ୍ତି। କିଛି ନା କିଛି ବାହାନା କରି ଏଡାଇ ଯାଉଛନ୍ତି। ଅଭିଜ୍ଞ ଓ ବରିଷ୍ଠଙ୍କ ଅନୁପସ୍ଥିତିରେ ନିର୍ବାଚନ ଦେଖିନଥିବା ମୁଖପାତ୍ର ଏବେ ବିରୋଧିଦଳର ଆଖି-କାନ ସାଜିଛନ୍ତି। ତେବେ ଏମାନଙ୍କ କଥାକୁ ସରକାର ତ ଦୂରରକଥା ସାଧାରଣ ଲୋକେ ବି ଗ୍ରହଣ କରୁନଥିବା ଦେଖିବାକୁ ମିଳୁଛି।

ମୁଖପାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଯୋଗୁଁ ଆଦିବାସୀ ଅଞ୍ଚଳରେ ଆମ୍ବଟାକୁଆ ଖିଆ ପ୍ରସଙ୍ଗରେ ବିଜେଡିରେ ଜଣେ ହେଲେ ଆଦିବାସୀ ନେତା କିମ୍ବା ମୁଖପାତ୍ର ଆଗକୁ ଆସିଲେ ନାହିଁ। ସେହିଭଳି ଅନେକ ପ୍ରସଙ୍ଗରେ ପ୍ରସନ୍ନ ଆଚାର୍ଯ୍ୟ କିମ୍ବା ସୁଦାମ ମାରାଣ୍ଡିଙ୍କ ଭଳି ଅଭିଜ୍ଞଙ୍କ ଦେଖାଦର୍ଶନ ମିଳୁନାହିଁ। ବିଜେଡିର ଏଭଳି ଅବସ୍ଥା ଦେଖି ଦଳୀୟ କର୍ମୀମାନେ ଏବେ କହିଲେଣି 'ବଡ ବଡ ଗଲେ ଫସର ଫାଟି- ସାନ ଆସିଛନ୍ତି ବେସର ବାଟି'। ରାଜନୈତିକ ଜୀବନକାଳରେ ସରପଞ୍ଚଟିଏ ହୋଇପାରନଥିବା ନେତାମାନେ ଯେଭଳି ବିଜେଡି ପାଇଁ ଓକିଲାତି କରୁଛନ୍ତି ଓ ଜାତୀୟ ଦଳ ବିଜେପିକୁ ସମାଲୋଚନା କରୁଛନ୍ତି ଏହା ବିଜେଡିରେ ସବୁକିଛି ଠିକ୍ ଠାକ୍ ନାହିଁ ବୋଲି ଦର୍ଶାଇ ଦେଉଛି। ଏଭଳି ସ୍ଥିତି ଦେଖି ଏବେ ବିଜେପିର ନେତାମାନେ ବିଜେଡି ଗୋଟିଏ ଚୁଟ୍‌କିରେ ଭାଙ୍ଗିଯିବ ବୋଲି କହିବା ଆରମ୍ଭ କରିଦେଲେଣି। ତେବେ ବିଜେଡି କର୍ମୀଙ୍କ କହିବାକଥା ଯେ ଦଳର କିଛି ➪ ପୃଷ୍ଠା-୬



ବିଷ୍ଣୁ ପ୍ରସାଦ ମିଶ୍ର

## ହୀମର ସକାଳ

ହୀମ ପରଶରେ ସରସତା ଜାଗେ
ଷୋରିଷ ଫୁଲିଆ ଅଳସୀ କ୍ଷେତେ ,,
କୁଆଁରୀ ଖରାର ଉଷୁମ ଯୋଗାଏ
ଅଳସତା ତୁଟେ ସକାଳୁ ଗାତ୍ରେ ।୦।

ସକାଳ ସୂରୁଜ ମୁରୁଜ ବୁଣଇ
ପାହାଡ଼ର କୋଣୁ ଶିଶିର ଛୁଇଁ ,,
ଧରଣୀ ପରିଧା ସବୁଜ ହରୀତେ
ଶସ୍ୟ ଶ୍ୟାମଳୀନି ହସନ୍ତି ଚାହିଁ ।୧।

ପତରେ ପତରେ କାକର ଟୋପାରେ
ଶୋଭା ମୁକ୍ତାବିନ୍ଦୁ ପ୍ରଭାତୀ ଧାରେ ,,
ଅଭାବ କି'ଅବା ପ୍ରକୃତୀ ନିକଟେ
ରତ୍ନରାଜି ଶୋଭା କିରଣେ ଝରେ ।୨।

ଅଳସ ତୁଟାଇ କୃଷକ ଛୁଟଇ
ବରଷକ ଆଶା ମନରେ ରଖି ,,
କ୍ଷେତରେ ଦେଖିବ ପରିଶ୍ରମ ମୂଲ
ପାଇବାକୁ ତାର ହରଷ ଲାକ୍ଷୀ ।୩।

କଅଁଳ ଖରାରେ ଗାଧୁଆ ତୁଠରେ
କୁଆଁରୀ ମେଳରେ ପାଦକୁ ଘଷେ ,,
ପାଉଁଝି ସୁର ତା ମନ ଚମକାଏ
ମନେ ଅସୁମାରୀ ଭାଷା ତା ଭାଷେ ।୪।

ମନ୍ଦିରେ ସଧିରେ ପୂଜା ମାନସରେ
ଚଳନ୍ତି ହରସେ ପ୍ରଭାତ ଜାଣି ,,
ବିପ୍ର ବାକ୍ଯ ଶୁଭେ ମନ୍ତ୍ର ବେଦ ସ୍ୱର
ଦ୍ୱିଜଗଣ ଙ୍କର କାକଳି ଧ୍ୱନି ।୫।

ପ୍ରଭାତେ ସଜାନ୍ତି ପ୍ରକୃତୀ ସଂମ୍ଭାର
ପ୍ରକୃତୀରାଜା"କୁ ସ୍ୱାଗତେ ବରି ,,
ସ୍ୱୀକୃତି ଦିଅଇ ମନ୍ଦ ମନ୍ଦ ଧାରେ
ପବନ ପଲ୍ଲବ କର ପ୍ରସାରି ।୬।

ଜଗତ ଚଞ୍ଚଳ ଯେ"ଝା କର୍ମପଥେ
ଶ୍ରମ ସାର୍ଥକତା କରମ ତୀରେ ,,
ହୀମ ସକାଳ ର ସରସତା ଯାଗେ
ଆବାଳବୃଦ୍ଧ ବନୀତା ନିକରେ ।୭।

ରଥଶର୍ମା କଲୋନୀ
**କୋରାପୁଟ**
ମୋବାଇଲ୍: ୯୧୨୪୦୪୯୧୨୯



ପୁଷ୍ପଲତା ମିଶ୍ର

## ଅବୁଝା ପ୍ରିୟକୁ ବୁଝାଇବ କିଏ

ତୁମକୁ ମୁଁ ପୂଜେ ମୋ ମନ ମନ୍ଦିରେ
ମୁଁ ତୁମର ପୂଜା ଫୁଲ,
ବୁଝିବାର ଶକ୍ତି ଥିଲା ତୁମ ପାଖେ
କେତେ କଥା କୁହ ଭଲ।।
ଏବେ କାହିଁ ତୁମେ ଅବୁଝା ହେଉଛ
କେତେ ବୁଝେଇବି ଆଉ,
ତୁମେ ତ ମୋହର ମନ ର ମଣିଷ
କାହାକୁ କହିବି ଆଉ।।
ସକଳ ବିଦ୍ୟା ତ ଅଛି ତୁମ ପାଶେ
ମୁଁ ମାଟର ବାଲି ରେଣୁ,
ତୁମ ବାହୁ ତଳେ ଆଶ୍ରିତ ମୁଁ ସତେ
ତୁମ ଡାକ ଶୁଣୁ ଶୁଣୁ।।
କେତେ ଯେ ସପନ ଦେଖିଛେ ନିଶି ରେ
ଏକା ଏକା ଚେଇଁ ଚେଇଁ,
ସବୁ ସ୍ୱପ୍ନ ଆଜି ସାକାର ହୋଇଛି
ମନ ଦୁଃଖ କର କାହିଁ ?।
ତୁମେ ମୋ ସ୍ପନ୍ଦନ ମୋ ହୃଦ ଚନ୍ଦନ
ତୁମେ ମୋର ଅତି ପ୍ରିୟ,
ଅବୁଝା ପ୍ରିୟ ମୋ ବୁଝି ଯାଅ ବାରେ
ପ୍ରଭୁ ହୋଇବେ ସହାୟ ।।

**ଭୁବନେଶ୍ୱର**
ମୋବାଇଲ୍: ୯୩୩୮୨୯୪୬୫୭





ଡ. ତାନଶ୍ରୀ ପାଣିଗ୍ରାହୀ

## କାଗଜ କଲମ ଆମରି ଜୀବନ

କାଗଜ କଲମ ଆମରି ଜୀବନ
ଜନ୍ମ ଜନ୍ମାନ୍ତର ସାଥୀ
ଜଣେ ପ୍ରାଣ ହେଲେ ଅନ୍ୟଟି ହୃଦୟ
ପରିଚୟ ନିତିନିତି...

କଳପନା ଆଣେ ପ୍ରତିଟି ହୃଦୟେ
ଭାଷାର କୋଣାର୍କ ଗଢେ
ଯୁଗଯୁଗ ଧରି ମନେ ଇନ୍ଦ୍ରଧନୁ
ସୃଷ୍ଟିର ସୌନ୍ଦର୍ଯ୍ୟ ବାଢେ...

କଲମ କାଗଜ ବାଲ୍ୟ ବନ୍ଧୁ ଆମ
ମନେପଡ଼େ ପିଲାଦିନ
କଅଁଳ ହାତରେ ଯେବେ ଲେଖିଥିଲି
ଅଭୁଲା ସେ ଖୁସିଦିନ...

ସ୍ୱଚ୍ଛତା ମନର ଅସୁମାରୀ ଇଚ୍ଛା
ଚିନ୍ତା ଚେତନାର ସଙ୍ଗେ
ସତ୍ୟର ସନ୍ଧାନ ସମାଜେ ଦିଏ ସେ"
ବିବିଧ ଭାଷାର ରଙ୍ଗେ...

କହିପାରେ ନାହିଁ ମୋ ପ୍ରିୟଙ୍କୁ ଯେବେ
ମନର ଅକୁହା କଥା
ତୁମେ ଲେଖିଥାଅ ଭାବ କୁସୁମରେ
ମୋ ହୃଦ ଗହନ କଥା...

ମାଆ ବାଗ୍ଦେବୀଙ୍କ ପୂଜା ପୋଥି ତୁମେ
ଶବ୍ଦ ଗୁନ୍ଥା ଫୁଲହାର
କାଳର ବକ୍ଷରେ କାଳଜୟୀ ତୁମ
ଅମୂଲ୍ୟ ଅମର ଗାର ।।

**ବାଲେଶ୍ୱର**
ମୋବାଇଲ୍: ୯୩୩୭୩୦୪୨୯୫



ସ୍ୱାଗତିକା ସାହୁ

## ଚିଠି ବାସୁଛି ତୁଳସୀ ତୁଳସୀ

ବତୁରା ଲୁହର ଶବ୍ଦରେ
ବତୁରା ସପନ ମନରେ
ବତୁରା ଚିଠିର ପୃଷ୍ଠାରେ
ବାତୁରା ଭାବନା କ୍ଷଣରେ
ରୁହ ପ୍ରତି ମୁହୂର୍ତ୍ତରେ...
ପ୍ରତୀକ୍ଷା ଭୂମିଷ୍ଠ ହୋଇଛି
ଅପେକ୍ଷାର ଚିଠି ଆସିଛି
ମହଣେ ପରଶ ପାଇଛି
ତୁଳସୀ ତୁଳସୀ ବସୁଛି
ମିଠା ବାସ୍ନା ବିଞ୍ଚି ହୋଇଛି
ତୁମ ଚିଠିର ମନଃସ୍ତତ୍ତ୍ୱ
ପାଲଟିଯାଉ ନିମନ୍ତ୍ରୀତ
ମୋ ନିର୍ବାଣ ପାଇଁ ସଞ୍ଚିତ
ସବୁତକ ବାଳକା ଆସ୍ତିତ୍ତ୍ୱ
ପାଇଯାଏ ସତେ ମୋକ୍ଷତ୍ତ୍ୱ
ଅସରା ଜୀବନ ଭିତରେ
ଅସରା ଲିଖନି ମୁନରେ
ଅସରା ମନ ଇଲାକାରେ
ଅସରା ସେ ଦିପ୍ତ ଚକ୍ଷୁରେ
ହଁ,ତୁମେ ହିଁ ମୋ ଭିତରେ
ହୋଇଛି କଳ୍ପନା ବିଳାସୀ
ଦେହ ଦେଉଳେ
ଦେବଦାସୀ
ଚିଠି ତୁମ ଭାରି ସରସୀ
ହୃଦରେ ସାଇତେ ମନାସି
ଆଖି ଲୁହ ଭରେ କଳସୀ
ଆଖି ହଳକ ପିଇଯାଏ
ତୁମ ଦିବ୍ୟ ଶବ୍ଦ ଚେନାଏ
ଅଳ୍ପ ଇସାରାରେ ଲମ୍ଫଦିଏ
ତୃପ୍ତି ତୃଷ୍ଣାରେ ଜୀଇଁଯାଏ
ପାଏରେ ସନ୍ତୋଷ ମୁଠାଏ
ତୁମ ଚିଠିର ମାଦକତା
ଭରେ ଉଷ୍ଣ ପ୍ରସନ୍ନତା
ଲୁହରେ ଖୋଜେ ସ୍ୱର୍ଣତା
ଜୀବନେ କୃତାର୍ଥେ ସାଇତା
କରାଏ ଜନ୍ମ ସଫଳତା

**ଉମରକୋଟ**
**ନବରଙ୍ଗପୁର**





ଡଃ ନାରାୟଣ ଚନ୍ଦ୍ର ସେନାପତି

## ଅବୁଝା ପ୍ରିୟାକୁ ବୁଝେଇବ କିଏ

ଟିକିଏ ଗେହ୍ଲେଇ ଟିକିଏ ଫୁଲେଇ
ଅଭିମାନିନୀ ମୋ ପ୍ରିୟା
ଧାଡିଏ ପଢ଼ିଲେ ଗାଡ଼ିଏ ବୁଝି ସେ
ଫଟାଏ ସାରା ଦୁନିଆଁ।

କଅଁଣ ଟିକିଏ କାନରେ ପୁରାଇ
ସାଜେ ସେ ନାକ କାନ୍ଦୁରି
ଯେତେ ବୁଝାଇଲେ ଜମା ବୁଝେ ନାହିଁ
ଲାଗେ ବାଣ ଫୁଲ ଝରି।

ଯାହା ବୁଝିଥାଏ ତାହା ଠିକ୍ ଭାବେ
କାହା କଥା ଶୁଣେ ନାହିଁ
ତା ସ୍ୱଭାବ ଦେଖି ଭାବେ ମୁଁ ବିକଳେ
ସିଏ ଖରା ମୁଁ ଛାଇ।

ତିଳକୁ ତାଳ ସେ କରେ ସବୁ କିଛି
ଶୁଣେ କମ୍ ବୁଝେ ବେଶି
ନିଆଁ ନ ଥାଇ ବି ଧୂଆଁ ଗଣୁଥାଏ
ମରୀଚିକା ପରେ ବସି।

ଭାବେ ମୋର ଶିକ୍ଷା ଦୀକ୍ଷା ଯାହା ଅଛି
ତା ପାଇଁ ଅଦରକାରୀ
ସେ ଏକ ଏମିତି ଏକ ମୁହାଁ ଜୀବ
ଭାଷା ବିହୀନ ସାୟେରୀ।

ଅସ୍ଥିର ମନ ତା ପରିଚୟ ଦିଏ
ସବୁଠୁ ବଡ ଅବୁଝା
ଧୈର୍ଯ୍ୟ ଧରି ଯଦି କରନ୍ତା ଚିନ୍ତନ
ଲାଗନ୍ତାନି ଦରସିଝା।

ତଥାପି ମୁଁ ତାକୁ ଭଲପାଏ କେତେ
ଭାବି ମୋ ହୃଦୟ ରାଣୀ

ତା ପ୍ରେମ ପୀରତି ମୋ ପାଇଁ ଅଭୁଲା
ସେ ପରା ମୋର କାହାଣୀ।

ଜାଣେ ମୋତେ ସିଏ ଖୁବ୍ ଭଲ ପାଏ
ତାର ଜୀବନ ଠୁ ବେଶି
ସେଥିପାଇଁ ଟିକେ କଥାରେ ଅବୁଝା
ହୋଇ କାନ୍ଦେ ଦିବା ନିଶି।

ବେଳେ ବେଳେ ମୋର ମନ କଷ୍ଟ ହେଲେ
ହୃଦୟକୁ କହେ ଧୀରେ
ଅବୁଝା ପ୍ରିୟାକୁ ବୁଝେଇବ କିଏ
ମିଛ ମାୟା ଏ ସଂସାରେ ?

ଜମ୍ବ୍ରା,କେନ୍ଦୁଝର



ରିତୁନ ମିଶ୍ର

ବିଧ୍ୱଂସୀ ସିପାହୀ
କାକର ବିନ୍ଦୁରେ ଭାରତର ଛାଇ
ଛୋଟ ଏଇ ପୃଥିବୀରେ ଆଉଁସି ଯାଏ ଅକ୍ଟୋବରର ପିଠି
ଆଖିରେ ସୂର୍ଯ୍ୟର ଇସାରା, ସବୁକିଛି ନୂଆ ନୂଆ
କାଲିଠାରୁ ଆଜି ସବୁ ନିଆରା ନିଆରା...

କାନ୍ଥରେ କ୍ୟାଲେଣ୍ଡର, କ୍ୟାଲେଣ୍ଡରରେ ସନ ତାରିଖ
କପୋତ ଗୋଡ଼ରେ କୁଶ, କଥାରେ କଥାରେ କଞ୍ଚା ରକ୍ତଗନ୍ଧ
ପବନରେ ବାରୁଦ, ଘର ସାରା ଧୂଆଁ ଭର୍ତ୍ତି
ଥାଳିରେ ପିଆଲାରେ ପ୍ରତିହିଂସା
ଏଠି କେଉଁ କାଳୁ ମଣିଷ ଛାତିରୁ ଉଡ଼ିଗଲାଣି
ରଙ୍ଗପରି ଗନ୍ଧପରି ଦରଦ...

ସବୁ ଇତିହାସ ହୋଇ ରହିଛି
ଆମ ପାଇଁ କାଲିକଥା କଳଙ୍କିଲାଗି
ବନ୍ଦେ ମାତରଂ, ଦିଲ୍ଲୀ ଚଲୋ
କର ବା ମର, କାଶ୍ମୀରରୁ କନ୍ୟାକୁମାରୀ
ଏଇ ଦେଶ ଏଇ ମାଟି
ଆମେ ଯାର, ଏ ଆମରି ସବୁ ଏବେ ସ୍ୱପ୍ନ ପରି

ଗୋଟିଏ କାକର ବିନ୍ଦୁରେ
ଭାରତର ଛାଇ ଦିଶୁଛି କଳାଦାଗ ହୋଇ
ସେଇଠି ଅଛି-ସେଇଠି ନାହିଁ
ହାତ ପାପୁଲିରେ ରକ୍ତର ସ୍ୟାହି ବୋଲି
କ୍ଳୁପ୍ତ, କାକୁସ୍ତ, କୁତ୍ସିତ କଳାମୁହଁରେ
ଠିଆ ହୋଇଛି ଶାନ୍ତିର ଚିନ୍ତାକାଟି
ନିଷ୍ଠୁର ଏକ ବିଧ୍ୱଂସୀ ସିପାହୀ...

**ଅଲାରପୁର, ପୁରୀ**



# ଜଗନ୍ନାଥଙ୍କ କୃପା



ନିର୍ବିକାର ପ୍ରଭାତ

ପାଣ୍ଡବ ମଉସା ମୋର ପରିସ୍ଥିତିକୁ ହୃଦ୍‌ବୋଧ କଲେ। କିସ୍ତି ଅନୁସାରେ ଟଙ୍କା ପଇଠ କଲେ, ଶେଷ କିସ୍ତି ପରଦିନ ସେ ଆମ ଦୁହିଁଙ୍କ ନାମରେ ଜାଗା ରେଷ୍ଟି କରିଦେବେ। ପାଣ୍ଡବ ମଉସା ଶଶୁରଙ୍କ ପୁରାତନ ସହପାଠୀ, ଧନୀ, ମାନୀ ଓ ସମ୍ମାନସ୍ପଦ ବ୍ୟକ୍ତି। ପୁଅ-ଝିଅ ବିଦେଶରେ ପ୍ରତିଷ୍ଠିତ। ବୟସ ବ୍ୟବଧାନ ଦୃଷ୍ଟିରୁ ମାଉସୀ ପନ୍ଦର ବର୍ଷ ସାନ ହୋଇଥିବାରୁ, ଜଣେ ବାହାର ମହିଳାଙ୍କ ସହାୟତାରେ ସମସ୍ତ ଘରକାର୍ଯ୍ୟ କରନ୍ତି। ମଉସା ବଢ଼ି ଭୋରରୁ ଉଠି ଚାଲି ଚାଲି ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରନ୍ତି। ତାଙ୍କ ବଂଶଧର ରେଙ୍ଗୁନ୍ ବାସିନ୍ଦା । ତାଙ୍କ ଜେଜେଙ୍କ ବାପା ଜଗନ୍ନାଥ ସଂସ୍କୃତି ପ୍ରତି ଆକୃଷ୍ଟ ହୋଇ ପୁରୀରେ ଅବସ୍ଥାପିତ ବୋଲି ଶୁଣାଯାଏ। କଲେଜରେ ପଢ଼ିବା ବେଳେ ଯେଉଁ ବଗିଚାରୁ ଚାଉଳିଆ ତୋଳି ଖାଉଥିଲେ, ସେହି ପଡିଆରୁ ଚେନାଏ ଆମ ନାମରେ ଲେଖିଦେବେ ବୋଲି କହିଲେ। ଆମ ପୈତୃକ ଘରଡିହ ଜଗନ୍ନାଥ ସମ୍ପତ୍ତି। ବାପା କେବଳ ମାର୍ଫତଦାର। ଘରଡିହ ଭାଇ ମାନଙ୍କ ଭିତରେ ଭାଗ କରିବାରେ ସମସ୍ୟା ସୃଷ୍ଟି ହେବାରୁ ମଧ୍ୟସ୍ତି ବସାଇ ବାଣ୍ଟକୁଟ କରିବାର ନିଷ୍ପତ୍ତି ନିଆଗଲା। ହେଲେ ସେଥିରେ ଫେଲ୍ ମାରିଲୁ। ତହସିଲ ଯାଇ ଆଇନ ଅନୁସାରେ ବାଣ୍ଟକୁଟ କରିବାକୁ ଇଚ୍ଛା କରିଥିଲୁ । ଘରର ପଟ୍ଟା ଥିବା ସତ୍ତ୍ୱେ ତାହା ଭାଗ ହୋଇ ପାରିବ ନାହିଁ ଶୁଣି ଆମେ ସ୍ୱାମୀସ୍ତ୍ରୀ ନିରାଶ ହେଲୁ। ସାନ ଶଳାର ବିବାହ ଭୋଜିକୁ ପାଣ୍ଡବ ମଉସା ଆସି ପାରି ନଥିଲେ । ସେ ପରେ ନୂଆ ବୋହୂକୁ ଉପହାର ଦେବାକୁ ଆସି ପହଁଞ୍ଚିଲେ। ଆମକୁ ଘରଡିହ ଖଣ୍ଡେ କିସ୍ତି ଅନୁସାରେ ଦେବେ ବୋଲି କହିଲେ। ମଉସା ମାଉସୀଙ୍କ ପ୍ରତ୍ୟାବର୍ତ୍ତନ ପରେ ଆମେ ଆଲୋଚନାରେ ଲାଗିଗଲୁ। ବଡଘର ବଡଗୁମର କଥା। କଥା ପ୍ରସଙ୍ଗରେ କହି ଦେଇଥିବା କଥା ବାସ୍ତବିକ ରକ୍ଷାକରିବା କାଠିକର ପାଠ। କିସ୍ତି ପରେ କିସ୍ତି ଟଙ୍କା ଆକାଉଣ୍ଟକୁ ଟ୍ରାନ୍ସଫର କରିବା ପରେ ସହଜରେ ଜମି ହସ୍ତାନ୍ତର ହେବ ବୋଲି କୋଉ ଗ୍ୟାରେଣ୍ଟି ଅଛି ?-ଶଶୁର କହିଲେ।

ମନ ମରିଗଲା ଆମର । ଭଡାଘର ଯାଯାବର ହୋଇ କେତେଦିନ ବଞ୍ଚିବା? ମନକୁ ଶ୍ରୀଜଗନ୍ନାଥ ଦର୍ଶନରେ ହାଲୁକା କରିବା ଲାଗି ବାହାରି ପଡିଲୁ। ଠେଲାପେଲାକୁ ପ୍ରବଳ ଭୟ। ଠାକୁରଙ୍କ ଆଶୀର୍ବାଦରୁ ଭିତରେ ପ୍ରବେଶ କରି ଅନାୟାସରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ଆଶୀର୍ବାଦ ପାଇଲୁ। ଘର ସମସ୍ୟା ହେତୁ କିଛିଦିନ ପର୍ଯ୍ୟନ୍ତ ଆମେ ଅଶାନ୍ତିରେ ଦିନ କାଟିଲୁ। ନିଜଘରଠାରୁ ଦୂରରେ ଥିବା କାଳିଆକୁ ଦଶବର୍ଷରେ ଥରେ ଦର୍ଶନ କରିବାର ସୁଯୋଗ ମିଳେ। ପର୍ବ ପର୍ବାଣୀରେ ଦୂର ଦୂରାନ୍ତର ଭକ୍ତ ବଡ଼ଦାଣ୍ଡେ ଏକାଠି ହେଉଥିବା ବେଳେ

ଆମେ ସେଥିରୁ ବଞ୍ଚିତ ହେଉଥିଲୁ। ପୁରୀ ଫେରନ୍ତା ଝିଅର ସାଙ୍ଗମାନେ ବେଲୁନ୍ କଣ୍ଢେଇ ଆଣି ଦେଖାଇଲେ ମୋ ଝିଅ କାନ୍ଦି ପକାଏ- "ସମସ୍ତେ ବୁଲିବାକୁ ଯାଉଛନ୍ତି, ମୁଁ କୁଆଡେ ଯାଇ ପାରୁନି। ଖାଲି ସ୍କୁଲ ଯା, ଟୁସନ ଯା'। " ଆମ ମନ ଦୁଃଖ ହୁଏ। ଜଗନ୍ନାଥ ଦର୍ଶନ ଆମ ଭାଗ୍ୟରେ ନାହିଁ ବୋଲି ଭାବୁ। ସମୟ ଗଡି ଚାଲିଲା। ଭଡାଘରେ ପରାଧୀନତାର ଜୀବନ ନିର୍ବାହ ଦୁର୍ବିସହ ମନେ ହେଲା। ବଳରାମ ଦାସ ପୀଠରୁ ଶ୍ରୀମନ୍ଦିର ବହୁତ ଦୂର ଜଣାଗଲା। ଚାଲିଚାଲି ଭକ୍ତ ବଳରାମ ପୁରୀରେ ପହଞ୍ଚି ପାରୁଥିଲେ ହେଲେ ସବୁ ସୁବିଧା ଥାଇ ଆମେ ଯାଇ ପାରୁ ନଥିଲୁ। କାଳିଆର ଡୋର ଏଯାଏ ଆମକୁ ବାନ୍ଧି ପାରିନି ଭାବି ସ୍ତ୍ରୀର ଲୋତକ ବୋହି ପଡେ । କାଳିଆ ଠାକୁର କାହାର ଇଷ୍ଟ। ବଡ଼ଠାକୁର ହିଁ ବଳିଆରଭୁଜ। ସୁଭଦ୍ରାଙ୍କ ମମତାର ମହକ ପାଇଁ କେହି ମଧ୍ୟ ଆନ୍ଦୋଳିତ। ଆଖି ବୁଜିଲେ ହୃଦୟରେ ଉଦ୍‌ଭାସିତ ହୁଏ ପତିତପାବନ ବାନା, ନୀଳକନ୍ଦରର ଚକା ଚକା ଆଖି, ବିଶାଳ ପାରାବାର ଓ ନରେନ୍ଦ୍ରରେ ଚାପ। ଅଥଚ ଆମେ ଛୁଇଁ ପାରୁନୁ ଶରଧାବାଲିର ଶୁଦ୍ଧତା। ଶୁଣି ପାରୁନୁ କଳା କହ୍ନାଇର ଜଣାଣ ।ଶ୍ରୀମନ୍ଦିର କ'ଣ ଯାଇ ହେବନି ? ବଡ ଦେଉଳକୁ ଯିବା ଆଗରୁ ଘର ସମସ୍ୟାର ସମାଧାନ ହେବା ନିହାତି ଜରୁରୀ।

ଭଦ୍ରଲୋକ ଓ ଭାଇ ମାନଙ୍କୁ ବାର ବାର ନେହୁରା ହୋଇ ଭାଗ ବଣ୍ଟାରେ ବିଫଳ ହୋଇଥିଲି। ମନ୍ଦିର ପ୍ରଶାସନର ନିଷ୍ପତ୍ତି ଆଗରେ ଏମିତି କେତେ ମାର୍ଫତଦାର ନିରୂପାୟ ହେଉଥିଲେ। ଭାଗ୍ୟ ଆଦରି କାଳାତିପାତ କରୁଥିଲେ ଜଜମାନେ।

କିଛିଦିନ ପରେ ବ୍ୟାଙ୍କ ମ୍ୟାନେଜର ଡାକି ଲୋନ୍ କରାଇଦେଲେ। ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ କୃପାରୁ ପାଣ୍ଡବ ମଉସା ଆମ ନାମରେ ଛୋଟିଆ ପ୍ଲଟଟିଏ ରେଜିଷ୍ଟ୍ରେସନ କରି ଆରପାରିକୁ ଚାଲିଗଲେ। ଦିନେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ଅସମ୍ଭବ ହେଉଥିଲା। ଏବେ ବଳିଆରଭୁଜ ତଳେ ରହି ଆଧ୍ୟାତ୍ମିକ ଅମୃତ ଆସ୍ୱାଦନ କରୁଛୁ। ଜଗତରନାଥ ଜଗନ୍ନାଥ ଯାହା କରନ୍ତି ତାହା ପ୍ରାଣୀମାନଙ୍କ ମଙ୍ଗଳ ବୋଲି ଅନୁଭବ ହେଉଛି।

**ଗୋପ, ପୁରୀ**



ଚିନ୍ମୟୀ ପ୍ରିୟଦର୍ଶିନୀ

# ସ୍ୱାମୀ-ସ୍ତ୍ରୀ ଓ ବୁଝାମଣା

ଏ କେବଳ କେଇପଦ ଲେଖା ନୁହଁ କିଛି ମୋ ମନର କଥା, ଛୁଟିରେ ଆମେ ବୁଲିବାକୁ ଯାଇଥିଲୁ ମହାବଳିପୁରମ୍। ସେଠି ପହଞ୍ଚିଲାବେଳକୁ ପ୍ରାୟ ୪ଟା ପରେ ହେଇଯାଇଥିଲା। ରୁମ୍‌ରେ ଟିକେ ଫ୍ରେସ୍ ହେଇ ସାମ୍ନାରେ ଥିବା ସମୁଦ୍ରକୂଳକୁ ବାହାରି ପଡ଼ିଲୁ ବୁଲିବାକୁ କିଛି ସମୟ ମୁଁ, ମୋ ସ୍ୱାମୀ ଆଉ ଆମ ୨ ବର୍ଷର ପୁଅ ବେଳାଭୂମିରେ ବୁଲି ପାଖରେ ଥିବା ମାର୍କେଟକୁ ବାହାରିଲୁ କିଛି କିଣାକିଣି ପାଇଁ କିଛି ସମୟ ଚାଲିଗଲା କିଣାକିଣି ଆଉ ବୁଲାବୁଲିରେ। ମୋ ସ୍ୱାମୀଙ୍କ ଇଚ୍ଛା ହେଲା କଙ୍କଡା ଖାଇବାକୁ ସେଥିପାଇଁ ସମୁଦ୍ରକୂଳରେ ଥିବା ପ୍ରାୟ ଖାଇବା ହୋଟେଲ ବୁଲି ଆସିଲୁ କୋଉଠି କଙ୍କଡା ନ ଥିଲା.. ଶେଷରେ ଗୋଟେ ହୋଟେଲ୍ ରେ କଙ୍କଡା ପୁରା ଫ୍ରେସ୍ ମିଳୁଥିଲା। କଙ୍କଡା, ଆଉ ଲବ୍ ଷ୍ଟାର ଆମେ ଅର୍ଡର କଲୁ ସାମ୍ନା ରେ ସମୁଦ୍ର ର ଢେଉ କୁ ଦେଖିବାକୁ ଭାରି ସୁନ୍ଦର୍ ଲାଗୁଥିଲା ଆଉ ମୋତେ ମନରେ ଡର କାରଣ କଙ୍କଡା ମୋତେ ଖାଇବାକୁ ପସନ୍ଦ ହେଲେ ଦାନ୍ତ ରେ ମୋତେ ଡର ଲାଗେ ଭାଙ୍ଗି କି ଖାଇବାକୁ।

ଏମିତି ଭାବୁ ଭାବୁ ଆମ ସାଇଡ୍ ଟେବୁଲ୍‌ରେ ସ୍ୱାମୀ, ସ୍ତ୍ରୀ ଆଉ ତାଙ୍କ ଗୋଟେ ପୁଅ ବୟସ ପ୍ରାୟ ୮ ବର୍ଷ ହେବ। ଆମ ଖାଇବା ଆସିଗଲା ଆଉ ମୁଁ କିଛି କହିବା ଆଗରୁ ମୋ ସ୍ୱାମୀ ବୁଝିଗଲେ ମୁଁ ଦାନ୍ତରେ କଙ୍କଡ଼ା ଭାଙ୍ଗି ଖାଇ ପାରେନି। ସେ ତାଙ୍କ ଆଡୁ ମୋତେ କଙ୍କଡ଼ା ଭାଙ୍ଗିକି ଖୁଆଇ ଦେଲେ ଆଉ ଅଲଗା କିଛି ମୋ ପାଇଁ ମଧ୍ୟ ଅର୍ଡର କରିଦେଲେ।ଆମ ଖାଇବା ପ୍ରାୟ ଅଧା ହେଇଆସୁଥିଲା। ମୁଁ ଲକ୍ଷ୍ୟ କଲି ସେ ଲୋକ ଟି ତା' ପିଲାକୁ ସମସ୍ତଙ୍କ ଆଗରେ ହାତ ଉଠେଇ ମାରୁଚି, ଆଉ ସ୍ତ୍ରୀ କୁ ବହୁତ୍ ଖରାପ ବ୍ୟବହାର କରୁଛି; ଯାହା ଦେଖିବାକୁ ମୋତେ ଜମା ବି ଭଲ ଲାଗୁନଥିଲା। ସେ ସ୍ତ୍ରୀ ଲୋକ ଟି ଚୁପ୍ ହୋଇ ବସିଥାଏ ଆଉ ସେ ଛୁଆଟି ଡରି ଡରି କହୁଥାଏ, ମୁଁ ମାଛ ଖାଇବିନି ହେଲେ ସେ ଦୁଷ୍ଟ ଲୋକଟି ରାଗିକି କହିଲା ମାଛ ହିଁ ଖାଇବୁ ଏତିକି କହି ସେ ଅର୍ଡର ଦେଲା....। କିଛି ସମୟ ପରେ ତାଙ୍କ ଖାଇବା ଆସିଗଲା ଆଉ ସେ ଲୋକ ଟି ସ୍ତ୍ରୀକୁ କିଛି କହୁନଥାଏ ଆଉ ପୁଅ ବି ନିଜେ ନିଜେ ଖାଉଥାଏ ଆଉ ସେମାନେ ଡରି ଡରି ଖାଉଥାନ୍ତି। ମଝିରେ ମଝିରେ ସେ ତା' ପୁଅକୁ ଆଖି ଦେଖେଇ ହାତରେ ବିଧା ମାରୁଥାଏ ତା' ସ୍ତ୍ରୀ କିଛି କହିବାରୁ ନାଲି ଆଖି କରି ତାକୁ ବି ଚୁପ୍ କରିଦେଲା। ଆମ ଖାଇବା ସରିଲା ମୋ ସ୍ୱାମୀ ମୋ ପାଇଁ ମସଲା କୋଲ୍ ଡ୍ରିଙ୍କ ମଗେଇ ସାରିଥିଲେ ଆଉ ବହୁତ୍ ସୁନ୍ଦର ଭାବରେ ମୋତେ ବ୍ୟବହାର ଦେଖାଉଥିଲେ। ସେ ସ୍ତ୍ରୀ ଲୋକଟି ବାର ବାର ଆମକୁ ଦେଖୁଥାଏ, ଆଉ ମୁଁ ବି ଜାଣିଗଲି ମୋ ସ୍ୱାମୀଙ୍କ ଭଲ ବ୍ୟବହାର ମୋ ପ୍ରତି ଦେଖି ସେ ସ୍ତ୍ରୀ ଲୋକ ବି ଭାବୁଥିବ କି ତା ସ୍ୱାମୀର କଥା। ଆମେ ଖାଇ କି ଆସିଲା ବାଟରେ ମୁଁ ମୋ ସ୍ୱାମୀଙ୍କୁ ଆଖି ଛଳ ଛଳ ହୋଇ ଚାହିଁ ରହିଥାଏ, ଆଉ ଭାବୁଥାଏ ସତରେ ଭଗବାନଙ୍କ କୃପା ମୋ ଉପରେ ନିହାତି ଅଛି, ନ ହେଲେ ଏତେ ସୁନ୍ଦର ଜୀବନ ସାଥୀଟେ ଭାଗ୍ୟରେ ଥିଲେ ମିଳେ। ଆଜି ଯାଏଁ ସେ ମୋତେ ଆଖି ଦେଖେଇବା ଦୁରର କଥା ମୋ ଉପରେ କେବେ ରାଗି ନାହାଁନ୍ତି।

ଏ ଜନ୍ମ କ'ଣ ସବୁ ଜନ୍ମରେ ତୁମେ ହିଁ ମୋ ଜୀବନ ସାଥୀ ରୁହ ଏତିକି ପ୍ରଭୁ ଜଗନ୍ନାଥଙ୍କ ପାଖରେ ମାଗିବି।

ସବୁ ସ୍ୱାମୀ ସ୍ତ୍ରୀଙ୍କୁ ଗୋଟେ ଛୋଟ ଅନୁରୋଧ କରିବି କଳି, ଝଗଡ଼ା, ଅଶାନ୍ତିରେ ସମୟ ହିଁ ନଷ୍ଟ ହୁଏ। ଆଉ ସେ ସମୟ ଚାଲିଯାଇ ବୃଦ୍ଧ ସମୟ ଆସିଗଲେ ଭାବିବେ ଅଯଥା ଲୋକ ବା ଅଯଥା କଥାରେ ସୁନ୍ଦର ସମ୍ପର୍କକୁ କଳି କରି ବିତେଇଲୁ। ମୋତେ ଭଗବାନ ଗୋଟେ ଅମୂଲ୍ୟ ସମ୍ପଦ ଦେଇଛନ୍ତି ସେ ହେଉଛନ୍ତି ମୋ ଜୀବନ ସାଥୀ।

**ବାଙ୍ଗାଲୋର**



## ଏସସିବିରେ ମୁଖ୍ୟମନ୍ତ୍ରୀଙ୍କ ଛନକା

# ହସ୍ତକ୍ଷେପ ପରେ ଚିକିତ୍ସା ପାଇଲେ ଆଦିବାସୀ ମହିଳା

**କଟକ, ୩।୧୧ (ସଂଚାର ବ୍ୟୁରୋ):** ଚିକିତ୍ସା ସେବା ପାଇଁ ଯୋଜନାକୁ ବିଶ୍ୱସ୍ତରୀୟ କରାଯାଇଥିଲା, ହେଲେ ବାସ୍ତବତା ଏବେ ବି ଦିଗହରା। ଆମେ କହୁଛୁ ଚିକିତ୍ସା ସେବା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଥା। ବିଗତ ବିଜେଡି ସରକାର ସମୟରେ ଏହି ମେଡିକାଲକୁ ବିଶ୍ୱସ୍ତରୀୟ ବା ଏମ୍ସ ପ୍ଲସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଯାହା ଫଳରେ ଦୂରଦୁରାନ୍ତରୁ ଆସୁଥିବା ଗରିବଗୁରୁବା ରୋଗୀଙ୍କ ଚିକିତ୍ସା ପାଇଁ କୌଣସି ବାଧକ ସୃଷ୍ଟି ନ ହୁଏ। ମାତ୍ର ବିଜେଡି ସରକାର ସମୟର ଏହି ବିଶ୍ୱସ୍ତରୀୟ ଯୋଜନାରେ ରୋଗୀସେବାର ଚିତ୍ର କେତେ ସୁଦୃଢ଼ ତାହା ବିଜେଡି ସରକାରର ପତନ ପରେ ମଧ୍ୟ ବାରମ୍ବାର ଗଣମାଧ୍ୟମ ପୃଷ୍ଠାରେ ଦେଖିବାକୁ ମିଳୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଯେ ଚିକିତ୍ସା ପାଇଁ ରୋଗୀ ଉହକ ବିକଳ ହେଉଥିବା ବେଳେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଏସସିବିରେ ଛନକା ପଶୁଛି ଏବଂ ରୋଗୀ ସେବା ପାଉଛନ୍ତି।

ଉପରୋକ୍ତ ଚିତ୍ରଟି ହେଉଛି ମୟୂରଭଞ୍ଜ ଜିଲ୍ଲା ପାସାଣ ଗ୍ରାମର ଚୁଡାମଣି ହେମ୍ବ୍ରମଙ୍କର, ଚୁଡାମଣିଙ୍କ ବୟସ ୨୯। ବିଲକୁ କାମ କରିବାକୁ ଯିବା ସମୟରେ ଚୁଡାମଣିଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ପରବର୍ତ୍ତୀ ସମୟରେ ସମାନ ସ୍ଥାନରେ ବଥ ଭଳି ଏକ କ୍ଷେତ ସୃଷ୍ଟି ହୋଇଥିଲା। କିଛି ଦିନ ପରେ ପରିସ୍ଥିତି ଏଭଳି ହୋଇଗଲା ଯେ ଚୁଡାମଣିଙ୍କ ଗୋଡଟି ସମ୍ପୂର୍ଣ୍ଣ ଅଚଳ ହୋଇଗଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଚୁଡାମଣି ହିଁ ନିଜ ପରିବାର ପ୍ରତିପୋଷଣର ଏକ ମାତ୍ର ସାହାରା ଏବଂ ପରିବାର କହିଲେ ତାଙ୍କ ୯ବର୍ଷର ଶିଶୁପୁତ୍ର। ଚୁଡାମଣିଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ପରିବାର ପ୍ରତିପୋଷଣ ଅସହ୍ୟ ହୋଇ ଯାଇଥିଲା। ଏ ବିଷୟରେ ଏକ ପ୍ରତିଷ୍ଠିତ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଜଣେ ବିଜୟ ଟୁଡୁ ନାମକ ଜଣେ ସ୍ୱେଚ୍ଛାସେବୀ ଚୁଡାମଣିଙ୍କ ପାଖରେ ପହଞ୍ଚି ଥିଲେ ଏବଂ ଏବଂ ତାଙ୍କୁ କଟକ ଏସସିବିକୁ ଚିକିତ୍ସା ପାଇଁ ଆଣିଥିଲେ।

ହେଲେ ଏସସିବିରେ ବାୟାପ୍ସି ରିପୋର୍ଟକୁ ନେଇ ଚିକିତ୍ସା ପାଇବାରେ ଅବହେଳା ସୃଷ୍ଟି ହୋଇଥିଲା। ଗୋଡଟି ଯେହେତୁ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା ବିଜୟ ବାରମ୍ବାର ଡାକ୍ତରଙ୍କୁ



ଗୋଡଟିକୁ ଅପରେସନ କରିବାକୁ ନିବେଦନ କରିଥିଲେ। ମାତ୍ର ଡାକ୍ତର ବିଜୟଙ୍କ କଥାକୁ ଗୁରୁତ୍ୱ ଦେଇ ନଥିଲେ। ସେପଟେ ଏଭଳି ଅବହେଳା ପାଇଁ ଯନ୍ତ୍ରଣାରେ ଚୁଡାମଣିଙ୍କ ଜୀବନ ଅସହ୍ୟ ହେବାରେ ଲାଗିଥିଲା। ଅପରେସନ ପାଇଁ ବାରମ୍ବାର ବିଜୟ ଓ ଚୁଡାମଣିଙ୍କୁ ଏସସିବି ଦୌଡ଼ିବାକୁ ପଡୁଥିଲା।

ଶେଷରେ ଏ ବିଷୟରେ ବିଜୟ ରାଜ୍ୟ ବିଜେପି ମହିଳାମୋର୍ଚ୍ଚା ସଂପାଦିକା ତଥା ଦକ୍ଷତା ମୁଖ୍ୟ କାର୍ଯ୍ୟନିବାହୀ ଅଧିକାରୀ କୌଶଲ୍ୟା ନାୟକଙ୍କ ସହାୟତାରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏ ବିଷୟରେ ଜାଣିବା ପରେ ସିଧାସଳଖ ଏଥିରେ ହସ୍ତକ୍ଷେପ କରି ରୋଗୀକୁ ଅବିଳମ୍ବେ ଚିକିତ୍ସା ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଏସସିବିରେ ଛନକା ପଶିଥିଲା ଏବଂ ଖୁବଶୀଘ୍ର ତାଙ୍କର ଅପରେସନ କରାଯିବ ବୋଲି ଡାକ୍ତର ପ୍ରତିଶ୍ରୁତି ଦେଇଛନ୍ତି। ବର୍ତ୍ତମାନ ଚୁଡାମଣି ପୁରୁଣା ଅର୍ଥପେଡିକ ବିଭାଗର ବେଡ଼ ନଂ ଏସ ୧୦ରେ ଚିକିତ୍ସିତ ହେଉଛନ୍ତି। ଜଣେ ସାଧାରଣ ଆଦିବାସୀ ମହିଳାଙ୍କର ଚିକିତ୍ସା ପାଇଁ ସବୁ ଆଶା ତୁଟି ସାରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ମହାନତାକୁ ନେଇ ବର୍ତ୍ତମାନ ସାଧାରଣରେ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।




# ୪ ଓ ୧୧ ତାରିଖରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି

**ଭୁବନେଶ୍ୱର, ୩।୧୧ (ସଂଚାର ବ୍ୟୁରୋ):** ନଭେମ୍ବର ୪ ତାରିଖ(ସୋମବାର) ଏବଂ ୧୧ ତାରିଖ (ସୋମବାର)ରେ ୟୁନିଟ-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ଏ ସମ୍ପର୍କରେ ଜନସାଧାରଣ ତଥା ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ ପାଇଁ ପୂର୍ବରୁ ଅନଲାଇନ ପଞ୍ଜିକରଣ କରିଥିବା ଆବେଦନକାରୀଙ୍କ ନିମନ୍ତେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଗିରିଗୋବର୍ଦ୍ଧନ ପୂଜା ପାଳିତ



**ଟାଙ୍ଗୀ-ଚୌଦ୍ୱାର, ୩।୧୧ (ସଂଚାର ବ୍ୟୁରୋ):** ଚୌଦ୍ୱାର ପୌରପାଳିକା ୮ନଂ ୱାର୍ଡ ସ୍ଥିତ ବ୍ୟାଘ୍ରବାହିନୀ ମନ୍ଦିର ସମ୍ମୁଖ ଦୁର୍ଗାବଜାର ମଠସାହିରେ ଗିରିଗୋବର୍ଦ୍ଧନ ପୂଜା ଉତ୍ସବ ରବିବାର ପାଳିତ ହୋଇଯାଇଛି। ଗିରିଗୋବର୍ଦ୍ଧନ ପୂଜା ସମିତି ଓ ବୁଣାକାର ପରିବାର ବର୍ଗ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ପ୍ରତ୍ୟୁଷରୁ ଶ୍ରୀକୃଷ୍ଣ ଜୀୟୁଙ୍କ ସ୍ନାନ ଓ ବାଲଧୁପ ପରେ ସୂର୍ଯ୍ୟପୂଜା, ହୋମ, ଯଜ୍ଞ ଆଦି ନାନାବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞରେ ମନୋରଞ୍ଜନ ମହାନ୍ତି ଓ ମନସ୍ୱିନୀ ମହାନ୍ତି କର୍ତ୍ତା ଓ କର୍ତ୍ତୀ ଭାବେ ଆହୁତୀ ପ୍ରଦାନ କରିଥିଲେ। ପୁର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ବିଜେଡି ନଗର କାର୍ଯ୍ୟକାରୀ ଉପସଭାପତି ବିମଲ କୁମାର ବେଉରା, ଯୁବ ନେତା ଅର୍ଜୁନ ପଣ୍ଡା କାଉନସିଲର ବିଜୟଲକ୍ଷ୍ମୀ ବେହେରା, ଆଶୁତୋଷ ଦାସ ପ୍ରମୁଖ ଉତ୍ସବରେ ଯୋଗଦେଇ ଅର୍ଶୀବାଦ ଭିକ୍ଷା କରିଥିଲେ। ମହେନ୍ଦ୍ର ମହାନ୍ତି, ନରେନ୍ଦ୍ର ମହାନ୍ତି, ସୁରେନ୍ଦ୍ର ମହାନ୍ତି, ବିଶ୍ୱନାଥ ମହାନ୍ତି, ସ୍ମୃତି ରଞ୍ଜନ ଜେନା, ଦୁର୍ଯ୍ୟଧନ ପରିଡ଼ା, କରୁଣାକର ଜେନା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାଲେଶ୍ୱର, ୩।୧୧ (ସଂଚାର ବ୍ୟୁରୋ) :** ଟାଉନ ଥାନା ଅନ୍ତର୍ଗତ ଟୁଲଙ୍ଗସାହି ମନୋଜ ମେସରେ ଆଜି ପୂର୍ବାହ୍ନରେ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ମୃତ ଯୁବକ ହେଲେ ବସ୍ତା ଥାନା ପଞ୍ଚୁପଡ଼ା ଅଞ୍ଚଳର ସ୍ୱର୍ଗତ ସନ୍ୟାସୀ ପୃଷ୍ଟିଙ୍କ ପୁଅ ପିତାମ୍ବର ପୃଷ୍ଟି(୧୯)। ସେ ତାଙ୍କ ମାମୁ ପୁଅ ସହ ଟାଉନ ଥାନା ଟୁଲଙ୍ଗସାହି ଅଞ୍ଚଳର ମନୋଜ ମେସରେ ରହି ରଙ୍ଗ କାମ କରୁଥିଲେ। ଆଜି ପିତାମ୍ବର ମେସ ମଧ୍ୟରେ ଫାଶୀ ଲଗାଇଥିଲେ। ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସାଳୟର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଆତ୍ମହତ୍ୟାର କାରଣ ଜଣା ପଡି ନଥିବା ବେଳେ ଏ ସମ୍ପର୍କରେ ଟାଉନ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଉଦ୍‌ଘାଟନ ପୂର୍ବରୁ ଅସ୍ତରଙ୍ଗ ନୂତନ ଥାନାର ରଙ୍ଗ ପରିବର୍ତ୍ତନକୁ ନେଇ ଚର୍ଚ୍ଚା

**ଅସ୍ତରଙ୍ଗ, ୩।୧୧ (ସଂଚାର ବ୍ୟୁରୋ):** ଅସ୍ତରଙ୍ଗରେ ନୂତନ ଥାନା ଉଦଘାଟନ ହେବା ପୂର୍ବରୁ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହେବା କାରଣରୁ ଉଦଘାଟନ କାର୍ଯ୍ୟକ୍ରମ ସ୍ଥଗିତ ରହିଥିଲା। ସାଧାରଣ ନିର୍ବାଚନ ଜୁନ ୧ ତାରିଖରେ ଶେଷ ହୋଇ ଆଜକୁ ୫ ମାସ ବିତି ଯାଇଥିଲେ ମଧ୍ୟ ନୂତନ ସରକାର ଥାନାର ଉଦଘାଟନ କରି ନଥିଲେ। ଏବେ ସରକାର ନୂତନ ଥାନାର ରଙ୍ଗ ପରିବର୍ତ୍ତନ କରିବା ପାଇଁ କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି। ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ଥାନାକୁ ରଙ୍ଗ କରାଯାଇଥିଲା। ପୂର୍ବ ବିଜେଡି ସରକାର ଯେଉଁ ରଙ୍ଗ କରିଥିଲେ ତାହା ବେଶ ଆକର୍ଷଣୀୟ ଦେଖା ଯାଉଥିଲା। ଏବେ ଯେଉଁ ରଙ୍ଗ କରିବା ପାଇଁ ରଙ୍ଗ ପରିବର୍ତ୍ତନ କାର୍ଯ୍ୟ କରାଯାଉଛି ତାକୁ ନେଇ ସାଧାରଣରେ ବେଶ ଚର୍ଚ୍ଚା ହେଉଛି। କିନ୍ତୁ ବିଡମ୍ବନାର ବିଷୟ ରଙ୍ଗ କରାଯାଇଥିବା ଥାନାର ରଙ୍ଗ କଣ ପାଇଁ ପରିବର୍ତ୍ତନ କରାଯାଉଛି ତାହା ସାଧାରଣରେ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ସବୁ ସରକାରୀ ଦପ୍ତରର ରଙ୍ଗ ପରିବର୍ତ୍ତନ ହେବା ସହ ୫ଟି ଅଧୀନରେ ରୂପାନ୍ତିକରଣ ହୋଇଥିବା ବିଦ୍ୟାଳୟ ଗୁଡିକର ରଙ୍ଗ ମଧ୍ୟ ଖୁବ ଶୀଘ୍ର ପରିବର୍ତ୍ତନ ହେବ ବୋଲି ଜଣାପଡିଛି। ଏହି ପରିବର୍ତ୍ତନ ପ୍ରକ୍ରିୟାରେ କୋଟି କୋଟି ଟଙ୍କାର ରାଜସ୍ୱ ହାନି ଘଟିବ ବୋଲି ଅର୍ଥନୈତିକ ବିଶେଷଜ୍ଞ ମାନେ ମତ ପୋଷଣ କରିଛନ୍ତି। ରାଜ୍ୟ ସରକାର ଏବେ ଋଣ ଗ୍ରସ୍ତ ହୋଇଥିବା ବେଳେ ପୁଣି ରାଜସ୍ୱ ହାନି ମୋହନ ସରକାରଙ୍କ ପାଇଁ କେତେ ଶୁଭଙ୍କର ନୁହେଁ।

ଏଠାରେ ସୂଚନାଯୋଗ୍ୟ କି ଅସ୍ତରଙ୍ଗ ବ୍ଲକ ଏକ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ନୂତନ ଥାନା ହେବା ପାଇଁ ବିଭିନ୍ନ ସମୟରେ ଦାବି ହୋଇଆସୁଥିଲା। ତତ୍କାଳୀନ ବିଜେଡି ସରକାରଙ୍କ ନିକଟରେ ପୂର୍ବତନ ଗୃହ ବିଭାଗ ମନ୍ତ୍ରୀ ତୁଷାର କାନ୍ତି ବେହେରା ଓ ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟକଙ୍କ ପ୍ରଚେଷ୍ଟାରେ ନୂତନ ଥାନା ହେବା ପାଇଁ ଦାବି କରିଥିଲେ। ଦାବିକୁ ଗୁରୁତ୍ୱ ଦେଇ ଅସ୍ତରଙ୍ଗରେ ଅନେକ ଦିନ ହେବ ନୂତନ ଥାନା ନିର୍ମାଣ ସରିଥିଲେ ବି ସମନ୍ୱୟ ଅଭାବରୁ ନୂତନ ଥାନା ଉଦଘାଟନ ହୋଇ କାର୍ଯ୍ୟକ୍ଷମ ହୋଇ ପାରୁ ନଥିଲା। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇ ଆସୁଥିଲା।କାର୍ଯ୍ୟକ୍ଷମ ଥିବା ପୁରାତନ ଥାନା ଏକ ସଂକୀର୍ଣ୍ଣ ଓ ଜରାଜୀର୍ଣ୍ଣ ସ୍ଥାନରେ ଚାଲିଥିବା ବେଳେ ଏଠି ଆରକ୍ଷୀ କର୍ମୀ ମୁକ୍ତ ଭାବେ କାର୍ଯ୍ୟ କରି ପାରୁନଥିବା ଦେଖିବାକୁ ମିଳୁଛି।

# ନାଲକୋରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୪

**ଭୁବନେଶ୍ୱର, ୩।୧୧ (ସଂଚାର ବ୍ୟୁରୋ):** ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ)ରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୪ ପାଳନ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ "ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି" ଆଧାରରେ କମ୍ପାନୀର ସମସ୍ତ ୟୁନିଟ ତଥା ଆଞ୍ଚଳିକ କାର୍ଯ୍ୟାଳୟଏବଂ ପୋର୍ଟ ଫାସିଲିଟି ଠାରେ ବିଭିନ୍ନ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।




ଜୀବନରେ ଅଖଣ୍ଡତା, ସାଧୁତା ଏବଂ ଉତ୍ତରଦାୟିତ୍ୱର ବାର୍ତ୍ତା ପ୍ରଚାର ନିମନ୍ତେ ଆୟୋଜିତ ଏହି କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ଅଖଣ୍ଡତା ଶପଥ ପାଠ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ତର୍କ ପ୍ରତିଯୋଗୀତା, କର୍ମଚାରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଅନ୍ୟତମ ଅଟେ। ଦ୍ୱୈତ ନଗରୀ କଟକ-ଭୁବନେଶ୍ୱରର ୩୫ରୁ ଉର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନରୁ ୨୫୦ରୁ ଅଧିକ ପ୍ରତିଯୋଗୀ ଏହି ତର୍କ ତଥା ବକ୍ତୃତା କାର୍ଯ୍ୟକ୍ରମରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ନାଲକୋ କର୍ପୋରେଟ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରତିଯୋଗିତା ମାନଙ୍କରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜଗଦୀଶ ଅରୋରା, ନିର୍ଦ୍ଦେଶକ (ପିଆଣ୍ଡଟି) ଏବଂ ନିର୍ଦ୍ଦେଶକ (ଏଚଆର) ଅତିରିକ୍ତଦାୟିତ୍ୱ, ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ଉତ୍ପାଦନ) ଏବଂ ଶ୍ରୀହରଶିମରନ ସିଂ, ଆଇଆରଏସଇ, ସିଭିଓ, ନାଲକୋ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।

# ସିନିଅର ଆନ୍ତଃ ଜିଲ୍ଲା ସିପକଟାକ୍ରୋ ଚାମ୍ପିୟନସିପ୍ ଉଦ୍‌ଯାପିତ

**ପୁରୀ, ୩।୧୧ (ସଂଚାର ବ୍ୟୁରୋ):** ୨୩ତମ ସିନିଅର ଅନ୍ତଃ ଜିଲ୍ଲା ସିପକଟାକ୍ରୋ ଚାମ୍ପିୟନସିପ ରବିବାର ଉଦ୍‌ଯାପିତ ହୋଇଛି। ପୁରୀ ଜିଲ୍ଲା ସିପକଟାକ୍ରୋ ଆସୋସିଏସନ ତରଫରୁ ଏହା ଅନୁଷ୍ଠିତ କରାଯାଇଥିଲା। ଏହି ଚମ୍ପିୟାନସିପରେ ପୁରୁଷ ବିଭାଗରେ ଭୁବନେଶ୍ୱର କିସ ଓ ମହିଳା ବିଭାଗରେ କଟକ ଚମ୍ପିୟାନ ହୋଇଛି। ସ୍ଥାନୀୟ ତାଳବଣିଆ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ୨୩ତମ ସିନିଅର ଅନ୍ତ ଜିଲ୍ଲା ସିପକଟାକ୍ରୋ ଚାମ୍ପିୟନସିପ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ଡ଼. ଦେବେନ୍ଦ୍ରନାଥ ତରେଇ ଉପସ୍ଥିତ ଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ବିରଞ୍ଚି ନାରାୟଣ ବିଶ୍ୱାଳ, କୁନା ମିଶ୍ର, ଅରୁଣ କୁମାର ମହାପାତ୍ର, ପ୍ରଭାସ ସୁଭଦର୍ଶୀ ମହାନ୍ତି ଉପସ୍ଥିତ ଥିଲେ।



ମିଳିଥିବା ସୂଚନା ମୁତାବକ, ଫାଇନାଲ ମ୍ୟାଚର ପୁରୁଷ ବର୍ଗରେ ଭୁବନେଶ୍ୱର କିସ ଯଥାକ୍ରମେ ୧୫-୧୧ ଓ ୧୫-୦୯ ପଏଣ୍ଟରେ ରାୟଗଡ଼ାକୁ ଏବଂ ମହିଳା ବର୍ଗରେ କଟକ ୧୫-୧୦ ଓ ୧୫-୧୧ରେ କିସକୁ ହରାଇ ଚମ୍ପିୟାନ ହୋଇଛି।ଏହି ପ୍ରତିଯୋଗୀତାରୁ ଓଡିଶା ଟିମ ଚୟନ କରାଯାଇ ଜାତୀୟ ସ୍ତରୀୟ ପ୍ରତିଯୋଗିତାକୁ ଯିବେ। ଅନ୍ୟପଟେ ଓଡିଶା ସିପକଟାକ୍ରୋ ଆସୋସିଏସନର ସାଧାରଣ ସମ୍ପାଦକ ପୃଥିବୀ ରାଜ ସାହୁ, ପୁରୀ ଜିଲ୍ଲା ସିପକଟାକ୍ରୋ ଆସୋସିଏସନର ସଭାପତି ଶଙ୍କର୍ଷଣ ପରିଡା, ଉପସଭାପତି ସୁଦର୍ଶନ ସାହୁ, ସତ୍ୟସାଗର ଦାସ ଓ ଅରୁଣ କୁମାର ମହାପାତ୍ର, ସାଧାରଣ ସମ୍ପାଦକ ରାମ ଚନ୍ଦ୍ର ବାରିକ, ଯୁଗ୍ମ ସମ୍ପାଦକ ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବରିଷ୍ଠ ସାମ୍ବାଦିକ ଶଳେନ୍ଦ୍ର ଆଚାର୍ଯ୍ୟ, ମଧୁସୂଦନ ମିଶ୍ର, ଯୁବ ସାମ୍ବାଦିକ ବିଶାଲ ମହାନ୍ତି, ସାରଦା ପ୍ରସାଦ ମହାନ୍ତି ଓ ଦୀପକ କୁମାର ମହାରଣାଙ୍କୁ ସଂମାନିତ କରାଯାଇଥିଲା

# ସତର୍କତା ସଚେତନତା ସପ୍ତାହ ଉଦ୍‌ଯାପିତ

**ଖୋର୍ଦ୍ଧା, ୩।୧୧ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ ସପ୍ତାହବ୍ୟାପୀ ଆୟୋଜିତ ହେଉଥିବା ସତର୍କତା ସଚେତନତା ସପ୍ତାହ ଶେଷ ହୋଇଛି। ଏହି ସତର୍କତା ସଚେତନତା ସପ୍ତାହ, ଅକ୍ଟୋବର ୨୮ ରେ, 'ଜାତିର ସମୃଦ୍ଧତା ପାଇଁ ଅଖଣ୍ଡତାର ସଂସ୍କୃତି' ଥିମ୍ ସହିତ ଆରମ୍ଭ କରା ଯାଇଥିଲା। ଏହି ବିଷୟବସ୍ତୁ ଆଧାର କରି, ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା ସପ୍ତାହରେ ଅନେକ କାର୍ଯ୍ୟକ୍ରମର ଆୟୋଜନ କରଯାଇଥିଲା।

ଏକ ସେମିନାର ଆୟୋଜନ କରାଯାଇଥିଲା ଯେଉଁଥିରେ ଦୁର୍ନୀତିର ବିଭିନ୍ନ ଦିଗ ଏବଂ ସେମାନଙ୍କୁ କିପରି ଦୂର କରାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ରେଳ କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ଚିତ୍ରାଙ୍କନ ଏବଂ ପେଣ୍ଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରେଳ କର୍ମଚାରୀଙ୍କ ପାଇଁ ପ୍ରବନ୍ଧ ଏବଂ ବିତର୍କ ପ୍ରତିଯୋଗିତା ମଧ୍ୟ ଆୟୋଜିତ କରଯାଇଥିଲା।



ସପ୍ତାହବ୍ୟାପୀ ପର୍ଯ୍ୟବେକ୍ଷଣ ସମୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେ ଥିବା ସମସ୍ତ ରେଳ ପ୍ରତିଷ୍ଠାନ ଗୁଡ଼ିକରେ ବ୍ୟାନର, ପୋଷ୍ଟର, ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। କର୍ମଚାରୀ ଏବଂ ରେଳ ଗ୍ରାହକଙ୍କ ପାଇଁ ଅଭିଯୋଗ ପ୍ରତିକାର ଶିବିର ଆୟୋଜିତ ହୋଇଥିଲା। ଉଦଯାପନ ଉତ୍ସୋବ ରେ ପୁର୍ବ ତଟ ରେଲୱେ ଭାରତ ସ୍କୋଟସ୍ ଏବଂ ଗାଇଡିସ୍, ଖୋର୍ଦ୍ଧା ରୋଡ ପିଲାଙ୍କ ଦ୍ୱାରା ସମସ୍ତ କାର୍ଯ୍ୟକୁ ସଚ୍ଚୋଟ ଏବଂ ସ୍ୱଚ୍ଛ ଭାବରେ କରି ଦୁର୍ନୀତି ଦୂର କରିବା ଉପୋରେ, ଖୋର୍ଦ୍ଧା ରୋଡ ରେଳ ଷ୍ଟେସନରେ ଏକ ପଥ ପ୍ରାନ୍ତ୍ୟ ନାଟକ ଆୟୋଜନ କରଯାଇଥିଲା।

ଶ୍ରୀ ପ୍ରମୋଦ ବେହେରା, ଖୋର୍ଦ୍ଧା ରୋଡ ମଣ୍ଡଳ କାର୍ମିକ ଅଧିକାରି, ବିଭିନ୍ନ ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ରେଳ କର୍ମଚାରୀ ଓ ସେମାନଙ୍କର ପିଲାମାନଙ୍କ ସାର୍ଟିଫିକେଟ୍ ଏବଂ ପୁରସ୍କାର ପ୍ରଦାନ କରିଥିଲା।ପର୍ଯ୍ୟାପ୍ତ ଇନ୍ଧନ ଯୋଗାଇ ଦିଆଯାଇଛି। ସମସ୍ତ ଯନ୍ତ୍ରପାତି ସହିତ ପର୍ଯ୍ୟାପ୍ତ ସଂଖ୍ୟକ ଗଛ କାଟିବା ମେସିନ୍ ମଧ୍ୟ ଟ୍ରାକ୍ ଏବଂ ରାସ୍ତା ସଫା କରିବା ପାଇଁ ପ୍ରସ୍ତୁତ ରଖାଯାଇଛି।

# ବାକି ଟଙ୍କା ପାଇଁ ସହଯୋଗୀଙ୍କୁ ଆକ୍ରମଣ କରି ଜଣେ ଗିରଫ

**ବାଲିଅନ୍ତା, ୩।୧୧ (ସଂଚାର ବ୍ୟୁରୋ):** ଥାନା ପୁଲିସ ଅଭିଯୋଗକାରୀ ରଘୁନାଥ ସାହୁଙ୍କ ଅଭିଯୋଗ କ୍ରମେ ଧଉଳି ଥାନା ଅନ୍ତର୍ଗତ ସାମନ୍ତରାପୁର ଗ୍ରାମର ଚଇତନ୍ୟ ସାହୁ ବ୩୦ ର୍ଷ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀ ଏବଂ ଅଭିଯୁକ୍ତ ଉଭୟ ସାମନ୍ତରାପୁର ପାଟଣା ବାସିନ୍ଦା ଅଟନ୍ତି। ଦୀପାବଳି ଉପଲକ୍ଷେ ଅଭିଯୋଗକାରୀ ଏବଂ ତାଙ୍କର ଦୁଇ ବନ୍ଧୁ ମିଶି ବଳାକାଟି ଅନ୍ତର୍ଗତ ଜୟଗୁରୁ ଆଶ୍ରମ ନିକଟସ୍ଥ, ଭାର୍ଗବୀ ନଦୀ କୂଳରେ ଏକ ଅସ୍ଥାୟୀ ବାଣ ଦୋକାନ କରିଥିଲେ। ଗତ ୩୧ ତାରିଖ ରାତିରେ ଅଭିଯୁକ୍ତ ଜଣକ ସେଠାରେ ପହଞ୍ଚି ଅଭିଯୋଗକାରୀଙ୍କୁ ତାପରଦିନ, ଅର୍ଥାତ ତା.୦୧.୧୧.୨୦୨୪ ରିଖ ସକାଳେ ୫୦,୦୦୦ ଟଙ୍କା ଏବଂ କିଛି ବାଣ ମାଗଣାରେ ଦେଇ ଆସିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଘଟଣା ଦିନ ସକାଳ ହେବା କ୍ଷଣି ଅଭିଯୁକ୍ତ ଜଣକ ଅଭିଯୋଗକାରୀଙ୍କ ବାଣ ଦୋକାନ ନିକଟରେ ପହଞ୍ଚି ଟଙ୍କା ଏବଂ ମାଗଣା ବାଣ ଦେବା ଲାଗି କହିଥିଲେ। ଅଭିଯୋଗକାରୀ ଏବଂ ତାଙ୍କ ବନ୍ଧୁ ଟଙ୍କା ଏବଂ ବାଣ ଦେବା ଲାଗି ମନା କରିବାରୁ, ଅଭିଯୁକ୍ତ ଜଣକ ହଠାତ ଅଭିଯୋଗକାରୀଙ୍କୁ ଦୋକାନ ଭିତରୁ ଘୋଷାଡି ଆଣି ମାଡ଼ ମାରିଥିଲେ । ଅଭିଯୋଗକାରୀ ଏହାର ବିରୋଧ କରିବାରୁ ଅଭିଯୁକ୍ତ ଜଣକ ଅତ୍ୟଧିକ କ୍ରୋଧାନ୍ୱିତ ହୋଇ ପାଖରେ ରଖିଥିବା ଏକ ଛୁରୀ ସାହାଯ୍ୟରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଅଭିଯୋଗକାରୀଙ୍କ ଶରୀରର ଏକାଧିକ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା । ଘଟଣା ସ୍ଥଳରେ ଲୋକ ରୁଣ୍ଡ ହେବା ଦେଖି ଅଭିଯୁକ୍ତ ଜଣକ, ଅଭିଯୋଗକାରୀ ଏବଂ ତାଙ୍କ ବନ୍ଧୁଙ୍କୁ ଜୀବନରୁ ମାରିଦେବାର ଧମକ ଦେଇ ସେଠାରୁ ଖସି ପଳାଇ ଯାଇଥିଲେ । ଏନେଇ ଅଭିଯୋଗ ହେବା ପରେ ପୁଲିସ ମାମଲାର ତଦନ୍ତ କରିବା ସହିତ ବିଭିନ୍ନ ସ୍ଥାନରେ ଚଢଉ କରି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ । ପଚରାଉଚରା ବେଳେ, ଅଭିଯୁକ୍ତ ଜଣକ ନିଜ ଅପରାଧ ସ୍ୱୀକାର କରିଥିଲେ । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ବୋଲି ବାଲିଅନ୍ତା ଥାନା ଅଧିକାରୀ ଠାରୁ ପ୍ରକାଶ

## କନ୍‌ଜରଭେନ୍ସିରେ ପରିବା ହାଟ

# ଜବରଦଖଲକାରୀ ଉତ୍ସାହିତ

**ଭୁବନେଶ୍ୱର, ୩।୧୧ (ତଥ୍ୟ):** କନଜରଭେନ୍ସିରେ ପରିବା ହାଟ ହେବା ନେଇ ବିଏମ୍ସି ସୂଚନା ଦେବାପରେ ଏବେ ଜବରଦଖଲକାରୀମାନେ ସଜବାଜ ହେଲେଣି। ପରିବା ଦୋକାନ ନାଁରେ କନଜରଭେନ୍ସି ଦଖଲ କରି ସେଠାରେ କିଭଳି ଘରଟିଏ କରିବେ ସେଥିପାଇଁ ପ୍ରସ୍ତୁତି ଚଳାଇଲେଣି।

ସରକାରୀ କ୍ୱାଟର୍ସ ସମେତ ଘରୋଇ ପ୍ଲଟ ମଝିରେ ଥିବା ସ୍ଥାନ ହେଉଛି କନଜରଭେନ୍ସି। ଏହି ସ୍ଥାନଟିକୁ ଦୁଇପଟ ଘର ପାଇଁ ସ୍ୱରେଜ ପାଇପ୍ ଲାଇନ୍ ବିଛାଇବା ପାଇଁ ରଖାଯାଇଥିଲା। ପୂର୍ବରୁ ଏହି ସ୍ଥାନରେ ପାନୀୟଜଳ ପାଇପ୍ ବିଛା ଯାଇଥିବାବେଳେ ଏବେ ତାହା ଘର ଆଗପଟକୁ ଆସିଛି। ତେବେ ସ୍ୱରେଜ ଲାଇନ୍ ବିଛାଯାଇଥିବା ଏହି ସ୍ଥାନଟି ପୂର୍ବରୁ ଅନାବନା ଗଛରେ ପରିପୂର୍ଣ୍ଣ ହୋଇ ମଶାବଣ ପାଲଟିଥିବାବେଳେ ନିକଟରେ ବିଏମ୍ସି ପକ୍ଷରୁ ତାହାକୁ ସଫା କରାଯାଇ ଟାଇଲ୍ ବିଛାଯାଇଛି।

ଟାଇଲ୍ ବିଛାଯିବା ପୂର୍ବରୁ ଏବଂ ପରେ କେତେକ ସ୍ଥାନରେ ମାଫିଆମାନେ କନଜରଭେନ୍ସିକୁ ଜବରଦଖଲ କରି ସେଠାରେ ଘର ତିଆରି କରିଛନ୍ତି। ଏହି ଘରକୁ ଭଡା ଲଗାଇ ବେଶ୍ ମୋଟା ଅଙ୍କର ପଇସା ଆଦାୟ କରୁଛନ୍ତି। ଏହି ବେଆଇନ୍ ଘରକୁ



ବିଜୁଳି ପାଣି ସଂଯୋଗ ବି ମିଳିଯାଇଛି। ତେଣୁ ଏହା ସହଜରେ ଭଡା ଲାଗିଯାଉଥିବାବେଳେ ବିଏମ୍ସି, ବିଡିଏ ଓ ସାଧାରଣ ପ୍ରଶାସନ କର୍ତ୍ତୃପକ୍ଷ ଏହାକୁ ଉଚ୍ଛେଦ କରିପାରୁ ନାହାନ୍ତି।

ଟାଇଲ୍ ବିଛା ପରେ ମାଫିଆମାନେ କନଜରଭେନ୍ସି ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି। କେତେକ ସ୍ଥାନରେ ବର୍ଗଫୁଟ ପିଛା ଏହାକୁ ବିକ୍ରି କରି ଦେଉଛନ୍ତି। ତେବେ ବର୍ତ୍ତମାନ ସ୍ଥାନୀୟ ଲୋକଙ୍କ ଭୟରେ ଏହାକୁ ଜବରଦଖଲ କରିବାକୁ ପଛଉଥିବାବେଳେ ଏବେ ବିଏମ୍ସିର ସଙ୍କେତ ପାଇଁ ସେଠାରେ ପରିବା ହାଟ କରିବାକୁ ସଜବାଜ ହେଲେଣି। ଥରେ ପରିବା ଦୋକାନଟିଏ କରିଦେଲେ ଏମାନଙ୍କୁ ସେଠାରୁ ହଟାଇବା ଖୋଦ ବିଏମସି ପକ୍ଷରେ ଆଉ ସହଜ ହେବନାହିଁ।

ସରକାରୀ କ୍ୱାଟର୍ସ ଓ ଘର ଆଖପାଖରେ ଖାଲିଥିବା ସ୍ଥାନରେ ଭେଣ୍ଡିଂ ଜୋନ୍ କରି ସେଠାରେ ଦୋକାନ ଖୋଲିବା ବଦଳରେ ପାଇଖାନା ଟାଙ୍କି ନିକଟରେ ଓ ଲୋକଙ୍କ ବାଡିପଟେ ପରିବା ହାଟ ଖୋଲିବାକୁ ବିଏମ୍ସିର ନିଷ୍ପତ୍ତି ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। କାରଣ ପରିବା ସମେତ ଅନ୍ୟାନ୍ୟ ବ୍ୟବସାୟୀ ସେଠାରେ ବସିଲେ ଓ ଶହ ଶହ ଲୋକ ସେଠାରେ ଜମାହେଲେ ସେମାନଙ୍କ କୋଳାହଳରେ ପିଲାଏ ପାଠ ଟିକେ ପଢ଼ିପାରିବେ ନାହିଁ ବୋଲି ଅନେକ ବ୍ୟକ୍ତି ମତ ଦେଉଛନ୍ତି।

ତେବେ ରାଜଧାନୀରେ ରାସ୍ତାକଡ, ଖାଲି ଥିବା ସ୍ଥାନ, ଗଳି କନ୍ଦି ଆଦିକୁ ଜବରଦଖଲ କରିଥିବା ମାଫିଆମାନେ ଏବେ ବିଏମ୍ସିର ପରିବା ହାଟ ନିଷ୍ପତ୍ତିରେ ଉତ୍ସାହିତ ଅଛନ୍ତି। ଯଦି ଏହା କାର୍ଯ୍ୟକାରୀ ହୁଏ ତେବେ ସେମାନଙ୍କ ରୋଜଗାର ବଢ଼ିଯିବ ବୋଲି ଏବେ ଠାରୁ ଆକଳନ କରୁଛନ୍ତି। ତେଣୁ ଲୋକଙ୍କ ଘର ପଛପଟେ ପାଇଖାନା ଟାଙ୍କି କଡରେ ପନିପରିବା ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରିବା ପୂର୍ବରୁ ବିଏମ୍ସି ଏ ସଂକ୍ରାନ୍ତରେ ଭଲଭାବେ ଚିନ୍ତା କରିବା ଆବଶ୍ୟକ ବୋଲି କନଜରଭେନ୍ସି କଡରେ ବସବାସ କରୁଥିବା ଅନେକ ବ୍ୟକ୍ତି ମତ ଦେଉଛନ୍ତି।

## ଜୀବନ ଅମୃତ ଅନୁଚିନ୍ତା

ଜୀବନର ବାସ୍ତବତା-ଜୀବନର ପ୍ରତ୍ୟେକ ପାହାଚରେ ଯଦି ଆମେ ଜୀବନର ଅନ୍ତିମ ପରିଣାମ କଥା ସ୍ମରଣ କରିବା, ତାହା ହେଲେ ଆମେ ଅଂହଶୂନ୍ୟ ଦିବ୍ୟ ମାନବ ହେବା, ଆଉ ଆମେ ମନରୁ ଅହଂକାର ସମ୍ପୂର୍ଣ୍ଣ ରୂପେ ଦୁରେଇ ଯିବା।

SANCHAR
ସଂଚାର

୪
ସୋମବାର ୪ ନଭେମ୍ବର ୨୦୨୪, ଭୁବନେଶ୍ୱର
Monday 4 November 2024 Bhubaneswar

# ସଙ୍କଳ୍ପ ନୁହେଁ ପ୍ରଲୋଭନପତ୍ର

ନିର୍ବାଚନ ବେଳେ ସବୁ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନ ଇସ୍ତାହାର ବା ସଙ୍କଳ୍ପପତ୍ର ପ୍ରକାଶ ପାଏ। ନିର୍ବାଚନରେ ଜନମତ ପାଇ ସରକାର ଗଠନ କଲେ ଦଳ କ'ଣ କରିବ, ଲୋକଙ୍କ କଲ୍ୟାଣ ଏବଂ ରାଜ୍ୟ ବା ଦେଶର ବିକାଶ ନିମନ୍ତେ କ'ଣ ପଦକ୍ଷେପ ନେବ ସେ ସମ୍ପର୍କରେ ଘୋଷଣାପତ୍ରରେ ଉଲ୍ଲେଖ ରହିଥାଏ। ସବୁ ଦଳର ଇସ୍ତାହାରକୁ ଜନତା ସମୀକ୍ଷା କରିବା ପରେ ନିଜ ମତାଧିକାର ସାବ୍ୟସ୍ତ କରିବା ଉଚିତ। କିନ୍ତୁ ଆମ ଦେଶର ମତଦାତାଙ୍କ ମଧ୍ୟରୁ ଅଧିକାଂଶ ଏହାର ଉଚିତ ସମୀକ୍ଷା କରନ୍ତି ନାହିଁ ବା ଏହାକୁ ଗୁରୁତ୍ୱ ଦିଅନ୍ତି ନାହିଁ। କାରଣ ସେମାନେ ନିଜ ଅଧିକାର ଏବଂ ନିର୍ବାଚନର ଉଦ୍ଦେଶ୍ୟ ସମ୍ପର୍କରେ ସଚେତନ ନୁହଁନ୍ତି। ସେମାନେ ଏହାକୁ ଗୁରୁତ୍ୱ ଦିଅନ୍ତି ନାହିଁ। ଆଉ ଅନେକଙ୍କର କାହାର ନିର୍ବାଚନ ଇସ୍ତାହାର ଉପରେ ବିଶ୍ୱାସ ନାହିଁ। ଏହାର ଯଥାର୍ଥତା ମଧ୍ୟ ରହିଛି। କାରଣ ଅନେକ ସମୟରେ ରାଜନୈତିକ ଦଳମାନେ ନିଜ ନିର୍ବାଚନୀ ସଙ୍କଳ୍ପପତ୍ରରେ ଏତେ ଅବାସ୍ତବ ପ୍ରତିଶ୍ରୁତି ସବୁ ଦିଅନ୍ତି ତାହାକୁ କାର୍ଯ୍ୟକାରୀ କରିବା ମଧ୍ୟ ଅସମ୍ଭବ। ଭୋଟ ବା କ୍ଷମତା ସମ୍ପନ୍ନ ରାଜନୀତିରେ ରାଜନୈତିକ ଦଳ ମାନେ ଯେନତେନ ପ୍ରକାରେଣ ନିର୍ବାଚନ ଜିତିବା ଉପରେ ସବୁ ବେଳେ ଗୁରୁତ୍ୱ ଦିଅନ୍ତି। ରାଜ୍ୟ ବା ଦେଶର ବୃହତ୍ତର ସ୍ୱାର୍ଥ ବା ଲୋକଙ୍କ କଲ୍ୟାଣକୁ ସେମାନେ ଗୁରୁତ୍ୱ ଦିଅନ୍ତି ନାହିଁ। ସେମାନଙ୍କର ମୂଳ ଲକ୍ଷ୍ୟ ହେଲା ଭୋଟରଙ୍କୁ ପ୍ରଲୋଭିତ କରି ସେମାନଙ୍କ ସମର୍ଥନ ହାସଲ କରିବା। ଏଥିଲାଗି ସେମାନେ ନିର୍ବାଚନ ବେଳେ ଭୋଟରଙ୍କୁ ତତ୍କାଳ ଲାଭର ପ୍ରଲୋଭନ ଦିଅନ୍ତି। ଭୋଟ ପୂର୍ବରୁ ଭୋଟରଙ୍କୁ ଉପହାର ଦିଆଯାଏ।ସକ ଦଳ ଦୀର୍ଘ ବର୍ଷ ହେବ ଦାବି ହୋଇ ଆସୁଥିବା କାମର ଶୁଭାରମ୍ଭ କରନ୍ତି। କିନ୍ତୁ ନିର୍ବାଚନ ପରେ ସେମାନେ ସବୁ କଥା ଭୁଲିଯାଆନ୍ତି। ଭୋଟରମାନେ ବି ଏକଥାକୁ ଭଲଭାବେ ବୁଝିଗଲେଣି। ସରକାରଙ୍କଠାରୁ ବଡ଼ ଆଶା ନକରି ବ୍ୟକ୍ତିଭାବେ କିପରି ଲାଭବାନ ହୋଇପାରିବ, ସେ କଥାକୁ ସମସ୍ତେ ଚିନ୍ତା କରନ୍ତି। ତେଣୁ ପ୍ରତି ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନୀ ଇସ୍ତାହାରରେ ନୂଆ ନୂଆ ପ୍ରଲୋଭନ ଦିଆଯାଉଛି। ଏଥିରେ ପ୍ରତିଯୋଗିତା ଚାଲିଛି। ଏହାର ପ୍ରଭାବ ମଧ୍ୟ ପଡୁଛି। ଭୋଟରମାନେ ତତ୍କାଳ ଲାଭ ପାଇବା ଆଶାରେ ପ୍ରଲୋଭିତ ହୋଇ ଭୋଟ ଦେଉଛନ୍ତି। ନିର୍ବାଚନ ପ୍ରତିଶ୍ରୁତିରେ ମାଗଣା ବଣ୍ଟନ ଏକ ବଡ଼ ପ୍ରସଙ୍ଗ ହୋଇଛି। ଆପ ଦିଲ୍ଲୀରେ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ପ୍ରତିଶ୍ରୁତି ଦେଇ ସଫଳ ହୋଇଛି। କେନ୍ଦ୍ର ସରକାର ମାଗଣା ରାସନ ଦେଉଛନ୍ତି। ଆଉ ମାଗଣା ସାଇକେଲ, ପୋଷାକ, ସ୍କୁଟି, ମୋବାଇଲ ସମ୍ପୂର୍ଣ୍ଣ ମାଗଣାରେ ଦିଆଯାଉଛି। ରାଜକୋଷରୁ ହଜାର ହଜାର କୋଟି ଟଙ୍କା ବରବାଦ ହେଉଛି। ଏଥିରେ ଅନେକ ସାମୁହିକ ବିକାଶ କାର୍ଯ୍ୟ ହୋଇପାରନ୍ତା। ଆଉ କିଛି ନହେଲେ ହସ୍ପିଟାଲରେ ଗରିବ ରୋଗୀଙ୍କୁ ସହାୟତା କରାଯାଇପାରିବ। ରାସ୍ତା, ସେତୁ, ବନ୍ଧ ବାଡ଼ ନିର୍ବାଣ କରାଯାଇପାରନ୍ତା। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଆମ ଦେଶର ଭୋଟରମାନେ ସବୁ ବେଳେ ନିଜର ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆସୁଛନ୍ତି। କେହି ଦେଶ ବା ରାଜ୍ୟର ବୃହତ୍ତର ସ୍ୱାର୍ଥ ବିଷୟ ଚିନ୍ତା କରୁ ନାହାଁନ୍ତି। ତେଣୁ ଭୋଟରଙ୍କୁ ପ୍ରଲୋଭିତ କରୁଥିବା ରାଜନୈତିକ ଦଳମାନଙ୍କୁ ସମାଲୋଚନା କଲେ ବା ସେମାନଙ୍କୁ ଦୋଷ ଦେବା ଅନୁଚିତ। ଯଦି ସାଧାରଣ ନାଗରିକ ଭୋଟ ପ୍ରତିବଦଳରେ ଲାଞ୍ଚ ମାଗିବ ତେବେ ଦୋଷ କାହାର? ଚଳିତ ମାସରେ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଥିଲାଗି ବିଜେପି ପକ୍ଷରୁ ଏକ ସଙ୍କଳ୍ପପତ୍ର ଘୋଷଣା କରାଯାଇଛି। ଏଥିରେ ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ଅନେକ ପ୍ରତିଶ୍ରୁତି ଦିଆଯାଇଛି। ସୁଭଦ୍ରା ଯୋଜନା ଭଳି ଝାଡ଼ଖଣ୍ଡରେ ମହିଳାଙ୍କୁ ମାସିକ ୨୧୦୦ ଟଙ୍କା ମାଗଣାରେ ଦେବାକୁ ବିଜେପି ପ୍ରତିଶ୍ରୁତି ଦେଇଛି। ଅର୍ଥାତ ସରକାରୀ ଭାବେ ମହିଳାଙ୍କୁ ଖାଲିଟାରେ ଟଙ୍କା ବଣ୍ଟାଯିବ। ଏହା ଦ୍ୱାରା ସେମାନେ ସ୍ୱଚ୍ଛଳ ହୋଇଯିବେ ସେକଥା ନୁହେଁ। ପରିବାର ପ୍ରତିପୋଷଣ ଲାଗି ସେମାନଙ୍କୁ ଏହା ସହାୟକ ହେବ ବୋଲି କୁହାଯାଉଛି। କିନ୍ତୁ ବାସ୍ତବରେ ଏହା ଏକ ଅନାବଶ୍ୟକ ଏବଂ ଅବାସ୍ତବ ଚିନ୍ତାଧାରା। ଏହା ଲୋକଙ୍କ ଟିକସ ଅର୍ଥର ଦୁରୁପଯୋଗ। ସେହିପରି ବିଜେପି ପକ୍ଷରୁ ଝାଡ଼ଖଣ୍ଡରେ ମହିଳାଙ୍କୁ ବାର୍ଷିକ ୨ଟି ଗ୍ୟାସ ସିଲିଣ୍ଡର ମାଗଣାରେ ଏବଂ ଅନ୍ୟ ସମୟରେ ୫୦୦ ଟଙ୍କାରେ ମାସିକ ଗୋଟିଏ ଗ୍ୟାସ ସିଲିଣ୍ଡର ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି। ଏହା ବ୍ୟତିତ ଆହୁରି ଅନେକ ପ୍ରତିଶ୍ରୁତି ଦିଆଯାଇଛି ଯାହାର ଉଦ୍ଦେଶ୍ୟ ହେଲା ଭୋଟରଙ୍କୁ ପ୍ରଲୋଭିତ କରି ସେମାନଙ୍କ ମନ କିଣିବା। କେବଳ ବିଜେପି ନୁହେଁ, ସବୁ ଦଳ ଏଭଳି ପ୍ରତିଶ୍ରୁତି ଦେଉଛନ୍ତି। ସେଥିରୁ କିଛି କାର୍ଯ୍ୟକାରୀ କରାଯାଉଛି। ଆଗାମୀ ନିର୍ବାଚନରେ ଜିତିଲେ ଆହୁରି ଦିଆଯିବ ବୋଲି କୁହାଯାଉଛି।ୱ ମାଗଣା ସମସ୍ତଙ୍କୁ ଭଲଲାଗେ। ସମସ୍ତେ ଚାହାଁନ୍ତି କିପରି ବିନା ପରିଶ୍ରମରେ ଘରେ ବସି ଟଙ୍କା ରୋଜଗାର କରିବେ ଏବଂ ଆରାମରେ ଚଳିବେ। ଆଉ ରାଜନୈତିକ ଦଳମାନେ ଅତି ଚତୁରତାର ସହ ନିର୍ଦ୍ଦିଷ୍ଟ ବର୍ଗକୁ ନିଜ ଜାଲରେ ପକାଇ ଭୋଟ ବ୍ୟାଙ୍କ ସୃଷ୍ଟି କରୁଛନ୍ତି। ଯେମିତି ମହିଳା ଭୋଟ ବ୍ୟାଙ୍କ, କୃଷକ, ଯୁବକ, ଶ୍ରମିକ, ଶିକ୍ଷକ, ସରକାରୀ କର୍ମଚାରୀ ପ୍ରମୁଖଙ୍କୁ ନେଇ ଭୋଟ ବ୍ୟାଙ୍କ ସୃଷ୍ଟି କରାଯାଉଛି। ନିର୍ବାଚନରେ ସେମାନଙ୍କୁ ସାମୁହିକ ସମର୍ଥନ ପାଇବା ଆଶାରେ ଏଭଳି କରାଯାଉଛି। ଅନେକ ସମୟରେ ଏହା ସଫଳ ମଧ୍ୟ ହେଉଛି। କଂଗ୍ରେସ ଓ ବାମପନ୍ଥୀ ତଥା ନିଜକୁ ତଥାକଥିତ ଧର୍ମନିରପେକ୍ଷ ଦାବି କରୁଥିବା ଦଳମାନେ ଯେମିତି ସଂଖ୍ୟାଲଘୁ ସମ୍ପ୍ରଦାୟର ସମର୍ଥନ ପାଇବା ପାଇଁ ସଂକୀର୍ଣ୍ଣ ରାଜନୀତି କରୁଛନ୍ତି ତାହା ତୁଷ୍ଟିକରଣ ରାଜନୀତି ବା ଭୋଟ ବ୍ୟାଙ୍କ ରାଜନୀତି। ଏହାର ମୁକାବିଲା ନିମନ୍ତେ ଦକ୍ଷିଣପନ୍ଥୀ ଦଳମାନେ ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟର ସମର୍ଥନ ହାସଲ ନିମନ୍ତେ ଭିନ୍ନ ନୀତି ଗ୍ରହଣ କରୁଛନ୍ତି। ସେମାନଙ୍କୁ ଉତ୍ତେଜିତ କରାଯାଉଛି, ସେମାନଙ୍କ ସମର୍ଥନ ହାସଲ ନିମନ୍ତେ ପ୍ରଲୋଭିତ କରାଯାଉଛି। ନିର୍ବାଚନ ଇସ୍ତାହାର ବା ସଙ୍କଳ୍ପପତ୍ରରେ ମଧ୍ୟ ସମାନ କଥା ଦେଖିବାକୁ ମିଳୁଛି। ଏହା ସଙ୍କଳ୍ପପତ୍ର ନୁହେଁ, ପ୍ରଲୋଭନପତ୍ର। ସଚେତନ ଭୋଟରମାନେ ଏହାକୁ ଗୌଣ ଦୃଷ୍ଟିରୁ ଦେଖିବା ଉଚିତ। ସେମାନେ ରାଜନୈତିକ ଦଳମାନଙ୍କୁ ଏଭଳି ପ୍ରଲୋଭନରୁ ନିବୃତ୍ତ ରଖିବା ସହିତ ଭୋଟରମାନଙ୍କୁ ଏଭଳି ଦଳମାନଙ୍କୁ ପ୍ରତ୍ୟାଖ୍ୟାନ କରିବାକୁ ପ୍ରରୋଚିତ କରିବା ଉଚିତ। ନିର୍ବାଚନ ଇସ୍ତାହାରରେ ଦେଶର ସୁରକ୍ଷା, ପ୍ରତିରକ୍ଷା ବ୍ୟବସ୍ଥା, ବିଜୁଳି, ପାଣି, ଭିତ୍ତିଭୂମି ବିକାଶ ଏବଂ ସାମଗ୍ରୀକଭାବେ ଦେଶର ବିକାଶ ତଥା ଗୌରବ ବୃଦ୍ଧି ନିମନ୍ତେ ନିର୍ଦ୍ଦିଷ୍ଟ ପ୍ରସ୍ତାବ ରହିବା ଉଚିତ। ଓଡ଼ିଶାରେ ଗତ ନିର୍ବାଚନ ବେଳେ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ପକ୍ଷରୁ ସେମାନଙ୍କ ନିର୍ବାଚନୀ ଇସ୍ତହାର ବା ସଙ୍କଳ୍ପପତ୍ରରେ ଅନେକ ପ୍ରତିଶ୍ରୁତି ଦିଆଯାଇଥିଲା। କ୍ଷମତାକୁ ଆସିବା ବପରେ ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ସେଥିରୁ କିଛିଟା କାର୍ଯ୍ୟକାରୀ କରିଛନ୍ତି। ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରାଯାଇଛି। ଶ୍ରୀମନ୍ଦିର ଚାରି ଦ୍ୱାର ଏବଂ ରତ୍ନଭଣ୍ଡାର କୋଲାଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୧ଶହ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ବାସ୍ତବରେ ଅନେକ କାମ ସରକାରଙ୍କ ପାଇଁ ବାକି ରହିଛି ବା କରିବାର ଅଛି। ରାଜ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଜରୁରୀ। ଅନେକ ନୂଆ ଶିଳ୍ପ ପ୍ରତିଷ୍ଠା ସହ ପୁରୁଣା ଶିଳ୍ପ ପ୍ରତିଠାନର ପୁନରୁଦ୍ଧାର ଆବଶ୍ୟକ। ଏହା ସହିତ ଆଳୁ ପିଆଜ ଭଳି ଅନେକ ଅତ୍ୟାବଶ୍ୟକ ସାମଗ୍ରୀର ଉତ୍ପାଦନ ଏବଂ ସଂରକ୍ଷଣ ବ୍ୟବସ୍ଥା କରାଯିବା ଆବଶ୍ୟକ। ଏଥିପ୍ରତି ମୋହନ ସରକାର ଉପଯୁକ୍ତ ପଦକ୍ଷେପ ନେବେ ବୋଲି ଆଶା।

## ସମ୍ପାଦକଙ୍କୁ ପତ୍ର

### ପୋଷ୍ଟ ଅଫିସ ପ୍ରତି ଦୃଷ୍ଟିପଡୁ

ମହାଶୟ,

ମହାନଗର ନିଗମ ଭୁବନେଶ୍ୱରର ପୋଖରୀପୁଟରେ ଏକ ସବ ପୋଷ୍ଟଅଫିସ୍ ରହିଛି। ଏଠାରେ ଅଧିକାଂଶ ସେବା ଉପଲବ୍ଧ ହେଉଥିବା ବେଳେ ଚିଠି ପତ୍ର ଓ ଅନ୍ୟନ୍ୟ ବଣ୍ଟନ ବ୍ୟବସ୍ଥା ନାହିଁ। ଏହି ପୋଷ୍ଟଅଫିସ୍ ଟି ସ୍ୱୟଂ ସମ୍ପୂର୍ଣ୍ଣ ପୋଷ୍ଟଅଫିସ୍ ର ମାନ୍ୟତା ନାହିଁ! ଜଣେ ପୋଷ୍ଟ ମାଷ୍ଟର କୁ ନେଇ ପୋଷ୍ଟଅଫିସ୍ ଚାଲିଛି। ତଥାପି ପୂର୍ବ ଅପେକ୍ଷା ଉକ୍ତ ପୋଷ୍ଟଅଫିସ୍ ସକ୍ରିୟ ହୋଇଛି। କିନ୍ତୁ ନିଜସ୍ୱ ଗୃହ ନଥିବାରୁ ବଦାନ୍ୟ ବ୍ୟକ୍ତି ଓ ୟୁଥ କ୍ଲବ ସହଯୋଗ ଉପରେ ନିର୍ଭର କରୁଛି। ଆଜବେଷ୍ଟସ୍ ଗୃହ ହୋଇଥିବାରୁ ଗ୍ରୀଷ୍ମ ଋତୁରେ ବିଶେଷ ହଇରାଣ ହେବାକୁ ପଡୁଛି। ଏଦିଗରେ ଡାକ ବିଭାଗ ଦୃଷ୍ଟି ଦେବା ଆବଶ୍ୟକ।

ନିର୍ମଳ ଚନ୍ଦ୍ର ସାମଲ
ପୋଖରୀପୁଟ, ଭୁବନେଶ୍ୱର

# ଧର୍ମନିରପେକ୍ଷତାକୁ ନେଇ ସୁପ୍ରିମକୋର୍ଟଙ୍କ ରାୟ



ଗୋପାଳ ମହାପାତ୍ର



ରାଜନୀତିରେ ଧର୍ମନିରପେକ୍ଷ ଶବ୍ଦକୁ ରାଜନୈତିକ ଦଳମାନେ ନିଜ ନିଜ ଅନୁସାରେ ବ୍ୟବହାର କରୁଛନ୍ତି ଯେଉଁଥିପାଇଁ ଏହି ଶବ୍ଦର ବାସ୍ତବିକ ଅର୍ଥ ଏବଂ ଭାବନାକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଥାଏ। ଦେଶର ସର୍ବୋଚ୍ଚ ଅଦାଲତ ଗତ ଅକ୍ଟୋବର ୨୧ ତାରିଖରେ ସମ୍ବିଧାନର ୪୨ତମ ସଂଶୋଧନ କୁ ଚାଲେଞ୍ଜ କରି ଦାଏର କରାଯାଇଥିବା ଏକ ମାମଲାକୁ ବିଚାର କରି ଧର୍ମନିରପେକ୍ଷତାକୁ ଭାରତୀୟ ସମ୍ବିଧାନର ଆଧାରଭୁତ ସଂରଚନାର ଅଂଶ ବୋଲି କହିଛନ୍ତି ଏବଂ ସ୍ପଷ୍ଟ ସଙ୍କେତ ଦେଇଛନ୍ତି ଯେ ଧର୍ମନିରପେକ୍ଷତାକୁ ୟୁରୋପୀୟ ଦେଶରୁ ଆମଦାନୀ କରାଯାଇଥିôବା ଶବ୍ଦର ଦୃଷ୍ଟିରେ ନ ଦେଖି ଭାରତୀୟ ସମ୍ବିଧାନର ଆତ୍ମା ଭାବରେ ଦେଖିବା ଆବଶ୍ୟକ। ଧର୍ମ ନିରପେକ୍ଷତାକୁ ଭାରତୀୟ ସମ୍ବିଧାନର ମୂଳ ବିଶେଷତା ବୋଲି କହିବା ସହ କୋର୍ଟ କହିଛନ୍ତି ଯେ ସମ୍ବିଧାନରେ ବର୍ଣ୍ଣିତ ସମାନତା ଏବଂ ବନ୍ଧୁତ୍ୱ ଏହି ଭାବନାରୁ ସୃଷ୍ଟି। ଧର୍ମ ନିରପେକ୍ଷତା ଭାରତୀୟ ଗଣତନ୍ତ୍ରର ଅପରିହାର୍ଯ୍ୟ ବିଶେଷତା ଏବଂ ଏହା ସମାଜରେ ବ୍ୟାପକ ଦୃଷ୍ଟି ବାଲା ଉଦାର ମାନସିକତାକୁ ବିକସିତ କରିବାରରେ ସହାୟକ ଅଟେ। ଧର୍ମ ନିରପେକ୍ଷତା ବିନା ସୁସ୍ଥ ଗଣତନ୍ତ୍ରର କଳ୍ପନା କରାଯାଇପାରେ ନାହିଁ ଯାହା ରାଷ୍ଟ୍ରୀୟ ଏକତା ପାଇଁ ମଧ୍ୟ ଆବଶ୍ୟକ ବୋଲି କହିଛନ୍ତି ମାନବର କୋର୍ଟ।

୪୨ ତମ ସମ୍ବିଧାନ ସଂଶୋଧନ ପରେ ଭାରତୀୟ ସମ୍ବିଧାନର ପ୍ରସ୍ତାବନାରେ 'ପନ୍ଥ ନିରପେକ୍ଷ' ଶବ୍ଦ ଯୋଡ଼ାଯାଇଛି କିନ୍ତୁ 'ପନ୍ଥନିରପେକ୍ଷ' ଶବ୍ଦର ପ୍ରୟୋଗ ଭାରତୀୟ ସମ୍ବିଧାନର କୌଣସି ଅନ୍ୟ ଭାଗରେ କରାଯାଇନାହିଁ। ସମ୍ବିଧାନରେ ଏମିତି ଅନେକ ଅନୁଛେଦ ରହିଛି ଯାହାର ଆଧାରରେ ଭାରତକୁ ଏକ ଧର୍ମ ନିରପେକ୍ଷ ଦେଶ ବୋଲି କୁହାଯାଏ କାରଣ ଭାରତର ସମ୍ବିଧାନ ଦେଶର ନାଗରିକ ମାନଙ୍କ ସହ ଧର୍ମର ଆଧାରରେ କୌଣସି ଭେଦଭାବ କରିବାକୁ ଅନୁମତି ଦିଏ ନାହିଁ। ସମ୍ବିଧାନରେ ଭାରତର କୌଣସି ନିର୍ଦ୍ଦିଷ୍ଟ ଧର୍ମ ଘୋଷଣା କରାଯାଇ ନାହିଁ। କୌଣସି ନିର୍ଦ୍ଦିଷ୍ଟ ଧର୍ମର ସମର୍ଥନ କରାଯାଇ ନାହିଁ। ଏହିକାରଣରୁ ଭାରତରେ ଅନେକ ଧର୍ମ ଏବଂ ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି। ଏଣୁ ସମ୍ବିଧାନ ନିର୍ମାତାମାନେ ଭାରତକୁ ଏକ ଧର୍ମ ନିରପେକ୍ଷ ଦେଶ ଭାବେ ସ୍ୱୀକାର କରିଛନ୍ତି। ଭାରତୀୟ ସମାଜର ବହୁଧର୍ମ ଓ ବିଭିନ୍ନ ସଂସ୍କୃତି ଏହାର ଅପରିହାର୍ଯ୍ୟତାକୁ ଦର୍ଶାଇଥାଏ। ନିଶ୍ଚିତ ରୂପରେ ଏହିପ୍ରସଙ୍ଗରେ ନିଜର ସୁବିଧା ପାଇଁ ଯେଉଁ ରାଜନେତା ମାନେ ଧର୍ମକୁ ରାଜନୀତି ପାଇଁ ବ୍ୟବହାର କରୁଛନ୍ତି ସେମାନଙ୍କୁ ଆଇନା ଦେଖାଇଛନ୍ତି ମାନ୍ୟବର କୋର୍ଟ।

ପୂର୍ବତନ ରାଷ୍ଟ୍ରପତି ଡ଼କ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନମ୍ ଧର୍ମ ନିରପେକ୍ଷତା ଶବ୍ଦର ବ୍ୟାପକ ଅର୍ଥକୁ ସ୍ପଷ୍ଟ କରି କହିଛନ୍ତି- ଧର୍ମନିରପେକ୍ଷ ହେବାର ଅର୍ଥ ଅଧର୍ମୀ ହେବା ଅଥବା ସଙ୍କୁଚିତ ଧାର୍ମିକତା ନେଇ ଚଳିବା ନୁହେଁ ବରଂ ଏହାର ଅର୍ଥ ପୂର୍ଣ୍ଣତଃ ଆଧ୍ୟାତ୍ମିକ ହେବା। ନିରପେକ୍ଷର ଅର୍ଥ ହେଉଛି ଯେ ରାଷ୍ଟ୍ରପକ୍ଷରୁ କୌଣସି ଧର୍ମ ବିଶେଷର ପ୍ରଚାର- ପ୍ରସାର ନ କରାଯିବା। ସବୁ ଧର୍ମ ପ୍ରତି ସମାନ ବ୍ୟବହାର କରିବା। ଭାରତର ଗଣତନ୍ତ୍ର ଏବଂ ସମ୍ବିଧାନର ବିଶେଷତା ହେଉଛି କୌଣସି ଏକ ଧର୍ମକୁ ମାନ୍ୟତା ନଦେଇ ସବୁ ଧର୍ମକୁ ସମାନ ଦୃଷ୍ଟିରେ ଦେଖିବା। ଏବେ ଧର୍ମନିରପେକ୍ଷତାକୁ ନେଇ ଚାଲୁଥିବା ଚର୍ଚ୍ଚାରେ ଅନେକ ସମୟରେ ଯେମିତି ତର୍ଜମା କରାଯାଉଛି ତାକୁ ଦେଖିଲେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଭିନ୍ନ ଭିନ୍ନ ଦୁଇଟି ରାୟ ବା ନିଷ୍ପତ୍ତି ଧର୍ମ ନିରପେକ୍ଷତାର ଗୁରୁତ୍ୱକୁ ରେଖାଙ୍କିତ କରୁଛି। ଗୋଟିଏ ମାମଲାରେ ସର୍ବୋଚ୍ଚ ଅଦାଲତ ଧର୍ମ ନିରପେକ୍ଷତାକୁ ସମ୍ବିଧାନର ମୂଳ ଢ଼ାଞ୍ଚାର ଅଂଶ ବୋଲି କହିଥିବା ବେଳେ ଅନ୍ୟ ମାମଲାରେ ଏହାର ସଂକୀର୍ଣ୍ଣ ବ୍ୟାଖ୍ୟା କାରଣରୁ ଉପୁଜୁଥିବା ଅବ୍ୟବସ୍ଥାକୁ ଦୁର କରିଦେଇଛନ୍ତି।

ଗୋଟିଏ ମାମଲା ଆହ୍ଲାବାଦ ହାଇକୋର୍ଟଙ୍କ ଦ୍ୱାରା ଉତ୍ତର ପ୍ରଦେଶ ବୋର୍ଡ ଅଫ ମଦ୍ରାସା ଏଜୁକେଶନ ଆକ୍ଟ ୨୦୦୪କୁ ରଦ୍ଧ କରାଯିବା ସହ ସମ୍ପର୍କୀତ ଥିଲା ଓ ଏହି ମାମଲାର ରାୟକୁ ଅକ୍ଟୋବର ୨୨ ତାରିଖରେ ମାନ୍ୟବର ସୁପ୍ରିମକୋର୍ଟ ଭୁଲ ବୋଲି କହିଛନ୍ତି। ଆହ୍ଲାବାଦ ହାଇକୋର୍ଟ ୨୦୨୪ର ଏହି ଆଇନ୍‌କୁ ଧର୍ମନିରପେକ୍ଷତା ସିଦ୍ଧାନ୍ତ ବିରୋଧି ବୋଲି କହିଥିଲେ। ଧର୍ମନିରପେକ୍ଷତାର ଏହି ସଂକୀର୍ଣ୍ଣ ବ୍ୟାଖ୍ୟା କାରଣରୁ ଉତ୍ତରପ୍ରଦେଶର ୧୩ ହଜାରରୁ ଅଧିକ ମଦ୍ରାସାରେ ପଢ଼ୁଥିବା ୧୨ ଲକ୍ଷରୁ ଅଧିକ ଛାତ୍ରଙ୍କ ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଥିଲା। କିନ୍ତୁ ମାନ୍ୟବର ସୁପ୍ରିମକୋର୍ଟ ଏହିମାମଲାର ବିଚାର କରି ମଦ୍ରାସା ଗୁଡ଼ିକୁ ବ୍ୟାନ କରିବା ପରିବର୍ତ୍ତେ ମୁଖ୍ୟଧାରାରେ ସାମିଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ପ୍ରସଙ୍ଗରେ ଏକ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ କ'ଣ ମଦ୍ରାସା ମୁଖ୍ୟଧାରାରେ ସାମିଲ ହେବା ପାଇଁ ପ୍ରସ୍ତୁତ? କ'ଣ ମଦ୍ରାସା ଏକ ନିର୍ଦ୍ଦିଷ୍ଟ ଧର୍ମ ସହ ଜଡ଼ିତ ମାମଲା ନୁହେଁ କି? ମାନ୍ୟବର ସୁପ୍ରିମ କୋର୍ଟଙ୍କ ମତ ହେଉଛି ମଦ୍ରାସା ଗୁଡ଼ିକୁ ବ୍ୟାନ/ବନ୍ଦ କରିବା ପରିବର୍ତ୍ତେ ମଦ୍ରାସାର ପାଠ୍ୟକ୍ରମକୁ ସମୟର ଆବଶ୍ୟକତା ଏବଂ ରାଷ୍ଟ୍ରୀୟ ବିଚାରଧାରାର ଅନୁରୂପ କରାଯିବା ଆବଶ୍ୟକ। ଏପରିକି ଏସବୁ ସମ୍ବିଧାନର ମୂଳ ଭାବନାର ଅନୁରୁପ ହେବା ଆବଶ୍ୟକ। ଏହା ହେଲେ ମଦ୍ରାସାରେ ପଢ଼ୁଥିବା ଛାତ୍ର ମାନଙ୍କର ବ୍ୟାପକ ଦୃଷ୍ଟିକୋଣ ବିକଶିତ ହୋଇ ପାରିବ। କିନ୍ତୁ ଏହା କ'ଣ ସମ୍ଭବ ହୋଇପାରିବ? କ'ଣ ମଦ୍ରାସା ତାର ପାଠ୍ୟକ୍ରମକୁ ସଂକୀର୍ଣ୍ଣତାରୁ ମୁକ୍ତ କରି ବ୍ୟାପକ ପରିବେଶକୁ ନୂଆ ରୂପ ଦେଇପାରିବ? ଏଭଳି ହୋଇ ପାରିଲେ ମାନ୍ୟବର କୋର୍ଟଙ୍କ ମାନସିକତା ଅନୁସାରେ ଭାରତର ଏକତା ଏବଂ ଅଖଣ୍ଡତା ବଜାୟ ରହିପାରିବ। କୋର୍ଟ ଏ ପ୍ରସଙ୍ଗରେ କହିଛନ୍ତି ଯେ କୌଣସି ପ୍ରକାରରେ ଧର୍ମ ନିରପେକ୍ଷତାର ଅବଧାରଣା ଦୁର୍ବଳ ହୋଇ ପଡ଼ିଲେ ଅନ୍ତତଃ ଏହାର ପ୍ରଭାବ ସମାଜ ଓ ଦେଶ ଉପରେ ପଡ଼ିଥାଏ। ଭାରତୀୟ ସମାଜରେ ହଜାର ହଜାର ବର୍ଷ ହେବ ଏମିତି ଏକ ସଂସ୍କୃତି ବିକଶିତ ହୋଇଛି ଯେ ସବୁ ଧର୍ମ ଏବଂ ସମ୍ପ୍ରଦାୟକୁ ସମାନତାରେ, ବନ୍ଧୁତ୍ୱ ଭାବନାରେ ଏବଂ ଉଦାରତା ରେ ହିଁ ଦେଖାଯାଇଥାଏ।

ଏବେ ଧର୍ମ ନିରପେକ୍ଷତା ଶବ୍ଦକୁ ନେଇ ରାଜନେତା ଏବଂ ରାଜନୀତି ଦୁଇ ଭାଗରେ ବାଣ୍ଟି ହୋଇ ଯାଇଛି। ସମାଜ ମଧ୍ୟ ଦୁଇ ଭାଗରେ ବାଣ୍ଟି ହୋଇଯାଇଛି। ଦେଶ ସ୍ୱାଧିନ ହେବା ସମୟରେ ଏବଂ ସମ୍ବିଧାନ ପ୍ରଣୟନ କରିବା ବେଳେ ଇଂରେଜୀ ଶବ୍ଦ 'ସିକ୍ୟୁଲାର'ର ଅର୍ଥ ଧର୍ମ ବୋଲି କୁହାଯିବା ଭ୍ରାମକ ନିଶ୍ଚୟ। ସେବେଠାରୁ ଧର୍ମ ନିରପେକ୍ଷ ଶବ୍ଦ କାରଣରୁ ବିଦ୍ୟାଳୟ ମାନଙ୍କରେ ଧାର୍ମିକ ଶିକ୍ଷା ଦିଆଯାଏ ନାହିଁ। ଏହି କାରଣରୁ ବିଦ୍ୟାର୍ଥୀଙ୍କ ସର୍ବାଙ୍ଗୀନ ବ୍ୟକ୍ତିତ୍ୱ ନିର୍ମାଣ ସମ୍ଭବ ହୋଇପାରୁନାହିଁ। ଏହି ଶବ୍ଦକୁ ନେଇ ଏବେ ବ୍ୟାପକ ଚର୍ଚ୍ଚା ହେଉଛି ଯେଉଁଥିପାଇଁ ବିଭିନ୍ନ ଧର୍ମର ଲୋକମାନଙ୍କ ମଧ୍ୟରେ ଥିବା ପୂର୍ବର ସୌହାର୍ଦ୍ଦ୍ୟ କମିବାରେ ଲାଗିଛି। କେବଳ ରାଜନେତା ନୁହଁନ୍ତି ଧର୍ମଗୁରୁ, ସାହିତ୍ୟିକ ଏବଂ ଗଣମାଧ୍ୟମରେ ଏହି ଶବ୍ଦକୁ ନେଇ ଅନେକେ ଭିନ୍ନ ଭିନ୍ନ ବ୍ୟାଖ୍ୟା କରୁଛନ୍ତି। ଗଣତାନ୍ତ୍ରିକ ରାଷ୍ଟରେ କୌଣସି ସମ୍ପ୍ରଦାୟ ଅଥବା ପନ୍ଥର ଆଧିପତ୍ୟ ବଢ଼ିଲେ ଏହା ଗଣତାନ୍ତ୍ରିକ ସ୍ୱରୂପକୁ ସୁରକ୍ଷିତ ରଖିପାରେ ନାହିଁ। ଏଇଥିପାଇଁ ଗଣତାନ୍ତ୍ରିକ ରାଷ୍ଟ୍ରକୁ ସମ୍ପ୍ରଦାୟ ଅଥବା ପନ୍ଥ ନିରପେକ୍ଷ ହେବା ଅନିବାର୍ଯ୍ୟ ଅଟେ। ସମ୍ପ୍ରଦାୟିକ କଠୋରତାରେ ସହିଷ୍ଣୁତା ନଥାଏ ଏଣୁ ରାଜନୀତି କୌଣସି ସମ୍ପ୍ରଦାୟ ବିଶେଷା ଅବଧାରଣାରେ ସଞ୍ଚାଳିତହେବା ଉଚିତ ନୁହେଁ। ଏଇଥିପାଇଁ ସମ୍ବିଧାନରେ ଧର୍ମ ନିରପେକ୍ଷ ସ୍ଥାନରେ ସମ୍ପ୍ରଦାୟ ନିରପେକ୍ଷ, ଧର୍ମ ନିରପେକ୍ଷ ଅଥବା ପନ୍ଥ ନିରପେକ୍ଷ ଶବ୍ଦର ପ୍ରୟୋଗ ହେବା ଉଚିତ୍। ସମ୍ପ୍ରଦାୟ ନିରପେକ୍ଷ ହେବାର ଅର୍ଥ ଧର୍ମ ନିରପେକ୍ଷ, ଧର୍ମ ହୀନ ବା ଧର୍ମବିରୋଧି ନୁହେଁ। ଧର୍ମ ନିରପେକ୍ଷ ଶବ୍ଦ ପାଇଁ ରାଜନୈତିକ ଦଳମାନେ ଭିନ୍ନ ଭିନ୍ନ ଗୋଷ୍ଠୀ ବାର୍ଟି ହୋଇ ଯାଇଛନ୍ତି। ଏହା ଦ୍ୱାରା ଧର୍ମ ବିଶେଷକୁ ନେଇ ରାଜନୈତିକ ଦଳମାନେ ଭୋଟ ରାଜନୀତି କରିବାରେ ଲାଗିଛନ୍ତି। ଏହି କାରଣରୁ ଜଣେ ସନ୍ଥ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଏବଂ ପିଭି ନରସିଂହାରାଓଙ୍କୁ ପରାମର୍ଶ ଦେଇ ଏ ସନ୍ଦର୍ଭରେ ଅଧିକ ଚର୍ଚ୍ଚା କରାଯିବା ଆବଶ୍ୟକ ବୋଲି କହିଥିଲେ। ସନ୍ଥ ଜଣକ କହିଥିଲେ "ଯେ ପର୍ଯ୍ୟନ୍ତ ସିକୁଲାର ଶବ୍ଦର ସଠିକ୍ ଅର୍ଥ ବାହାର କରାଯାଇ ନାହିଁ ସେ ପର୍ଯ୍ୟନ୍ତ ଆଧ୍ୟାତ୍ମିକ ଏବଂ ନୈତିକ ମୂଲ୍ୟର ସମସ୍ୟା ସମାଧାନ ହୋଇପାରିବ ନାହିଁ। ରାଜୀବଗାନ୍ଧୀ ଏ ପ୍ରସଙ୍ଗରେ ବିଶେଷଜ୍ଞ ମାନଙ୍କର ପରାମର୍ଶ ମାଗିଥିଲେ ଓ ପରାମର୍ଶ ସବୁର ବିସ୍ତୃତ ଆଲୋଚନା କରିଥିଲେ ଓ ସମ୍ବିଧାନରେ ସିକୁଲାର ଶବ୍ଦର ଅର୍ଥ ଧର୍ମ ନିରପେକ୍ଷକୁ ପରିବର୍ତ୍ତନ କରାଯାଇ ସମ୍ପ୍ରଦାୟ ନିରପେକ୍ଷ କରାଯାଇଥିଲା। ଅର୍ଥ ବଦଳାଇଦିଆଯାଇ ଥିଲେ ମଧ୍ୟ ଧର୍ମ ନିରପେକ୍ଷ ଶବ୍ଦ ପୂର୍ବବତ୍ ରହିଲା। ଏଇଥିପାଇଁ ସମ୍ବିଧାନର ୪୨ ତମ ସଂଶୋଧନକୁ ଚାଲେଞ୍ଜ କରି ଏକ ମାମଲା ସୁପ୍ରିମକୋର୍ଟଙ୍କ ବିଚାର ପାଇଁ ଆସିଥିଲା ଓ ସମ୍ପୃକ୍ତ ମାମଲାର ବିଚାର କରି ମାନ୍ୟବର କୋର୍ଟ ପୁନର୍ବାର ଧର୍ମନିରପେକ୍ଷତା ସମ୍ବିଧାନର ବୁନିଆଦି ଢ଼ାଞ୍ଚା ବୋଲି କହିଛନ୍ତି। ସୁପ୍ରିମ କୋର୍ଟଙ୍କ ରାୟପରେ ଏକଥା ସ୍ପଷ୍ଟ ହୋଇଯାଇଛି ଯେ ସମ୍ବିଧାନ ସଂଶୋଧନ ଦ୍ୱାରା ପ୍ରସ୍ତାବନାରେ ଧର୍ମନିରପେକ୍ଷ ଶବ୍ଦ ରହିବାର ଅର୍ଥ ହେଉଛି ଧର୍ମ ନିରପେକ୍ଷତା ସମ୍ବିଧାନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। କୋର୍ଟ ଏକଥା ମଧ୍ୟ କହିଛନ୍ତି ଯେ ଧର୍ମ ନିରପେକ୍ଷତା ହେଉ ବା ସମାଜବାଦ ଏହାକୁ ୟୁରୋପୀୟ ସନ୍ଦର୍ଭରେ ଦେଖିବାର ଆବଶ୍ୟକତା ନାହିଁ। ଭାରତୀୟ ପରିବେଶରେ ଏହି ଶବ୍ଦ ମୂଲ୍ୟ, ସଂକଳ୍ପନା, ଅବଧାରଣାର ଅନୁରୁପ। ଭାରତୀୟ ସମାଜ ମଧ୍ୟ ଏହି ଶବ୍ଦକୁ ସହଜରେ ଗ୍ରହଣ କରିନେଇଛି। ଏହି କାରଣରୁ ମାନ୍ୟବର କୋର୍ଟ ଧର୍ମନିରପେକ୍ଷତା ଶବ୍ଦକୁ ଭାରତୀୟ ସମ୍ବିଧାନର ମୂଳ ସ୍ୱର ବୋଲି କହିବା ସହ ଏହାର ସଙ୍କୁଚିତ ବ୍ୟାଖ୍ୟା କରାଯିବା ଉଚିତ୍ ନୁହେଁ ବୋଲି କହିଛନ୍ତି।

ରାମଚନ୍ଦ୍ର ପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪

# ସମ୍ପର୍କଟା ପୋଷାକ ଭଳି

ଦିପ୍ତିମୟୀ ନାୟକ





ଜୀବନରେ ଅନେକ ସମ୍ପର୍କ ଗଢ଼ା ହୁଏ ଆଉ ସେହି ସମ୍ପର୍କଟା ପୋଷାକ ଭଳି ହୋଇଯାଏ। କଥାରେ ଅଛି ନୂଆ ନୂଆ ପୋଷାକ ଭାରି ଆଦର ଆଉ ପୁରୁଣା ହେଲେ ଘର ଠାରୁ ଦୂଆର ଅର୍ଥାତ ଯେତେବେଳେ ନୂଆ ପୋଷାକ କିଣାଯାଏ ସେତେବେଳେ ସେହି ପୋଷାକଟିର ବହୁତ ଯତ୍ନ ନିଆଯାଏ ଆଉ ଯେତେବେଳେ ସେହି ପୋଷାକଟି ପୁରୁଣା ହୋଇଯାଏ ସେତେବେଳେ ସେହି ପୋଷାକଟିକୁ ଘର ପୋଛା କରିଦିଆଯାଏ। ଠିକ ସେହିଭଳି ଆଜିର ମଣିଷ ନୂଆ ନୂଆ ସମ୍ପର୍କ ଗଢ଼ିଲାବେଳେ ବହୁତ ଭଲ କଥାବାର୍ତ୍ତା କରନ୍ତି ଆଉ ଯେତେବେଳେ ସେହି ସମ୍ପର୍କ ପୁରୁଣା ହେବାକୁ ଲାଗେ ସେତେବେଳେ ସେହି ପ୍ରିୟର ମଣିଷଟା ବିରକ୍ତ ହେବାକୁ ଲାଗେ। ଇଚ୍ଛାଥାଏ ଦୁଇ ଚାରିପଦ ଭଲରେ କଥା ହେବାକୁ କିନ୍ତୁ ସେ ମଣିଷର ଆଉ ଇଚ୍ଛା ନଥାଏ ତୁମ ସହ ସମୟ ବିତେଇବାକୁ। ଆଜିକାଲି ନୂଆ ମୁହଁ ସେମାନଙ୍କୁ ଭାରି ସୁନ୍ଦର ଲାଗିଥାଏ ଆଉ ପୁରୁଣା ମୁହଁଟା ସତେ ଯେମିତି ହତଆଦର ହୋଇଯାଇଥାଏ। ସେଥିପାଇଁ ଆଜିକାଲିର ସମ୍ପର୍କ ପୋଷାକ ଭଳି ଜଣେ ଜଳିଲେ ଆଉ ଜଣେ ଭଲକି ଜାଳେ ସତେ ଯେପରି ଏହି ସମ୍ପର୍କରେ ବଦଲାମର ଛିଟା ପଡେ। ଆଉ ଏ ସମ୍ପର୍କଟା ଗୋଟେ ପୁରୁଣା ପୋଷାକ ଭଳି ଲାଗେ।

ତେବେ କେହି କେହି କୁହନ୍ତି ଜୀବନରେ ଅନେକ ସମ୍ପର୍କ ଗଢ଼ା ହେବ। କିଏ ରକ୍ତର ସମ୍ପର୍କ ନହୋଇ ରକ୍ତର ସମ୍ପର୍କୀୟ ହୋଇଯିବ ଆଉ କିଏ ରକ୍ତର ସମ୍ପର୍କ ହୋଇ ମଧ୍ୟ ନିଜ ଗର୍ବ, ଅହଂକାରରେ ରହି ରକ୍ତର ସମ୍ପର୍କଠାରୁ ଦୂରେଇଯିବ। ତେଣୁ ଏଥିରେ ଦୁଃଖ କରିବାର କିଛି କଥା ନାହିଁ। ଯେଉଁ ମଣିଷ ମଣିଷର ଭାବନାକୁ ବୁଝେନାହିଁ ସେମିତି ମଣିଷ ସହ ସମ୍ପର୍କ ଯୋଡିବା କୌଣସି ଆବଶ୍ୟକ ନାହିଁ। ସେ ସାଙ୍ଗସାଥି ହୁଅନ୍ତୁ କିମ୍ବା ଯେକୌଣସି ଲୋକ ହୁଅନ୍ତୁ। ନିଜ ପରିବାରକୁ ଛାଡିଦେଲେ କେହି କେବେ ନିଜର ହେବେ ନାହିଁ ଅବଶ୍ୟ ଯିଏ ନିଜର ହେବା କଥା ନିଜର ହୋଇ ସବୁବେଳେ ରହିବେ କିନ୍ତୁ ସ୍ୱାର୍ଥପର ଲୋକ ତମକୁ ଅଲୋଡ଼ା ମଣିଷ ଭାବିବେ। ବାସ୍ ସମୟ ସୁବିଧା ଦେଖି ସ୍ୱାର୍ଥ ହାସଲ କରିବେ ଶେଷରେ ପାଦରେ ଆଡେଇ ଦେବେ।

ଅତୀତର ଭଲପାଇବାକୁ ଭୁଲି ବର୍ତ୍ତମାନର ଭଲପାଇବାକୁ ଖୋଜିବେ। ଅନ୍ୟକୁ ଧୋକା ଦେଇ ନିଜେ ଧୋକା ଖାଇଲେ ବୋଲି କହିବେ। ଯଦି ଏମାନେ ଅତୀତକୁ ଧୋକା ଦେଇପାରୁଛନ୍ତି ତାହେଲେ ବର୍ତ୍ତମାନ କାହିଁକି ଏମାନଙ୍କୁ ଧୋକା ଦେବନି। ତେଣିକି ଯାହା ହେଉଛି ହେଉ ପୋଷାକ ଭଳି ସମ୍ପର୍କ ବଦଳଉଥିବା ଲୋକକୁ ପ୍ରେମ ବଦଳରେ ପ୍ରତାରଣା ମିଳୁଥାଉ। ମଣିଷ ଜୀବନର ଅହରହ ଅନେକ ଘଟଣା ଭିତରେ ଏମାନଙ୍କ ମାନସିକ ଅଶାନ୍ତି ଏମିତି ବୃଦ୍ଧି ପାଉଥାଉ।

ଯେତେବେଳେ ଏ ମଣିଷ ସମ୍ପର୍କର ମାନେ ବୁଝିବ ସେତେବେଳେ ଏ ମଣିଷ ଏକ ପରିବର୍ତ୍ତନର ଦିଗ ପାଇବ। ସମ୍ପର୍କକୁ ପୋଷାକ ଭଳି ନଭାବି ସମ୍ପର୍କକୁ ସମ୍ପର୍କ ଭଳି ହୃଦୟଙ୍ଗମ କରିବା ଉଚିତ। କାହିଁକି ନା ଏ ମଣିଷ ପଥଭ୍ରଷ୍ଟ ହେଉଛି ଭଲ ସମ୍ପର୍କକୁ ଖରାପ କରି ଖରାପ ସମ୍ପର୍କରେ ଲିପ୍ତ ରହୁଛି। ଭଲ ଲୋକଙ୍କୁ ଚିଡଚିଡି ହୋଇ ମନ୍ଦ ଲୋକଙ୍କୁ ପ୍ରେମର ବାର୍ତ୍ତା ଦେଉଛି ସତେ ଯେମିତି ଏ ମଣିଷ ସମ୍ପର୍କର ସଂଜ୍ଞା ଏମିତି ବୁଝିଛି।

**ତେବେ କେହି କେହି କୁହନ୍ତି ଜୀବନରେ ଅନେକ ସମ୍ପର୍କ ଗଢ଼ା ହେବ। କିଏ ରକ୍ତର ସମ୍ପର୍କ ନହୋଇ ରକ୍ତର ସମ୍ପର୍କୀୟ ହୋଇଯିବ ଆଉ କିଏ ରକ୍ତର ସମ୍ପର୍କ ହୋଇ ମଧ୍ୟ ନିଜ ଗର୍ବ, ଅହଂକାରରେ ରହି ରକ୍ତର ସମ୍ପର୍କଠାରୁ ଦୂରେଇଯିବ। ତେଣୁ ଏଥିରେ ଦୁଃଖ କରିବାର କିଛି କଥା ନାହିଁ। ଯେଉଁ ମଣିଷ ମଣିଷର ଭାବନାକୁ ବୁଝେନାହିଁ ସେମିତି ମଣିଷ ସହ ସମ୍ପର୍କ ଯୋଡିବା କୌଣସି ଆବଶ୍ୟକ ନାହିଁ।**

ଥରେ ଦୁଇଜଣ ଭଲ ବନ୍ଧୁ ଥିଲେ। ଦିନ ରାତି କଥା ହେଉଥିଲେ। ଆଉ ଯେତେବେଳେ ସେହି ବନ୍ଧୁ ଜଣକୁ ଆଉ ଗୋଟେ ବନ୍ଧୁ ମିଳିଗଲେ ସେତେବେଳେ ସେ ତାଙ୍କ ପୁରୁଣା ବନ୍ଧୁକୁ ଭୁଲିଗଲେ। ସେହି ପୁରୁଣା ବନ୍ଧୁ ତା ବନ୍ଧୁ ସହ ଟିକେ କଥା ହେବାକୁ ବହୁତ ବିକଳ ହୁଏ କିନ୍ତୁ ତା ବନ୍ଧୁ ନୂଆ ବନ୍ଧୁ ପାଇ ଏ ବନ୍ଧୁକୁ ନିଜଠୁ ଦୂରେଇ ଦିଅନ୍ତି। ଦିନ ଏମିତି ଆସିଲା ଯେତେବେଳେ ସେହି ବନ୍ଧୁଟିକୁ ତା ନୂଆ ବନ୍ଧୁ ଦୂରେଇ ଦେଲା। ଅନେକ କଟୁ କଥା କହିଲା ଯାହାଫଳରେ ଏମାନଙ୍କର ବନ୍ଧୁତା ଭାଙ୍ଗିଗଲା ଶେଷରେ ସେ ପୁଣି ତା ପୁରୁଣା ବନ୍ଧୁକୁ ଖୋଜିଲା। ପୁରୁଣା ବନ୍ଧୁ ନିଜ ବନ୍ଧୁକୁ ପାଇ ଖୁସିତ ହୋଇଗଲା କିନ୍ତୁ ଆଗଭଳି ଆଉ ବନ୍ଧୁତା ରଖିପାରିଲାନି। ଏ ବନ୍ଧୁଟି ଯେତେବେଳେ ପଚାରିଲା ତୁ ମୋ ସହ କାହିଁକି କଥା ହେଉନୁ। କାହିଁକି ମୋଠୁ ଦୂରେଇ ରହୁଛୁ। ସେଇଠୁ ବନ୍ଧୁଟି ହସିକି ଉତ୍ତର ଦେଲା ତୋତେ ହରେଇ ଯେଉଁ କଷ୍ଟ ପାଇଥିଲି ସେ କଷ୍ଟ ଆଉ ଥରେ ପାଇବାକୁ ଚାହେଁନି ବାସ ତୋର ମୋ କଥା ଯେବେ ମନେ ପଡିବ ତୁ ମୋ ସହ କଥା ହୋଇପାରେ କିନ୍ତୁ ମୁଁ ତୋ ସହ କଥା ହେବାକୁ ବିକଳ ହେବିନି କାରଣ ସେ ସମ୍ପର୍କ ଶିଖେଇଛି ଅନ୍ୟ ଠାରୁ ଦୂରେଇ ରହିବାର କଷ୍ଟ। ବନ୍ଧୁ ବୋଲି କହି ବନ୍ଧୁକ ସଜାଡିଥିବା ବନ୍ଧୁ ତୁମେ। ମୁଁ ବନ୍ଧୁ ଖୋଜିଥିଲି ହେଲେ ତୁମେ ବନ୍ଧୁକ ହୋଇଗଲ। ଆଉ ମୁଁ ଭଲ ସମ୍ପର୍କ ଖୋଜିଥିଲି ଆଉ ତୁମେ ମୋତେ ପୋଷାକ ଭାବିଦେଲ। ସେଇଠୁ ସେହି ବନ୍ଧୁଟି କହିଲେ ତୁମେ କଣ ଏମିତି ଭାବୁଛ। ସେଇଠୁ ବନ୍ଧୁ ଜଣକ କହିଲେ ବନ୍ଧୁ ନୂଆ ହେଉ କି ପୁରୁଣା ବନ୍ଧୁ ସବୁବେଳେ ବନ୍ଧୁ। ହୁଏତ ପୋଷାକ ପୁରୁଣା ହେଲେ ପାଦପୋଛା ହୋଇଯିବ କିନ୍ତୁ ବନ୍ଧୁ ପୁରୁଣା ହେଲେ ହୃଦୟ ଭିତରେ ସବୁ ସ୍ମୃତି ରହିଯିବ। ଯେଉଁ ସ୍ମୃତି ମଳାପରେ ସରିଯିବ କିନ୍ତୁ ବଞ୍ଚିବା ଅବସ୍ଥାରେ ପ୍ରତିଦିନ ମନେ ପଡୁଥିବ। ତେବେ ପ୍ରତ୍ୟେକ ମଣିଷ ସମ୍ପର୍କର ମାନେ ବୁଝନ୍ତୁ। ଗୁରୁତ୍ୱ ତାକୁ ଦିଅନ୍ତୁ ଦିଏ ଆପଣଙ୍କୁ ଗୁରୁତ୍ୱ ଦିଏ। ଆଉ ଯେଉଁମାନେ ସମ୍ପର୍କର ମାନେ ବୁଝନ୍ତିନି ସେମାନଙ୍କ ସହ ସମ୍ପର୍କ ଯୋଡି ନିଜେ ନିଜର ଆତ୍ମସମ୍ମାନ ହରାଅନି। ବନ୍ଧୁଟିଏ ବନ୍ଧୁକୁ ସମ୍ମାନ ଦିଏ। ହେଲେ ସ୍ୱାର୍ଥବାଦୀ ବନ୍ଧୁ ସମ୍ମାନ ବଦଳରେ ଅପମାନ ଦିଏ। ଅନ୍ୟକିଏ ଦୂରେଇଲେ ସେ ପୁଣି ତୁମର ହୋଇଯାଏ।

### ନିର୍ବାଚନ ପୂର୍ବରୁ ଶାହଙ୍କ ବଡ଼ ଘୋଷଣା

# ଝାଡ଼ଖଣ୍ଡରେ ଲାଗୁ ହେବ ୟୁସିସି



**ରାଞ୍ଚି,୩।୧୧:** କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଭାଜପାର ମନିଫେଷ୍ଟୋ ପ୍ରକାଶ କରିଛନ୍ତି। ଏହି ସମୟରେ ସେ କହିଛନ୍ତି ଯେ ଭାଜପା ଝାଡ଼ଖଣ୍ଡରେ କୁଶାସନ ଏବଂ ଭ୍ରଷ୍ଟାଚାରକୁ ଶେଷ କରିବ ଏବଂ ମାଟି, ମା' ଏବଂ ରୁଟିର ସୁରକ୍ଷା କରିବ। ଏହି ରାଲିକୁ ସମ୍ବୋଧିତ କରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ ଝାଡ଼ଖଣ୍ଡରେ ୟୁସିସି ନିଶ୍ଚିତ ରୂପେ କାର୍ଯ୍ୟକାରୀ ହେବ। ୟୁସିସି ସମ୍ପର୍କରେ ସେ କହିଛନ୍ତି, ଆଦିବାସୀମାନଙ୍କର କୌଣସି ଅଧିକାର ଛଡ଼ାଇ ନିଆଯିବ ନାହିଁ। ଉତ୍ତରପ୍ରଦେଶର ଭାରତୀୟ ଜନତା ପାର୍ଟି ସରକାର ଦେଶ ସମ୍ମୁଖରେ ଏକ ମଡେଲ ରଖିଛନ୍ତି। ଏଥିରେ ଆମେ ଆଦିବାସୀମାନଙ୍କୁ ସେମାନଙ୍କର ରୀତିନୀତି, ମୂଲ୍ୟବୋଧ ଦେଇଛୁ। ୟୁସିସିରୁ ସମ୍ପୂର୍ଣ୍ଣରୂପେ ଦୂରେଇ ରଖାଯାଇଛି। ଯେଉଁଠାରେ ଭାଜପା ସାରା ଦେଶରେ ୟୁସିସି ଆଣିବ, ଆଦିବାସୀଙ୍କୁ ବାହାରେ ରଖି ଏହାକୁ କାର୍ଯ୍ୟକାରୀ କରିବ।

ରାଞ୍ଚିରେ ଏହି ସମାବେଶକୁ ସମ୍ବୋଧିତ କରିବାବେଳେ କେନ୍ଦ୍ର ମନ୍ତ୍ରୀ ଅମିତ ଶାହା ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଉପରେ ଖୋଲତାଡ଼ କରିଛନ୍ତି। ସେ କହିଛନ୍ତି, ଝାଡ଼ଖଣ୍ଡରେ ହେବାକୁ ଥିବା ଏହି ନିର୍ବାଚନ କେବଳ ସରକାର ବଦଳାଇବା ପାଇଁ ନୁହେଁ, ବରଂ ଝାଡ଼ଖଣ୍ଡର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଏକ ନିର୍ବାଚନ ଅଟେ। ବିକାଶର ପଥ ଆମକୁ ଭାଜପା ନେତୃତ୍ୱାଧୀନ ସରକାର ଦରକାର ଯାହାକି ଅନୁପ୍ରବେଶ ଦ୍ୱାରା ଝାଡ଼ଖଣ୍ଡର ପରିଚୟକୁ ବିପଦରେ ପକାଇବ କିମ୍ବା ଆମକୁ ଏକ ଭାଜପା ସରକାର ଦରକାର ଯାହା ସୀମା ରକ୍ଷା କରିବ ଯେଉଁଠାରେ ପକ୍ଷୀ ମଧ୍ୟ ପ୍ରବେଶ କରି ପାରିବ ନାହିଁ।

## ସାଂସଦ ପପୁ ଯାଦବଙ୍କୁ ହତ୍ୟା ଧମକ ଦେଇଥିବା ଯୁବକ ଗିରଫ



ପପୁ ଯାଦବ

**ନୂଆଦିଲ୍ଲୀ, ୩।୧୧:** ସ୍ୱାଧୀନ ଭାବେ ଲୋକସଭା ନିର୍ବାଚନ ଜିତି ସାଂସଦ ହୋଇଥିବା ପପୁ ଯାଦବଙ୍କୁ ହତ୍ୟା ଧମକ ଦେଇଥିବା ଯୁବକଙ୍କୁ ବିହାର ପୁଲିସ୍ ଗିରଫ କରିଛି। ପୂର୍ଣ୍ଣିୟା ଲୋକସଭା ଆସନରୁ ସାଂସଦ ହୋଇଥିବା ପପୁ ଯାଦବଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ନାଁରେ ଧମକ ମିଳିଥିଲା। ଏହାପରେ ବିହାର ପୁଲିସ୍ ତଦନ୍ତ କରି ଦିଲ୍ଲୀରୁ ମହେଶ ପାଣ୍ଡେ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଜେରା ବେଳେ ମହେଶ ନିଜର ଅପରାଧ ସ୍ୱୀକାର କରିଛନ୍ତି। ହେଲେ ତାଙ୍କର ଲିଙ୍କ କୌଣସି ଗ୍ୟାଙ୍ଗ ସହ ନାହିଁ। ସେ କେବଳ ପପୁ ଯାଦବଙ୍କୁ ଡରାଇ ଚର୍ଚ୍ଚାରେ ରହିବା ପାଇଁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ନାଁରେ ଧମକ ଦେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅକ୍ଟୋବର ୨୮ରେ ପପୁ ଯାଦବଙ୍କୁ ଫୋନରେ ହତ୍ୟା ଧମକ ମିଳିଥିବା ସେ ଅଭିଯୋଗ କରିଥିଲେ। ଏହାପୂର୍ବରୁ ପପୁ ଯାଦବ ଗୁଜରାଟ ଜେଲରେ ଥିବା ଲରେନ୍ସ ବିଷ୍ଣୋଇକୁ ସଫା କରିଦେବେ ବୋଲି କହିଥିଲେ। ତାଙ୍କ ବୟାନର କିଛି ଦିନ ପରେ କେହି ଜଣେ ତାଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ନାଁରେ ହତ୍ୟା ଧମକ ଦେଇଥିଲା। ଏବେ ପୁଲିସ୍ ଏହି ଘଟଣାରେ ମହେଶ ପାଣ୍ଡେଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ପୂର୍ଣ୍ଣିୟା ଏସ୍‌ପି କାର୍ତ୍ତିକେୟ ଶର୍ମା କହିଛନ୍ତି, ଟେକ୍ନିକାଲ ସର୍ଭେଲାନ୍ସ ଦ୍ୱାରା ଗିରଫଦାରୀ କରାଯାଇଛି। ପାଣ୍ଡେ ପୂର୍ବରୁ କିଛି ପ୍ରଭାବଶାଳୀ ଲୋକଙ୍କ ସହ କାମ କରୁଥିଲେ। ପପୁ ଯାଦବ ଯେତେବେଳେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇକୁ ଚ୍ୟାଲେଞ୍ଜ ଦେଇଥିଲେ ସେତେବେଳେ ମହେଶ ପାଣ୍ଡେ ଯୋଜନା କରି ସାଂସଦଙ୍କୁ ହତ୍ୟା ଧମକ ଦେଇଥିଲେ। ତେବେ ମହେଶଙ୍କ ସମ୍ପର୍କ କୌଣସି ଗ୍ୟାଙ୍ଗଷ୍ଟର ସହ ନାହିଁ। କିନ୍ତୁ ସେ କାହିଁକି ପପୁ ଯାଦବଙ୍କୁ ହତ୍ୟା ଧମକ ଦେଇଥିଲେ, ତା'ର ତଦନ୍ତ କରାଯାଉଥିବା ଏସ୍‌ପି କହିଛନ୍ତି। ପୁଲିସ ଧମକ ଦେବା ପାଇଁ ବ୍ୟବହାର ହୋଇଥିବା ମୋବାଇଲ ଫୋନ ଓ ସିମ କାର୍ଡକୁ ମଧ୍ୟ ଜବତ କରିଛି।

## କନଷ୍ଟେବଲଙ୍କ ଗୁଳିରେ ସବ୍‌ଇନ୍ସପେକ୍ଟର ନିହତ

**ଇମ୍ଫାଲ, ୩।୧୧:** ସାମାନ୍ୟ ଯୁକ୍ତିତର୍କରୁ ଘଟିଲା ତୁମୁଳକାଣ୍ଡ। ଜଣେ ସବ୍-ଇନ୍ସପେକ୍ଟରଙ୍କୁ ଗୁଳି କରିଦେଲେ ଜଣେ କନଷ୍ଟେବଲ। ଫଳରେ ଘଟଣାସ୍ଥଳରେ ଟଳି ପଡ଼ିଲେ ସବ୍-ଇନ୍ସପେକ୍ଟର । ଏପରି ଏକ ଘଟଣା ମଣିପୁରର ହିଂସାପ୍ରବଣ ଜିରିବାମ ଜିଲ୍ଲାରେ ଘଟିଛି। ମୃତ ସବ୍-ଇନ୍ସପେକ୍ଟରଜଣକ ହେଲେ ଶାହ ଜାହନ। ତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ପୁଲିସ୍ କନଷ୍ଟେବଲ ବିକ୍ରମଜିତ ସିଂହଙ୍କୁ ବାନ୍ଧିଛି। ଜିରିବାମ ଜିଲ୍ଲାର ମୋଙ୍ଗବଙ୍ଗ ଗ୍ରାମରେ ଥିବା ପୁଲିସ୍ ଆଉଟପୋଷ୍ଟରେ ଏହି ଅଘଟଣ ଘଟିଛି। ଉଭୟଙ୍କ ମଧ୍ୟରେ ଗତ କିଛି ଦିନ ହେବ ଉଚ୍ଚବାଚ ଚାଲିଥିଲା। ଏହା ଆଜି ସକାଳେ ସାଂଘାତିକ ରୂପ ଧାରଣ କଲା। ଏଥିରେ ଉତ୍ତ୍ୟକ୍ତ ହୋଇ କନଷ୍ଟେବଲ ବିକ୍ରମଜିତ ସିଂହ ସବ୍-ଇନ୍ସପେକ୍ଟର ଶାହ ଜାହନଙ୍କ ଉପରକୁ ନିଜ ସର୍ଭିସ ରିଭଲଭରରୁ ଫାୟାରିଂ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଥିଲା। ଗୁଳି ଶବ୍ଦ ଶୁଣି ଘଟଣାସ୍ଥଳରେ ଉପସ୍ଥିତ ଅନ୍ୟ ପୁଲିସ୍ କର୍ମୀ ତୁରନ୍ତ ବିକ୍ରମଜିତ ସିଂହଙ୍କୁ କାବୁ କରି ନେଇଥିଲେ। ପରେ ତାଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି। ଖବର ପାଇ ବରିଷ୍ଠ ପୁଲିସ୍ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିବା ଜଣାଯାଇଛି। ଏଥିସହ ହତ୍ୟାକାଣ୍ଡ ପଛର କାରଣ ଜାଣିବାକୁ ସେମାନେ ବିକ୍ରମଜିତଙ୍କୁ ପଚରାଉଚରା କରୁଥିବା ଜଣାଯାଇଛି।

ଜିରିବାମ ଏକ ହିଂସାପ୍ରବଣ ଜିଲ୍ଲା ହୋଇଥିବା ବେଳେ ପୁଣି ଥରେ ହିଂସା ବ୍ୟାପିବା ଆଶଙ୍କାରେ ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏଥିସହ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବହୁ ସଂଖ୍ୟାରେ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି।

## ନାବାଳିକା ଘରୋଇ ସହାୟିକାଙ୍କ ମୃତଦେହ ଉଦ୍ଧାର

**ହାଇଦ୍ରାବାଦ, ୩।୧୧:** ଘରେ କାମ କରିବାକୁ ରହିଥିବା ନାବାଳିକାଙ୍କୁ ଦିଆଗଲା ଅକଥନୀୟ ନିର୍ଯାତନା। କେତେବେଳେ ଗରମ ଲୁହା ଚେଙ୍କ ତ କେତେବେଳେ ଦେଲେ ସିଗାରେଟ ଚେଙ୍କ । ଆଉ ଶେଷରେ ତା' ଜୀବନ ନେଇଗଲେ ନିଷ୍ଠୁର ଦମ୍ପତି। ଏପରି ଏକ ଲୋମଟାଙ୍କୁରା ଘଟଣା ଚେନ୍ନାଇରେ ଘଟିଛି। ଏହି ମାମଲାରେ ପୁଲିସ୍ ଏକ ଦମ୍ପତିଙ୍କୁ ଗିରଫ କରିଛି। ଗିରଫ ଦମ୍ପତିହେଲେ ମୋହମ୍ମଦ ନିଶାଦ ଓ ନାସିୟା। ମୃତା ନାବାଳିକାଙ୍କ ପିତା ନ ଥିବା ବେଳେ ମା' ତଞ୍ଜାବୁର ଜିଲ୍ଲାରେ ରହୁଥିଲେ। ସେ ନିଜ ଝିଅକୁ କାମ କରିବା ନିମନ୍ତେ ଚେନ୍ନାଇରେ ଉକ୍ତ ଦମ୍ପତିଙ୍କ ନିକଟରେ ଛାଡ଼ିଥିଲେ। ମାତ୍ର ସେଠାରେ ତାଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଉଥିଲା। ଅଭିଯୁକ୍ତ ଦମ୍ପତି ସାମାନ୍ୟ କଥାରେ ତାଙ୍କୁ ପ୍ରବଳ ମାରପିଟ କରୁଥିଲେ, ଖାଇବାକୁ ଠିକ୍ ଭାବେ ଦେଉ ନ ଥିଲେ। ଏହାପରେ ସେମାନେ ତାଙ୍କୁ ପିଟି ପିଟି ହତ୍ୟା କରି ନିଜ ବାଥ୍‌ରୁମ୍‌ରେ ଛାଡ଼ି ପଳାଇଥିଲେ। ଖବର ପାଇ ପୁଲିସ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ମୃତଦେହର ବିଭିନ୍ନ ସ୍ଥାନରେ ମାଡ଼ ଚିହ୍ନ ତଥା ଚେଙ୍କ ଚିହ୍ନ ଥିବା ଦେଖିବାକୁ ମିଳିଛି। ଏହାପରେ ପୁଲିସ୍ ବହୁ ଖୋଜାଖୋଜି କରି ଅଭିଯୁକ୍ତ ଦମ୍ପତିଙ୍କୁ ବାନ୍ଧିଛି।

### ଗାଜା ଉପରେ ଆକ୍ରମଣ ଜାରି

## ଏୟାର ଷ୍ଟ୍ରାଇକରେ ୪୨ ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁ



**ଜେରୁଜେଲମ,୩।୧୧:** ଗାଜାରେ ଲୁଚି ରହିଥିବା ହମାସ ଆତଙ୍କବାଦୀଙ୍କ ବିରୋଧରେ ଇସ୍ରାଏଲର କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଗାଜା ସୀମାରେ ଥିବା ନୁସିରାତ ଶରଣାର୍ଥୀ ଶିବିରରେ ଇସ୍ରାଏଲର ବିମାନ ଆକ୍ରମଣରେ ଅତି କମରେ ୪୨ପାଲେଷ୍ଟାଇନୀୟଙ୍କର ମୃତ୍ୟୁ ଘଟିଥିବା ବେଳେ ୧୫୦ରୁ ଅଧିକ ଆହତ ହୋଇଥିଲେ। ଶନିବାର ପାଲେଷ୍ଟାଇନ ସୁରକ୍ଷା ସୂତ୍ରରୁ ପ୍ରକାଶ ଯେ ଇସ୍ରାଏଲ ସୈନ୍ୟବାହିନୀ ଶୁକ୍ରବାର ସକାଳୁ ଉଭୟ ବିମାନ ଏବଂ ଆର୍ଟିଲିରି ସହିତ ନୁସିରାତରେ ଥିବା ବସ୍ତିବାସିନ୍ଦା ଉପରେ ବୋମା ମାଡ଼ କରୁଛନ୍ତି।

ଗାଜା ସରକାରୀ ଗଣମାଧ୍ୟମ କାର୍ଯ୍ୟାଳୟ ଏହି ଆକ୍ରମଣକୁ ନିନ୍ଦା କରି କହିଛି ଯେ ଶିଶୁ ଓ ମହିଳାଙ୍କ ସମେତ ସାଧାରଣ ନାଗରିକଙ୍କୁ ଜାଣିଶୁଣି ଟାର୍ଗେଟ କରାଯାଇଛି ଏବଂ ଗାଜାର ସାଧାରଣ ନାଗରିକଙ୍କ ବିରୋଧରେ ଏହି କାର୍ଯ୍ୟ ବନ୍ଦ କରିବାକୁ ଇସ୍ରାଏଲକୁ ଚାପ ଦେବାକୁ ଅନ୍ତର୍ଜାତୀୟ ସମୁଦାୟକୁ ଆହ୍ୱାନ କରାଯାଇଛି। ଇରାନର ସର୍ବୋଚ୍ଚ ନେତା ଅଲି ଖାମେନେ କହିଛନ୍ତି ଯେ ସେ ଇସ୍ରାଏଲକୁ ଦଣ୍ଡ ଦେବେ। ଇରାନ ସମର୍ଥିତ ହିଜବୁଲ ଲେବାନନରୁ ଏହି ଆକ୍ରମଣ କରିଥିଲା ଏବଂ ଏହା ତିରା ସହରର ଏକ ତିନି ମହଲା କୋଠାକୁ ନଷ୍ଟ କରି ଦେଇଥିଲା। ଦକ୍ଷିଣ ଗାଜାରେ ହମାସ ସହିତ ଚାଲିଥିବା ଯୁଦ୍ଧରେ ଦୁଇ ଇସ୍ରାଏଲ ସେନାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏହି ଉପାୟରେ, ଅକ୍ଟୋବର ୭, ୨୦୨୩ରୁ ଚାଲିଥିବା ଯୁଦ୍ଧରେ ଇସ୍ରାଏଲ ସୈନିକଙ୍କ ସଂଖ୍ୟା ୭୮୦କୁ ବୃଦ୍ଧି ପାଇଛି। ଅକ୍ଟୋବର ୨୬ରେ ଇରାନ ଉପରେ ଇସ୍ରାଏଲର ଆକ୍ରମଣ ସମ୍ପର୍କରେ ଇରାନର ନେତା ଖାମେନେ ଏକ ବିବୃତ୍ତି ଦେଇଛନ୍ତି। ଆମେରିକା ଚେତାବନୀ ଦେଇଛି ଯେ ଯଦି ଇରାନ ପୁନର୍ବାର ଇସ୍ରାଏଲ ଉପରେ ଆକ୍ରମଣ କରିବାକୁ ସାହସ କରେ ତେବେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏହି ସମୟରେ ହେଜବୋଲ୍ଲା ଦାବି କରିଛି ଯେ ଏହା ଜେଲିଟ ସହରରେ ଥିବା ଇସ୍ରାଏଲର ସାମରିକ ବେସ ଏବଂ ପାଲଚିମର ବାୟୁସେନା ବେସକୁ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ସାହାଯ୍ୟରେ ଆକ୍ରମଣ କରିଛି, କିନ୍ତୁ ଇସ୍ରାଏଲ ସେଠାରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ସୂଚନା ଦେଇ ନାହିଁ।

# ଯୋଗୀଙ୍କୁ ହତ୍ୟା ଧମକ ଦେବା ପଛରେ ଯୁବତୀ

### ବାନ୍ଧିଲା ପୁଲିସ୍



**ଲକ୍ଷ୍ନୌ, ୩।୧୧:** ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ହତ୍ୟା ଧମକ ଦେବା ପଛରେ ଥିବା ୨୪ ବର୍ଷୀୟ ଯୁବତୀଙ୍କୁ ପୁଲିସ୍ ଗିରଫ କରିଛି। ଯଦି ୧୦ ଦିନ ଭିତରେ ଯୋଗୀ ଆଦିତ୍ୟନାଥ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ନ ଦେବେ, ତା'ହେଲେ ତାଙ୍କୁ ମୁମ୍ବାଇର ରାଜନେତା ବାବା ସିଦ୍ଦିକିଙ୍କ ଭଳି ହତ୍ୟା କରାଯିବ ବୋଲି ଧମକ ମିଳିଥିଲା। ଏହାର ତଦନ୍ତ ଆରମ୍ଭ ହୋଇଥିବା ମୁମ୍ବାଇ ପୁଣି ଥାନେରୁ ଫାତିମା ଖାନ ନାମକ ଜଣେ ଯୁବତୀଙ୍କୁ ଗିରଫ କରିଛି। ତାଙ୍କ ଫୋନ ନମ୍ବରରୁ ଆଦିତ୍ୟନାଥଙ୍କୁ ଧମକ ମିଳିଥିଲା। ପୁଲିସ ସୂତ୍ରରୁ ଜଣାପଡ଼ିଛି ଯେ ଫାତିମା ବେଶ ଉଚ୍ଚ ଶିକ୍ଷିତା। ହେଲେ ସେ ମାନସିକ ରୋଗରେ ପୀଡ଼ିତ।

ଫାତିମା ସୂଚନା ପ୍ରଯୁକ୍ତି ବିଦ୍ୟାରେ ବିଏସସି ଡିଗ୍ରୀ ହାସଲ କରିଛନ୍ତି। ଥାନେରେ ସେ ପରିବାର ଲୋକଙ୍କ ସହ ରୁହନ୍ତି। ତାଙ୍କ ବାପା କାଠ ବ୍ୟବସାୟ କରି ପରିବାର ଚଳାନ୍ତି। ଏବେ ପୁଲିସ୍ ଫାତିମାଙ୍କୁ ଗିରଫ କରି ଘଟଣାର ଅଧିକ ତଦନ୍ତ କରୁଛି। ମୁମ୍ବାଇ ଟ୍ରାଫିକ ପୁଲିସ କଣ୍ଟ୍ରୋଲ ରୁମକୁ ଯୋଗୀ ଆଦିତ୍ୟନାଥଙ୍କ ହତ୍ୟା ଧମକ ସମ୍ପର୍କରେ ମେସେଜ ଆସିଥିଲା। କଣ୍ଟ୍ରୋଲ ରୁମର ହ୍ୱାଟସଆପ ନମ୍ବରକୁ ଆସିଥିବା ମେସେଜରେ କୁହାଯାଇଥିଲା ଯେ ଯଦି ଯୋଗୀ ଆଦିତ୍ୟନାଥ ଆସନ୍ତା ୧୦ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ନ ଦେବେ, ତା'ହେଲେ ତାଙ୍କୁ ବାବା ସିଦ୍ଦିକିଙ୍କ ଭଳି ଗୁଳି କରି ହତ୍ୟା କରାଯିବ।

କିଛି ଦିନ ପୂର୍ବେ ମହାରାଷ୍ଟ୍ର ଏନସିପିର ବରିଷ୍ଠ ନେତା ବାବା ସିଦ୍ଦିକିଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ତାଙ୍କ ପୁଅଙ୍କ ଅଫିସ ସମ୍ମୁଖରେ ତାଙ୍କ ଉପରକୁ ଫାୟାରିଂ କରାଯାଇଥିଲା। ତୁରନ୍ତ ତାଙ୍କୁ ମେଡିକାଲ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରଠୁ ବାବା ସିଦ୍ଦିକିଙ୍କ ପରି ଅବସ୍ଥା କରିଦେବୁ କହି ଦେଇ ବଡ଼ ବଡ଼ ନେତା ଓ ସେଲିବ୍ରେଟିମାନଙ୍କୁ ଧମକ ମିଳିବାରେ ଲାଗିଛି। ପୂର୍ବରୁ ସଲମାନ ଖାନ ଓ ସାଂସଦ ପପୁ ଯାଦବଙ୍କୁ ହତ୍ୟା ଧମକ ମିଳିଥିବା ବେଳେ ଏବେ ଯୋଗୀଙ୍କ ଉଦ୍ଦେଶ୍ୟରେ ଧମକ ମିଳିଥିଲା।

## ଶ୍ରୀନଗରରେ ଗ୍ରେନେଡ ଆକ୍ରମଣ, ୧୦ରୁ ଅଧିକ ଆହତ



**ଶ୍ରୀନଗର, ୩।୧୧:** ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଶନିବାର ଏନକାଉଣ୍ଟରରେ ସୁରକ୍ଷାକର୍ମୀଙ୍କ ଗୁଳିରେ 'ଲଶ୍କର-ଏ-ତୋଏବା' ପାକିସ୍ତାନୀ ଆତଙ୍କୀ ସଂଗଠନର ଏକ ଶୀର୍ଷ କମାଣ୍ଡର ଟଳିବା ପରେ ଆଜି (ରବିବାର) ଶ୍ରୀନଗରରେ ଏକ ବଡ଼ ଆକ୍ରମଣ ହୋଇଛି। ଗ୍ରେନେଡ ବିସ୍ଫୋରଣରେ ପ୍ରାୟ ୧୦ରୁ ଅଧିକ ନାଗରିକ ଆହତ ହୋଇଥିବା କୁହାଯାଉଛି। ଶ୍ରୀନଗରସ୍ଥିତ ପର୍ଯ୍ୟଟକ ସ୍ୱାଗତ କେନ୍ଦ୍ର ବାହାରେ ଥିବା ବଜାରରେ ରବିବାର କାରଣରୁ ବହୁ ସଂଖ୍ୟାରେ ଲୋକଙ୍କ ଗହଳି ରହିଥିଲା। ଏହି ସମୟରେ ଏପରି ଗ୍ରେନେଡ ଆକ୍ରମଣ କାରଣରୁ ଅନେକ ଲୋକ ଆହତ ହୋଇଛନ୍ତି। ପ୍ରାରମ୍ଭିକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଏହି ଆକ୍ରମଣରେ ପ୍ରାୟ ୧୦ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି। ଗ୍ରେନେଡ ବିସ୍ଫୋରଣରେ ଆହତ ନାଗରିକଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହା ପରେ କଶ୍ମୀର ପୁଲିସର ସ୍ପେଶାଲ ଅପରେସନ୍ ଗ୍ରୁପକୁ ତଦନ୍ତ ପାଇଁ ନିୟୋଜିତ କରାଯାଇଛି। ଆକ୍ରମଣକାରୀଙ୍କୁ ଧରିବା ପାଇଁ ସର୍ଚ୍ଚ ଅପରେସନ ମଧ୍ୟ ଆରମ୍ଭ ହୋଇଛି। ପ୍ରକାଶ ଥାଉ, ଗତକାଲି ଅନନ୍ତନାଗ ଏବଂ ଶ୍ରୀନଗରର ଖାନିଆରରେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ତୀବ୍ର ଗୁଳିବିନିମୟ ହୋଇଥିଲା। ଏଥିରେ ଉଭୟ ସ୍ଥାନରେ ସୁରକ୍ଷାକର୍ମୀଙ୍କ ଗୁଳିରେ ତିନିଜଣ ଆତଙ୍କବାଦୀ ନିହତ ହୋଇଥିଲେ। ନିହତ ଆତଙ୍କବାଦୀଙ୍କ ମଧ୍ୟରେ ପାକିସ୍ତାନର 'ଲଶ୍କର-ଏ-ତୋଏବା' ପାକିସ୍ତାନୀ ଆତଙ୍କୀ ସଂଗଠନର ଏକ ଶୀର୍ଷ କମାଣ୍ଡର ମଧ୍ୟ ରହିଛି। ଏହାପରେ ପରେ ଆଜିର ଆକ୍ରମଣ ସୁରକ୍ଷାକର୍ମୀଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି।



## ବିଜେପି ଅଧ୍ୟକ୍ଷ ପଦରୁ ହଟିଲେ ରବୀନ୍ଦ୍ର

**ଶ୍ରୀନଗର,୩।୧୧:** ଜମ୍ମୁ କଶ୍ମୀର ବିଧାନସଭା ନିର୍ବାଚନ ପରେ ବିଜେପି ବର୍ତ୍ତମାନ ସଂଗଠନରେ ପରିବର୍ତ୍ତନ ଆଣିବା ଆରମ୍ଭ କରିଛି। ବିଜେପି ସତ ଶର୍ମାଙ୍କୁ ଜମ୍ମୁ କଶ୍ମୀର ବିଜେପିର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛି। ଦଳ ପକ୍ଷରୁ ଜାରି ଏକ ଚିଠିରେ କୁହାଯାଇଛି ଯେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ସତ ଶର୍ମାଙ୍କୁ ଭାରତୀୟ ଜନତା ପାର୍ଟି ଜମ୍ମୁ କଶ୍ମୀରର ପ୍ରଦେଶ ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି।

ଜମ୍ମୁ କଶ୍ମୀର ବିଜେପି ସଭାପତି ପଦରୁ ହଟାଯିବା ପରେ ରବିନ୍ଦ୍ର ରାଇନାଙ୍କୁ ଦଳର ଜାତୀୟ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଆପଣଙ୍କୁ କହିରଖୁଛୁ ଯେ ଜମ୍ମୁ କଶ୍ମୀର ବିଧାନସଭା ନିର୍ବାଚନ ପୂର୍ବରୁ ଦଳ ସତ ଶର୍ମାଙ୍କୁ ରାଜ୍ୟର କାର୍ଯ୍ୟକାରୀ ସଭାପତି ଭାବରେ ନିଯୁକ୍ତ କରିଛି। ଜମ୍ମୁ କଶ୍ମୀର ଭଜେପାର ନୂତନ ଅଧ୍ୟକ୍ଷ ସତ ଶର୍ମା ଏହି ପଦବୀରେ ରହିଆସିଛନ୍ତି। ସଂଗଠନରେ କାର୍ଯ୍ୟ କରିବାର ତାଙ୍କର ଅଭିଜ୍ଞତା ଅଛି। ପାର୍ଟି ସୂତ୍ର ଅନୁଯାୟୀ, ରବିନ୍ଦ୍ର ରାଇନାଙ୍କ କାର୍ଯ୍ୟକାଳ ବହୁ ପୂର୍ବରୁ ଶେଷ ହୋଇଥିଲା। ସେ ୨୦୧୮ରୁ ଏହି ପଦବୀରେ ଥିଲେ। ଦଳ ସୂତ୍ରରୁ ପ୍ରକାଶ ଯେ ଦଳ ସାଂଗଠନିକ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଛି, ତେଣୁ ନେତୃତ୍ୱରେ ପରିବର୍ତ୍ତନ ଏକ ପ୍ରାକୃତିକ ପ୍ରକ୍ରିୟା। ସେ କହିଛନ୍ତି ଆଗାମୀ ଦିନରେ ଦଳ ଅନେକ ରାଜ୍ୟରେ ନୂତନ ଅଧ୍ୟକ୍ଷ ପାଇବ ବୋଲି ଆଶା କରାଯାଉଛି।

## ବନ୍ଦ ହେଲା କେଦାରନାଥ ପୀଠ

### ୬ ମାସ ପରେ ଖୋଲିବ

**ଡେରାଡୁନ, ୩।୧୧:** ବନ୍ଦ ହେଲା ପ୍ରସିଦ୍ଧ କେଦାରନାଥ ପୀଠ କପାଟ । ଶୀତ ଋତୁ ପାଇଁ ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନା ପରେ ଆଜି ବାବା କେଦାରନାଥ ପୀଠ କପାଟକୁ ବନ୍ଦ କରାଯାଇଛି । ତୁଷାରପାତ ଆରମ୍ଭରୁ ଏହାକୁ ବନ୍ଦ କରାଯାଇଥିବାବେଳେ ୬ ମାସ ପରେ ଏହା ଖୋଲିବ ବୋଲି ଜଣାପଡିଛି । ୧୧ ଜ୍ୟୋର୍ତିଲିଙ୍ଗ ମଧ୍ୟରୁ ଅନ୍ୟତମ ଧାମ ଭାବେ ବିଶ୍ୱ ବିଖ୍ୟାତ କେଦାରନାଥ ପୀଠକୁ ଆଜି ପ୍ରାୟ ୧୦ କୁଇଣ୍ଟାଲ ଫୁଲରେ ସଜାଯାଇଛି। ଏଥିନିମନ୍ତେ ରାତି ୪ଟାରୁ ପୂଜାର୍ଚ୍ଚନା ଆରମ୍ଭ ହୋଇଥିବା ବେଳେ ସକାଳ ୮ଟା୩୦ରେ କପାଟ ବନ୍ଦ କରାଯାଇଛି । ଆଜି ବାବା କେଦାରନାଥଙ୍କ ଦର୍ଶନ କରିବା ନିମନ୍ତେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ପ୍ରତିବର୍ଷ ଭୟା ଦୁଜ ଦିନରେ ହିଁ କେଦାରନାଥ କପାଟକୁ ବନ୍ଦ କରାଯାଇଥାଏ। ଏହି ସମୟରେ କେଦାରନାଥ ପୀଠରେ ପୂଜା ପାଉଥିବା ପଞ୍ଚମୁଖି ମୂର୍ତ୍ତିର ଚଳନ୍ତି ପ୍ରତିମାକୁ ଦୋଳିରେ ବିରାଜମାନ କରାଯାଇ ଓଁକାରେଶ୍ୱର ମନ୍ଦିର ନିଆ ଯାଇଥାଏ। ଆଜି ଚଳନ୍ତି ପ୍ରତିମା ଗୌରିକୁଣ୍ଡ, ସୋନପ୍ରୟାଗ ହୋଇ ରାମପୁରରେ ପହଞ୍ଚିବ ।ଆସନ୍ତା ୫ ତାରିଖରେ ଓଁକାରେଶ୍ୱର ମନ୍ଦିରରେ ବିରାଜମାନ ହେବେ ପ୍ରଭୁ କେଦାରନାଥ । ଏହାପରେ ପୂରା ଶୀତ ଦିନରେ ସେଠାରେ ହିଁ ଭକ୍ତମାନେ ବାବା କେଦାରନାଥଙ୍କ ଦର୍ଶନ କରିପାରିବେ। ଚଳିତ ବର୍ଷ ବାବା କେଦାରନାଥଙ୍କ ଦର୍ଶନ ନିମନ୍ତେ ୧୬ ଲକ୍ଷରୁ ଅଧିକ ଯାତ୍ରୀଙ୍କ ଆଗମନ ହୋଇଥିଲା। ଏହା ପୂର୍ବରୁ ଗତକାଲି ଗଙ୍ଗୋତ୍ରୀ ଧାମ କପାଟ ବନ୍ଦ ହୋଇଥିବା ବେଳେ ଆଜି କେଦାରନାଥ ଧାମ କପାଟ ବନ୍ଦ ହୋଇଛି। ଏହାପରେ ଆସନ୍ତାକାଲି ବଦ୍ରିନାଟ କପାଟ ବନ୍ଦ ହେବ ବୋଲି ଜଣାଯାଇଛି।

# ଆତଙ୍କବାଦୀଙ୍କ ଉପରେ ବହି ଲେଖିଥିବା ଲେଖକ ଗିରଫ



**ନାଗପୁର, ୩।୧୧:** କେତେବେଳେ ବିମାନକୁ ବୋମାରେ ଉଡ଼ାଇ ଦେବାକୁ ମିଳୁଛି ଧମକ ତ କେତେବେଳେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଉ ସରକାରୀ ଅଫିସକୁ ବି ମିଳୁଛି ଧମକ । ବଡ଼ ବଡ଼ ନେତା ବି ଏଥିରୁ ବାଦ ପଡୁ ନାହାନ୍ତି। ଏପରି ଧମକପୂର୍ଣ୍ଣ ମେସେଜ ଓ ଫୋନ୍ କଲ୍ ପାଇ ତଦନ୍ତ କରି କରି ହାଲିଆ ହୋଇ ପଡ଼ିଥିବା ପୁଲିସ୍‌କୁ ଶେଷରେ ମିଳିଛି ସଫଳତା। ପୁଲିସ୍ ମହାରାଷ୍ଟ୍ରର ନାଗପୁରରୁ ଜଣେ ଯୁବକଙ୍କୁ ବାନ୍ଧିଛି। ଗିରଫ ଯୁବକଜଣକ ୩୫ ବର୍ଷୀୟ ଜଗଦୀଶ ଉଇକି ବୋଲି ଜଣାଯାଇଛି। ସେ ଜଣେ ଲେଖକ ହୋଇଥିବା ବେଳେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଧମକପୂର୍ଣ୍ଣ କଲ୍ ଓ ମେସେଜ ଓ ମେଲ୍ କରିଥିବା ଜଣାଯାଇଛି। ତାଙ୍କ ଘର ମହାରାଷ୍ଟ୍ରର ଗୋଣ୍ଡିଆ ଜିଲ୍ଲାରେ ହୋଇଥିବା ବେଳେ ସେ ଦିଲ୍ଲୀରୁ ନାଗପୁରରେ ପହଞ୍ଚିବା ପରେ ତାଙ୍କୁ ବାନ୍ଧିଛି ପୁଲିସ୍। ଏହାପୂର୍ବରୁ ସେ ଏପରି ଏକ ମାମଲାରେ ୨୦୨୧ ମସିହାରେ ବନ୍ଦୀ ହୋଇଥିଲେ। ନାଗପୁର ଡିସିପିଙ୍କ ସୂଚନା ଅନୁଯାୟୀ, ଜଗଦୀଶ ଉଇକି ଆତଙ୍କବାଦୀ ଉପରେ ବହି ଲେଖୁଥିବା ବେଳେ ତାହା ଆମାଜନ ସାଇଟ୍‌ରେ ବି ଉପଲବ୍ଧ ଅଛି। ପୁଲିସ୍ ତାଙ୍କ ମୋବାଇଲ, ଲାପଟପ୍ ଆଦି ଜବତ କରିଥିବା ବେଳେ ସେଥିରୁ ବିଭିନ୍ନ ସ୍ଥାନକୁ ଧମକପୂର୍ଣ୍ଣ ମେସେଜ ପଠା ଯାଇଥିବା ଜଣାଯାଇଛି। ଉଇକିଙ୍କର କୌଣସି ଆତଙ୍କବାଦୀ ସଙ୍ଗଠନ ସହ ସମ୍ପର୍କ ଥିବା ନେଇ ପୁଲିସ୍‌କୁ ଠୋସ୍ ପ୍ରମାଣ ମିଳି ନ ଥିବା ବେଳେ ଏହା ଏକ ପବ୍ଲିସିଟି ଷ୍ଟଣ୍ଟ ବୋଲି ପୁଲିସ୍ ଅନୁମାନ କରୁଛି। ଗତ ମାସ ୨୫ରୁ ୩୦ ତାରିଖ ମଧ୍ୟରେ ପ୍ରାୟ ୩୦ରୁ ଅଧିକ ଜାଗାରେ ବୋମା ଖଞ୍ଜା ଯାଇଥିବା ନେଇ ଉଇକି ବିଭିନ୍ନ ନମ୍ବର ତଥା ମେଲ୍‌କୁ ଧମକପୂର୍ଣ୍ଣ କଲ୍ କରିବା ସହ ମେସେଜ ପଠାଇଥିବା ଜଣାଯାଇଛି। ଜଗଦୀଶଙ୍କ କମ୍ପ୍ୟୁଟରର ଆଇପି ଆଡ୍ରେସ୍ ଠାବ କରି ପୁଲିସ୍ ତାଙ୍କୁ ଗିରଫ କରିଛି। ଜଗଦୀଶ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିଶଙ୍କ ପାଖକୁ ଧମକପୂର୍ଣ୍ଣ ମେସେଜ ପଠାଇଥିଲେ। ଏଥିସହ ବିଭିନ୍ନ ବିମାନ ସେବା ପ୍ରଦାନକାରୀ ସଂସ୍ଥାଙ୍କୁ ମେସେଜ ପଠାଇ ବୋମା ଖଞ୍ଜାଯାଇଥିବା ଧମକ ଦେଇଥିଲେ। ଏପରିକି ଦେଶର ୬ଟି ବିମାନବନ୍ଦର ଆତଙ୍କବାଦୀ ସଙ୍ଗଠନ ଜୈଶ-ଇ-ମହମ୍ମଦର ସ୍କାନରରେ ଥିବା କହିଥିଲେ। ଏଥିନିମନ୍ତେ ସମଗ୍ର ଦେଶରେ ବିମାନବନ୍ଦରରେ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ଛାନଭିନ ପ୍ରକ୍ରିୟାକୁ ବି ତ୍ୱରାନ୍ୱିତ କରାଯାଇଥିଲା। ସବୁଠୁ ରୋଚକ କଥା ହେଉଛି, ମାର୍କେଟ ଅଞ୍ଚଳରେ ବୋମା ଥିବାର ଧମକ ଦେଲେ ଜଗଦୀଶ-ଏମ୍, ରେଲୱେ ପାଇଁ-ଆର୍ ଓ ବିମାନ ପାଇଁ-ଏ ଅକ୍ଷରର ବ୍ୟବହାର କରୁଥିଲେ। ପଚରାଉଚରା ପରେ ଜଗଦୀଶ ଏହା କହିଥିବା କହିଛନ୍ତି ପୁଲିସ୍ ଅଧିକାରୀ।

## ଭାରତୀୟ କ୍ରିକେଟରେ ସବୁଠାରୁ ବଡ଼ ବିପର୍ଯ୍ୟୟ

# ନ୍ୟୁଜିଲାଣ୍ଡଠାରୁ ୦-୩ରେ ଟେଷ୍ଟ ସିରିଜ ହାରିଲା ଭାରତ





ମୁମ୍ବାଇ, ୩।୧୧: ଭାରତକୁ ଭାରତରେ ଟେଷ୍ଟ ସିରିଜରେ ହରାଇବା ତାହା ପୁଣି ୩-୦ରେ , ଏହା ଅନେକ ବିଦେଶୀ ଦଳ ପାଇଁ ଏକ ସ୍ୱପ୍ନ ଭଳି। ଅତୀତରେ କ୍ଲାଇବ ଲଏଡ଼ଙ୍କ ନେତୃତ୍ୱରେ ୱେଷ୍ଟଇଣ୍ଡିଜ ଦଳ ଯାହା କରିପାରିନଥିଲା ତାହାକୁ ନ୍ୟୁଜିଲାଣ୍ଡ ସମ୍ଭବ କରିପାରିଛି। ମୁମ୍ବାଇରେ ଖେଳାଯାଇଥିବା ତୃତୀୟ ତଥା ଶେଷ ଟେଷ୍ଟରେ ଭାରତକୁ ୨୫ ରନ ବ୍ୟବଧାନରେ ପରାଜିତ କରି ନ୍ୟୁଜିଲାଣ୍ଡ ୩-୦ରେ ସିରିଜ କ୍ଲିନ ସୁଇପ କରିଛି। ବିଜୟ ପାଇଁ ଦ୍ୱିତୀୟ ଇନିଂସରେ ମାତ୍ର ୧୪୭ ରନ ଆବଶ୍ୟକ ଥିବା ବେଳେ ଭାରତ ଏହାର ଦ୍ୱିତୀୟ ଇନିଂସରେ ମାତ୍ର ୧୨୧ ରନରେ ଅଲ ଆଉଟ ହୋଇଥିଲା। ଭାରତ ପକ୍ଷରୁ ରିଷଭପନ୍ତ ସର୍ବାଧିକ ୬୪ ରନ ସଂଗ୍ରହ କରିଥିବା ବେଳେ ୱାଶିଂଟନ ସୁନ୍ଦର ୧୨ ଓ ରୋହିତ ଶର୍ମା ୧୧ ରନ ସଂଗ୍ରହ କରିଥିଲେ। ଅନ୍ୟ କେହି ଦୁଇଅଙ୍କ ବିଶିଷ୍ଟ ରନ ବି ସଂଗ୍ରହ କରିପାରିନଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଅଜାଜ ପଟେଲ ୬ଟି, ଫିଲିପ୍ସ ୩ଟି ଏବଂ ହେନରୀ ଗୋଟିଏ ୱିକେଟ ଦଖଲ କରିଥିଲେ। ମ୍ୟାଚରେ ୧୧ଟି ୱିକେଟ ନେଇଥିବା ଅଜାଜ ପଟେଲ ମ୍ୟାନ ଅଫ ଦି ମ୍ୟାଚ ଏବଂ ସିରିଜରେ ସର୍ବାଧିକ ୨୪୪ ରନ ସଂଗ୍ରହ କରିଥିବା ୱିଲ ୟଙ୍ଗ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଛନ୍ତି। ଭାରତକୁ ଭାରତରେ ନ୍ୟୁଜିଲାଣ୍ଡ ପ୍ରଥମ ଥର ଲାଗି ୩-୦ରେ ଟେଷ୍ଟ ସିରିଜରେ ପରାଜିତ କରିଛି।

ପୂର୍ବରୁ ଆଜି ନ୍ୟୁଜିଲାଣ୍ଡ ଏହାର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୭୧/୯ରୁ ପୁନର୍ବାର ବ୍ୟାଟିଂ ଆରମ୍ଭ କରି ୧୭୪ରେ ଅଲ ଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ରବିନ୍ଦ୍ର ଜାଡେଜା ୫ଟି, ଅଶ୍ୱିନ ୩ଟି, ୱାଶିଂଟନ ସୁନ୍ଦର ଏବଂ ଆକାଶଦୀପ ଗୋଟିଏ ଲେକାଏଁ ୱିକେଟ ଦକଲ କରିଥିଲେ। ପ୍ରଥମ ଇନିଂସରେ ଭାରତ ୨୬ ରନରେ ଅଗ୍ରଣୀ ଥିଲା। ତେଣୁ ଭାରତ ପାଇଁ ୧୪୭ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏହାକୁ ରୋହିତ ଶର୍ମାଙ୍କ ଦଳ ହାସଲ କରିପାରିଲା ନାହିଁ।

ଏହା ପୂର୍ବରୁ ମାସକ ତଳେ ନ୍ୟୁଜିଲାଣ୍ଡ ଶ୍ରୀଲଙ୍କା ଗସ୍ତରେ ଯାଇ ୦-୨ରେ ପରାଜିତ ହୋଇଥିଲା। ତେଣୁ ଭାରତକୁ ଭାରତରେ ୩-୦ରେ ଏହା ପରାଜିତ କରିବ ବୋଲି କେହି ଭାବି ନଥିବେ। କିନ୍ତୁ ନ୍ୟୁଜିଲାଣ୍ଡ ଅସମ୍ଭବକୁ ସମ୍ଭବ କରି ଦେଖାଇଛି। ଭାରତର ଦୁଇ ଅଭିଜ୍ଞ ବ୍ୟାଟ୍ସମ୍ୟାନ ବିରାଟ କୋହଲି ଓ ଅଧିନାୟକ ରୋହିତ ଶର୍ମାଙ୍କ ବ୍ୟାଟିଂ ବିଫଳତା ଭାରତର ପରାଜୟରେ ମୁଖ୍ୟ କାରଣ ହୋଇଛି। ସେହିପରି ମଧ୍ୟକ୍ରମରେ ଅସ୍ଥିରତା ମଧ୍ୟ ପରାଜୟର ଅନ୍ୟତମ କାରଣ ହୋଇଛି। ଗୋଟିଏ ନିଂସରେ ସର୍ଫରାଜ କାନ ଶତକ ହାସଲ କରିଥିଲେ ମଧ୍ୟ ପୁରା ସିରିଜରେ ତାଙ୍କ ପ୍ରଦର୍ଶନ ଖରାପ ରହିଛି। ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଭାରତ ମାତ୍ର ୪୬ ରନରେ ପରାଜିତ ହେବା ପରେ ଭାରତ ସିରିଜ ପରାଜୟର ସଙ୍କେତ ଦେଇଥିଲା। ତୃତୀୟ ଟେଷ୍ଟର ପ୍ରଥମ ଇନିଂସରେ ଭାରତର ଦୁଇଜଣ ବ୍ୟାଟସମ୍ୟାନ ରନ ଆଉଟ ହେବା ମଧ୍ୟ ଏହି ଲୋ ସ୍କୋରିଂ ମ୍ୟାଚରେ ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ପ୍ରଥମ ଟେଷ୍ଟରେ ଭାରତ ନ୍ୟୁଜିଲାଣ୍ଡ ପେସ ବୋଲରଙ୍କ ସମ୍ମୁଖୀନ ହୋଇପାରିନଥିବା ବେଳେ ପରବର୍ତ୍ତୀ ଦୁଇଟି ଟେଷ୍ଟରେ ଭାରତ ସ୍ପିନରଙ୍କ ଆଗରେ ହାର ମାନିଛି ଯାହା ସବୁଠାରୁ ବଡ଼ ବିସ୍ମୟ। ଏହାକୁ ଭାରତୀୟ କ୍ରିକେଟର ସବୁଠାରୁ ବଡ଼ ବିପର୍ଯ୍ୟୟ ବୋଲି କୁହାଯାଉଛି।

## ବିଶ୍ୱ ଟେଷ୍ଟ ଚାମ୍ପିୟନ୍ସିପ ପଏଣ୍ଟ ଟେବୁଲରେ ଭାରତ ତଳକୁ ଖସିଲା

ମୁମ୍ବାଇ, ୩।୧୧: ଘରୋଇ ମାଟିରେ ଲଜ୍ଜାଜନକ ପରାଜୟ ମୁଣ୍ଡାଇଛି ଭାରତ। ଭାରତକୁ ପ୍ରଥମଥର ପାଇଁ ଟେଷ୍ଟ ସିରିଜରେ ମୂଳପୋଛ କରି ଦେଇଛି ଭ୍ରମଣକାରୀ ନ୍ୟୁଜିଲ୍ୟାଣ୍ଡ। ଶେଷ ମ୍ୟାଚ୍ ସହ କ୍ୱିୱି ଟିମ ୩-୦ରେ ଭାରତକୁ ହରାଇ ଐତିହାସିକ ବିଜୟ ହାସଲ କରିଛି। ତୃତୀୟ ଟେଷ୍ଟରେ ଭାରତ ୨୫ ରନରେ ହାରିବା ପରେ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ପଏଣ୍ଟ ଟେବୁଲରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି।

ଦୀର୍ଘ ଦିନ ଧରି ପଏଣ୍ଟ ଟେବୁଲର ୧ ନଂ ସ୍ଥାନରେ ରହିବା ସହ ଫାଇନାଲ ଖେଳିବା ଦିଗରେ ଆଗକୁ ବଢ଼ୁଥିବା ଭାରତକୁ ପରାଜୟ ପରେ ଝଟକାର ସମ୍ମୁଖୀନ ହେବାକୁ ପଡ଼ିଛି। ଦଳ ଆଉ ଏବେ ୧ ନଂ ସ୍ଥାନରେ ନାହିଁ। ଦଳ ଅଷ୍ଟ୍ରେଲିଆ ତଳକୁ ଖସି ଯାଇଛି। ଏଥିସହ ଶ୍ରୀଲଙ୍କାର ବିଜୟ ପ୍ରତିଶତ ପଏଣ୍ଟ(ପିସିଟି) ସହ ଭାରତ ବିପଦଜନକ ଭାବେ ଅତି ନିକଟରେ ପହଞ୍ଚି ଯାଇଛି। ଅଷ୍ଟ୍ରେଲିଆ ଏବେ ୧ନଂ ସ୍ଥାନରେ ରହିଥିବା ବେଳେ ଭାରତ ଦ୍ୱିତୀୟ ଓ ଶ୍ରୀଲଙ୍କା ତୃତୀୟ ସ୍ଥାନରେ ରହିଛି। ନ୍ୟୁଜିଲ୍ୟାଣ୍ଡ ସିରିଜ ବିଜୟ ସହ ୪ର୍ଥକୁ ଉଠିଛି। ନଭେମ୍ବର ୨୨ରୁ ଭାରତ ବର୍ଡର ଗାଭାସ୍କର ଟ୍ରଫି ଖେଳିବାକୁ ଅଷ୍ଟ୍ରେଲିଆ ଯିବ। ଏହି ସିରିଜର ଫଳାଫଳ ଭାରତକୁ ଫାଇନାଲ ଟିକେଟ ଦେବ। ଅନ୍ୟଥା ଭାରତୀୟ ଟିମ ଫାଇନାଲ ଖେଳିବାରୁ ବଞ୍ଚିତ ହେବ। ଏବେ ଭାରତର ପିସିଟି ୫୮.୩୩ ରହିଥିବା ବେଳେ ଅଷ୍ଟ୍ରେଲିଆ ୬୨.୫୦ ସହ ୧ନଂରେ ରହିଛି। ଶ୍ରୀଲଙ୍କା ୫୫.୫୬% ସହ ତୃତୀୟ, ୫୪.୫୫% ସହ ନ୍ୟୁଜିଲ୍ୟାଣ୍ଡ ୪ର୍ଥ ଓ ୫୪/୧୭ % ସହ ଦକ୍ଷିଣ ଆଫ୍ରିକା ୫ମ ସ୍ଥାନରେ ରହିଛି। ଭାରତ ପରବର୍ତ୍ତୀ ଟେଷ୍ଟ ସିରିଜରେ ଅଷ୍ଟ୍ରେଲିଆକୁ ସାମ୍ନା କରିବ।



ସେହିପରି ଶ୍ରୀଲଙ୍କା ବିଦେଶ ମାଟିରେ ଦକ୍ଷିଣ ଆଫ୍ରିକା ଓ ଘରୋଇ ମାଟିରେ ଅଷ୍ଟ୍ରେଲିଆ ସହ ୨ଟି ଲେଖାଏ ଟେଷ୍ଟ ମ୍ୟାଚ୍ ଖେଳିବ। ନ୍ୟୁଜିଲ୍ୟାଣ୍ଡ ନିଜ ମାଟିରେ ଇଂଲଣ୍ଡ ସହ ୩ଟି ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱ ଟେଷ୍ଟ ଚାମ୍ପିୟନ୍ସିପ ପଏଣ୍ଟ ଟେବୁଲର ଟପ୍ ୬ଟି ପରସ୍ପରକୁ ଏକାଧିକ ଥର ସାମ୍ନାକୁ କରିବାକୁ ଯାଉଥିବାରୁ ୨୦୨୫ ଜୁନରେ କିଏ ଫାଇନାଲ ଖେଳିବ, ତା' ଉପରେ ସମସ୍ତଙ୍କ ନଜର ରହିଛି।

# ଈଶାନ କିଶନଙ୍କୁ ଅଷ୍ଟ୍ରେଲିଆରେ ମିଳିପାରେ ଦଣ୍ଡ

**କାନ୍‌ବେରା,୩।୧୧:** ବର୍ତ୍ତମାନ ଈଶାନ କିଶନ ଇଣ୍ଡିଆ ଏ ଟିମ୍ ସହ ଅଷ୍ଟ୍ରେଲିଆ ଗସ୍ତରେ ଅଛନ୍ତି। ଅଷ୍ଟ୍ରେଲିଆ ଏ ବିପକ୍ଷରେ ମୁକାବିଲା ଖେଳାଯାଉଥିବା ବେଳେ ସେ ଏକ ବିବାଦରେ ଫସିଛନ୍ତି। ଏଥିଲାଗି ତାଙ୍କୁ ଦଣ୍ଡ ମଧ୍ୟ ମିଳିପାରେ। ଏମିତିରେ ଆପଣ ଭାବୁଥିବେ ପୁରା ଘଟଣା କ'ଣ ? ମାମଲାଟି ଅଷ୍ଟ୍ରେଲିଆ ଏ ଏବଂ ଇଣ୍ଡିଆ ଏ ମଧ୍ୟରେ ଖେଳାଯାଇଥିବା ମୁକାବିଲା ସମୟର। ମ୍ୟାଚ୍‌ରେ ଏଭଳି କିଛି ଘଟିଥିଲା ଯାହାକୁ ନେଇ ଈଶାନ ଅଡୁଆରେ ଫସିଛନ୍ତି। ଈଶାନ ମ୍ୟାଚ୍ ସମୟରେ ଅମ୍ପାୟାରଙ୍କ ବିରୋଧରେ ବିଦ୍ରୋହ କରିଥିଲେ। ଏଥିରେ ଅମ୍ପାୟାର ଆହତ ହୋଇଥିଲେ ଏବଂ ତାଙ୍କ ବିରୋଧରେ ଅଭିଯୋଗ କରିବେ ବୋଲି କହିଛନ୍ତି। ଏବେ ଯଦି ସେଭଳି ଘଟେ ତେବେ କ୍ରିକେଟ ନିୟମ ମୁତାବକ ତାଙ୍କୁ ଦଣ୍ଡ ମିଳିପାରେ।

ତେବେ ମ୍ୟାଚ୍‌ର ଅନ୍ତିମ ଦିନରେ ଅମ୍ପାୟାରଙ୍କ ନିଷ୍ପତ୍ତି ବିରୋଧରେ ଈଶାନ ଅସନ୍ତୋଷ ଜାହିର କରିବା ସହ ବିଦ୍ରୋହ କରିଥିଲେ। ସେତେବେଳେ ସମସ୍ତ ଭାରତୀୟ ଖେଳାଳି ଶନ୍ କ୍ରେଗଙ୍କ ନିକଟକୁ ଯାଇ ମ୍ୟାଚ୍‌ରେ ବଲ୍ ବଦଳାଇବାକୁ ନେଇ ବିରୋଧ କରିଥିଲେ। ଏହି ସମୟରେ ଅମ୍ପାୟାର ଷ୍ଟମ୍ପ ମାଇକ୍ ଜରିଆରେ ଏଭଳି କହୁଥିବା ଶୁଣାଯାଇଥିଲା ଯେ ବର୍ତ୍ତମାନେ କୌଣସି ଆଲୋଚନା ହୋଇନାହିଁ, ମ୍ୟାଚ୍ ଖେଳ। ଅମ୍ପାୟାରଙ୍କ ଏହି ବୟାନକୁ ନେଇ ଈଶାନ 'ତେବେ କ'ଣ ଏବେ ଆମେ ଏହି ବଲ୍‌ରେ ଖେଳିବୁ' ବୋଲି ପ୍ରଶ୍ନ କରିଥିଲେ। ଏହା ଠିକ୍ ନୁହେଁ। ଏହା ବହୁତ ମୁର୍ଖତାପୂର୍ଣ୍ଣ ନିଷ୍ପତ୍ତି ବୋଲି ସେ କହିଥିଲେ।



ତେବେ ଭାରତୀୟ ଉଇକେଟକିପରଙ୍କ ଏଭଳି ବିବୃତ୍ତି ଶନ୍ କ୍ରେଗ୍‌ଙ୍କୁ ଖରାପ ଲାଗିଛି। ଏହା ଅସହ୍ୟ। ଏଭଳି ଆଚରଣ ବିରୋଧରେ ଅଭିଯୋଗ କରିବି ବୋଲି ଅମ୍ପାୟାର ଉତ୍ତର ଦେଇଛନ୍ତି। କହିରଖୁଛୁ, ବଲ୍‌କୁ ନେଇ ଏହି ମାମଲା ଏବେ ବିବାଦରେ ଫସିଛି। କାରଣ ଭାରତୀୟ ଖେଳାଳିମାନେ ବଲ୍ ଟାମ୍ପରିଂ କରିଥିବା ଅମ୍ପାୟାର ଅନୁଭବ କରିଛନ୍ତି। ଯଦି ତଦନ୍ତରେ ଏହା ଜଣାପଡେ, ତେବେ କ୍ରିକେଟ ଅଷ୍ଟ୍ରେଲିଆର ନିୟମ ମୁତାବକ ଏଥିରେ ସାମିଲ ଖେଳାଳିଙ୍କ ଉପରେ ବ୍ୟାନ୍ ଲଗାଯାଇପାରେ।

## ଆଇପିଏଲରେ ପାଣି ନୁହେଁ ସ୍ପେଶାଲ ଡ୍ରିଙ୍କ ପିଅନ୍ତି ଖେଳାଳି

ନୂଆଦିଲ୍ଲୀ,୩।୧୧: ସବୁଠୁ ଧନୀ କ୍ରିକେଟ ଲିଗ ଆଇପିଏଲ ଉପରେ ସମସ୍ତଙ୍କ ନଜର ରହିଛି। ଗତ ୧୭ବର୍ଷ ଧରି, ଏହି ଲିଗରେ ବିଶ୍ୱର ବିଭିନ୍ନ ସ୍ଥାନରୁ ବଡ ଖେଳାଳିମାନେ ଅଂଶଗ୍ରହଣ କରୁଛନ୍ତି। ଦୁଇ ମାସ ପର୍ଯ୍ୟନ୍ତ ଚାଲିଥିବା ଏହି ଇଣ୍ଡିଆନ ପ୍ରିମିୟର ଲିଗରେ ଖେଳିବା ପାଇଁ ଖେଳାଳିଙ୍କ ଫିଟନେସ ଉପରେ ବିଶେଷ ଧ୍ୟାନ ଦିଆଯାଏ।

ସେମାନଙ୍କର ଖାଦ୍ୟ ଏବଂ ପାନୀୟ ଉପରେ ତୀକ୍ଷ୍ଣ ନଜର ରଖାଯାଏ ଏବଂ ସେମାନଙ୍କୁ କେବଳ ଖାଦ୍ୟରେ ଏପରି ଜିନିଷ ଦିଆଯାଏ ଯାହା ସେମାନଙ୍କୁ ଶକ୍ତିରେ ପରିପୂର୍ଣ୍ଣ ରଖିବ ଏବଂ ପଡ଼ିଆରେ ସେମାନଙ୍କର ବେଷ୍ଟ ଦେବାରେ ସାହାଯ୍ୟ କରିପାରିବ। କିନ୍ତୁ ମଝିରେ ମଝିରେ ଖବର ଆସିଛି ଯେ ଖେଳାଳିମାନେ ମ୍ୟାଚ ଦିନରେ ସାଧା ପାଣି ପିଉ ନାହାଁନ୍ତି ବରଂ ଏକ ସ୍ୱତନ୍ତ୍ର ପ୍ରକାରର ପାନୀୟ ପିଉଛନ୍ତି, ଯାହା ସେମାନଙ୍କୁ ଅଧିକ ହାଇଡ୍ରେଟ ରଖେ।

ଆଇପିଏଲ ମ୍ୟାଚଗୁଡିକ ପ୍ରାୟତ ଏପ୍ରିଲ-ମେ' ମାସରେ ଖେଳାଯାଏ। ଭାରତର ପ୍ରବଳ ଉତ୍ତାପରେ ଖେଳାଳିମାନେ ନିଜକୁ ହାଇଡ୍ରେଟ ରଖିବା ପାଇଁ ଯଥାସମ୍ଭବ ଜଳ ପିଇବାକୁ ପଡିବ। କିନ୍ତୁ, ଆପଣ ଜାଣନ୍ତି କି ଖେଳାଳିମାନେ ଏଥିପାଇଁ ସାଧା ପାଣି ପିଅନ୍ତି ନାହିଁ। କୁହାଯାଏ ପୂର୍ବରୁ ଖେଳାଳିମାନେ କେବଳ ନଡ଼ିଆ ପାଣି ପିଉଥିଲେ, କିନ୍ତୁ ଏଥର ସେମାନଙ୍କୁ ଚିଆ ମଞ୍ଜି ସହିତ ମିଶ୍ରିତ ନଡ଼ିଆ ପାଣି ଦିଆଯାଏ, ଯାହା ଖେଳାଳିଙ୍କ ଶରୀରରେ ଡିହାଇଡ୍ରେସନ ରୋକିଥାଏ। ଚିଆ ମଞ୍ଜିରେ କ୍ୱେରେସିଟିନ ଥାଏ, ଏକ ଆଣ୍ଟିଅକ୍ସିଡାଣ୍ଟ ଯାହା ହୃଦରୋଗ ସମେତ ଅନେକ ସ୍ୱାସ୍ଥ୍ୟ ଅବସ୍ଥାର ବିପଦକୁ ହ୍ରାସ କରିପାରେ। ବିହନରେ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ଆପଣଙ୍କ ପାଇଁ ବହୁତ ଲାଭଦାୟକ। ଆଜ୍ଞା ହଁ, ମ୍ୟାଚ ପାଇଁ ନିଜକୁ ସକ୍ରିୟ ଏବଂ ସତେଜ ରଖିବା ପାଇଁ ଖେଳାଳିମାନେ ଆମମାନଙ୍କ ପରି ସରଳ ଖାଦ୍ୟ ଖାଆନ୍ତି ନାହିଁ । ବରଂ ସେମାନଙ୍କ ଖାଦ୍ୟ ଉପରେ ବିଶେଷ ଯତ୍ନ ନିଆଯାଏ, ଯାହା ସେମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ। ପ୍ରି-ମ୍ୟାଚ ସ୍ନାକ୍ସରେ ସାଗୁ ଗହମ ପାସ୍ତା, ସାଲାଡ, ମଲ୍ଟିଗ୍ରେନ ସ୍ୟାଣ୍ଡୱିଚ କିମ୍ବା ଫଳ ଅନ୍ତର୍ଭୁକ୍ତ ହେବ। ଖାଦ୍ୟକୁ ନେଇ ମୁମ୍ବାଇ ଇଣ୍ଡିଆନ୍ସ ଦଳ କଠୋର ନିୟମ ପାଳନ କରନ୍ତି। ଏଥର ଖେଳାଳୀଙ୍କୁ ଆଚାର, କଞ୍ଚା ସ୍ପାଉଟ୍ସ ସହିତ ଦୁଗ୍ଧ, ଗ୍ଲୁଟେନ କିମ୍ବା ନଟ୍ସ ଖାଇବାକୁ ଦିଆଯିବ ନାହିଁ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ଶାନ୍ତି...

ପ୍ରସାର ଘଟିଥିଲା। ଧଉଳି ପାଦ ଦେଶରେ ଦୟାନଦୀ କୂଳରେ ଭାରତ ଇତିହାସ ଏକ ନିର୍ଣ୍ଣାୟକ ମୋଡ ଆସିଥିଲା। ମଗଧର ସମ୍ରାଟ ଅଶୋକଙ୍କୁ କଳିଙ୍ଗ ଯୁଦ୍ଧର ବିଭୀଷିକା ଧର୍ମାଶୋକରେ ପରିଣତ କରିଥିଲା। ସମ୍ରାଟ ଅଶୋକ ଦେଶ ବିଦେଶରେ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ପାଇଁ ପୁତ୍ର ମହେନ୍ଦ୍ର ଏବଂ କନ୍ୟା ସଙ୍ଘମିତ୍ରାଙ୍କୁ ସିଂହଳ ଦେଶକୁ ଏହି ଓଡ଼ିଶାରୁ ପଠାଇଥିବା ବିଶ୍ୱାସ କରାଯାଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଅତୀତର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶା ସାଧବ ପୁଅମାନେ ସିଦ୍ଧହସ୍ତ ଥିଲେ। ବୋଇତରେ ସେମାନେ ସାତ ସମୁଦ୍ର ପାର ହୋଇ ବାଣିଜ୍ୟ କାରବାର କରିବାକୁ ଯାଉଥିଲେ। ଭାରତର ଅନ୍ୟ କୌଣସି ରାଜ୍ୟର ଲୋକମାନେ ସେତେବେଳେ ବୋଇତରେ ସମୁଦ୍ରଯାତ୍ରା ବିଷୟରେ ଜାଣି ନ ଥିଲେ। ତେଣୁ ବୌଦ୍ଧ ଧର୍ମର ପ୍ରଚାର ପାଇଁ ଯାଉଥିବା ବୌଦ୍ଧ ସନ୍ୟାସୀ ଓଡ଼ିଶାରୁ ବିଦେଶକୁ ଯାଉଥିଲେ। ସେଥିପାଇଁ ଓଡ଼ିଶାରେ ବୌଦ୍ଧ ଧର୍ମର ବହୁଳ ପ୍ରସାର ଘଟିଥିଲା। ଯାହାର ଐତିହାସିକ ମୁକସାକ୍ଷୀ ଭାବେ ରତ୍ନଗିରି, ଲଳିତଗିରି, ଉଦୟଗିରି ଓ ଖଣ୍ଡଗିରି ଆଦିରେ ବୌଦ୍ଧ ବିହାର, ଗୁମ୍ଫା ଓ ଭଗ୍ନାବଶେଷ ଆଜି ମଧ୍ୟ ଦେଖିବାକୁ ମିଳୁଛି।

ସେ ପୁଣି କହିଥିଲେ ଧଉଳି ଗିରିରେ ଆଜି ଯେଉଁ ଶାନ୍ତିସ୍ତୁପ ନିର୍ମାଣ କରାଯାଇଛି ତାହା ସାରା ପୃଥିବୀକୁ ଶାନ୍ତି ଓ ଅହିଂସାର ବାର୍ତ୍ତା ପ୍ରଚାର କରୁଛି। ଆଜିର ଏହି ଆଧୁନିକ ଶାନ୍ତିସ୍ତୁପ ଜାପାନ ବୁଦ୍ଧ ସଂଘ ଏବଂ କଳିଙ୍ଗ ନିପନ ବୁଦ୍ଧ ସଂଘ ଦ୍ୱାରା ୭୦ଦଶକରେ ନିର୍ମାଣ କରାଯାଇଥିଲା। ଦେଶ ବିଦେଶରୁ ଏଠାକୁ ଯେଉଁ ପର୍ଯ୍ୟଟକମାନେ ଆସନ୍ତି ସେମାନେ ନିଶ୍ଚୟ ଧଉଳିର ଏହି ଶାନ୍ତି ସ୍ତୁପରୁ ଅହିଂସା, ଶାନ୍ତି ଓ ଦିବ୍ୟତ୍ୱର ଅନୁଭବ ନେଇ ଫେରନ୍ତି। ଧଉଳି ହୁଏତ ବୌଦ୍ଧ ଧର୍ମର ଏକ କୀର୍ତ୍ତିରାଜି ହୋଇପାରେ କିନ୍ତୁ ଏହା ଓଡିଆ ଭାଷା, ସଂସ୍କୃତି ଓ ପରମ୍ପରା ସହିତ ଏପରି ଭାବେ ସମ୍ମିଳିତ ହୋଇଯାଇଛି ଯେ ରାଜ୍ୟବାସୀ ଏହାକୁ ନିଜ ସଂସ୍କୃତିର ଏକ ଅଙ୍ଗଭାବେ ମାନି ନେଇଛନ୍ତି। ଧଉଳି ଶାନ୍ତି ସ୍ତୁପର ଆହୁରି ବିକାଶ କରାଯିବ ଏବଂ ଆଖପାଖ ଅଞ୍ଚଳର ବ୍ୟାପକ ଉନ୍ନତି କରାଯିବ। ଧଉଳି ସମେତ ଆମର ସବୁ ଐତିହ୍ୟ ସ୍ଥଳୀ ଗୁଡିକର ବିକାଶ ପାଇଁ ସମନ୍ୱିତ ଯୋଜନା କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଋଷିଆ-ୟୁକ୍ରେନ ତଥା ଇସ୍ରାଏଲ- ଆରବ ଯୁଦ୍ଧର ଶାନ୍ତି ପୂର୍ଣ୍ଣ ସମାଧାନ ପାଇଁ ନିରନ୍ତର ଚେଷ୍ଟା କରୁଛନ୍ତି। କଥାବାର୍ତ୍ତା ମାଧ୍ୟମରେ ଭାରତ ଓ ଚୀନ ମଧ୍ୟରେ ଥିବା ସୀମା ବିବାଦର ମଧ୍ୟ ସମାଧାନ ହୋଇପାରିଛି।

ଏହି ଅବସରରେ ବିଶିଷ୍ଟ ବୌଦ୍ଧ ସନ୍ୟାସୀ ଟି ଓକଙ୍ଗୀ ମୁଖ୍ୟମନ୍ତ୍ରୀଙ୍କୁ ଧଉଳି ଶାନ୍ତି ସ୍ତୁପର ଏକ ସ୍ମାରକୀ ପ୍ରଦାନ କରି ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଥିଲେ, ଭଗବାନ ବୁଦ୍ଧଙ୍କ ବାଣୀକୁ ପ୍ରଚାର କରିବା ସହିତ ଓଡିଆ ଜାତିର ବୀରତ୍ୱର ପ୍ରତୀକ ହେଉଛି ଏହି ଧଉଳି ମାଟି। ବୌଦ୍ଧଧର୍ମର ପ୍ରଚାର ପ୍ରସାରରେ ଓଡ଼ିଶାର ଯୋଗଦାନ ବିଷୟରେ ଇତିହାସରେ ଲିପିବଦ୍ଧ ହୋଇରହିଛି ବୋଲି ସେ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ବିଜେପି ନେତା ସମୀର ମହାନ୍ତି, ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କଳିଙ୍ଗ ନିପନ ବୁଦ୍ଧ ସଂଘର ସଂଯୋଜକ ରବି ମହାରଣା ସ୍ୱାଗତ ଭାଷଣ ଓ ଉପସଭାପତି ହରି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ପ୍ରଭାବଶାଳୀ ...

ଡୋଭଲ, ନୀତି ଆୟୋଗ ସିଇଓ ବିଭିଆର ସୁବ୍ରମଣ୍ୟମ, ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୁଡ଼, କ୍ୟାବିନେଟ ସଚିବ ଟିଭି ସୋମନାଥନ, ଇଡି ନିର୍ଦ୍ଦେଶକ ରାହୁଲ ନବୀନ, ସିବିଆଇ ମୁଖ୍ୟ ପ୍ରବୀଣ ସୁଦ, ସିଡିଏସ୍ ଜେନେରାଲ ଅନିଲ ଚୌହ୍ୱାନ, ବିତ୍ତ ଆୟୋଗ ଅଧ୍ୟକ୍ଷ ଅରବିନ୍ଦ ପାନାଗରିୟା ପ୍ରମୁଖ ସ୍ଥାନ ପାଇଛନ୍ତି।

### ଅସନ୍ତୋଷ...

ମାମଲତକାରଙ୍କ ପାଇଁ ଏଭଳି ଅବସ୍ଥା। ସେମାନଙ୍କ ମାମଲତକାରୀ ଯୋଗୁଁ ଦଳରେ ଅସନ୍ତୋଷ କୁହୁଳୁଛି ଓ କେତେବେଳେ ଏହା ନିଆଁର ରୂପ ନେବ। ସେହି ସୂଚନା ପାଇଲା ପରେ ଏବେ ମୁଖପାତ୍ରମାନେ 'ଆପେ ବଞ୍ଚିଲେ ବାପର ନାଁ' ନ୍ୟାୟରେ ଦୂରେଇ ରହୁଛନ୍ତି। ଅବଶ୍ୟ ରାଜ୍ୟର ନୂଆ ସରକାର ପାଇଁ ଏହା ଅନୁକୂଳ ବାତାରଣ ସୃଷ୍ଟି କରିଛି।

### ୧୦ରୁ ...

ହେଉଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏନେଇ ସରକାରଙ୍କୁ ବାରମ୍ବାର ଅବଗତ କରାଇବା ସତ୍ତ୍ୱେ କୌଣସି ସୁଫଳ ମିଳିନି। ଦାବି ପୂରଣ ନ ହେଲେ ୫ ହଜାରରୁ ଅଧିକ ଟ୍ରକ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚକା ବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦିଆଯାଇଛି।

### ଏନ୍‌ସିବି ହାତରେ ...

ମୋଷ୍ଟ ୱାଣ୍ଟେଡ ଥିଲା। ଶନିବାର ବିଳମ୍ବିତ ରାତିରେ ଭୁବନେଶ୍ୱରରୁ ଗଞ୍ଜେଇ ମାଫିଆ ନିଲୁ ପ୍ରଧାନକୁ ଧରିଥିଲା ଏନ୍‌ସିବି ଟିମ୍। ତାକୁ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରୀ ପରୀକ୍ଷା କରାଯିବା ପରେ କୋର୍ଟରେ ହାଜର କରିଥିଲା ଏନ୍‌ସିବି। କୋର୍ଟଙ୍କ ଅନୁମତି କ୍ରମେ ତାକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଛି ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ। ତାକୁ ଜେରା କରାଯିବା ପରେ ଓଡ଼ିଶାରୁ ଗଞ୍ଜେଇ ଚୋରା ଚାଲାଣ ଲିଙ୍କ୍‌ର ଗୁମର ଖୋଲିବ। ଦୀର୍ଘ ଦିନ ହେବ ଓଡ଼ିଶାରୁ ଦିଲ୍ଲୀ ଯାଉଥିଲା ଗଞ୍ଜେଇ।

### ସୁଯୋଗ...

ପାଢ଼ୀ, କୋରେଇର ଆକାଶଦାସ ନାୟକ, ଜଗତସିଂହପୁରର ଅମରେନ୍ଦ୍ର ଦାସ, ନିଆଳିର ଛବି ମଲ୍ଲିକ, ସତ୍ୟବାଦୀର ଓମପ୍ରକାଶ ମିଶ୍ର, ଖୋର୍ଦ୍ଧାର ପ୍ରଶାନ୍ତ ଜଗଦେବ, ଖଲ୍ଲିକୋଟର ପୂର୍ଣ୍ଣଚନ୍ଦ୍ର ସେଠୀ, ବ୍ରହ୍ମଗିରିର ଉପସନା ମହାପାତ୍ର, ବ୍ରହ୍ମପୁରର କେ. ଅନିଲ କୁମାର, କଟକ ସଦରରୁ ପ୍ରକାଶ ସେଠୀ ପ୍ରମୁଖ।

ରାଜ୍ୟ ବିଜେପିର ଜଣେ ପ୍ରଭାବଶାଳୀ ନେତା ନିଜ ନାମ ଗୋପନ ରଖି ଦୁଇ ଦଳର କେଉଁ ବିଧାୟକମାନଙ୍କୁ ଅଣାଯିବ ସେ ନେଇ ପ୍ରସ୍ତୁତ ହୋଇଥିବା ତାଲିକା ଆମକୁ ଜଣାଇଛନ୍ତି। ତେବେ ଏହି ଦୁଇ ଦଳର ବିଧାୟକ ଏପଟ ସେପଟ ହେଲାପରେ ରାଜ୍ୟ ରାଜନୀତିରେ ଯଦି କିଛି ହଲଚଲ ହୁଏ ତେବେ ମୌକା ଦେଖି କିଛି ସ୍ୱାଧୀନ ଓ କଂଗ୍ରେସ ବିଧାୟକ ମଧ୍ୟ ଦଳ ଡେଇଁବା ପାଇଁ ପ୍ରସ୍ତୁତ ଥିବା ଆଲୋଚନା ହେଉଛି। ବିଶେଷ କରି କଂଗ୍ରେସରେ କୋଣଠେସା ହୋଇପଡିଥିବା ବିଧାୟକମାନେ ଦଳ ବଦଳାଇ ପାରନ୍ତି। ନଭେମ୍ବରରେ ଶେଷ ହେବାକୁ ଥିବା ମହାରାଷ୍ଟ୍ର ନିର୍ବାଚନକୁ ସବୁ ଦଳଡ଼ିଆଁ ଓ ଦଳର ମୁଖିଆମାନେ ଅପେକ୍ଷା କରିଛନ୍ତି। ନିର୍ବାଚନ ଫଳାଫଳ ବାହାରିବା ପରେ ବିଜେପି ଓ ବିଜେଡି ସମ୍ଭାବ୍ୟ ଦଳଡିଆଁ ନେତାଙ୍କୁ ଟାଣିବାକୁ ରଣନୀତି କରିବ ବୋଲି ଚର୍ଚ୍ଚା ହେଉଛି।

### ମେଘନାଦ...

ତାକୁ ଆଜି ପାଣି ଭେଦୁଛି। ମେଘନାଦ ପାଚେରିରେ ଫାଟ ସୃଷ୍ଟି ହୋଇ ପାଣି ଗଳୁଛି । ଏମିତିକି ଶିଉଳି ବି ମାଡିଯାଇଛି।

ଶ୍ରୀମନ୍ଦିରକୁ ସୁରକ୍ଷା ଦେଉଥିବା ମେଘନାଦ ପାଚେରିର ଏକାଧିକ ସ୍ଥାନରେ ଫାଟ ସୃଷ୍ଟି ହେବା ଚିନ୍ତାର କାରଣ ହୋଇଛି। ସ୍ଥାନୀୟ ଲୋକେ ଏବଂ ଭକ୍ତ ଏହାର ତୁରନ୍ତ ମରାମତି ଦାବି କରିଛନ୍ତି। ଏହାକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଅତୀତର କିଛି ଭୁଲ୍ କାମ ପାଇଁ ଭବିଷ୍ୟତରେ ପୁଣି ଭୁଲ୍ ହୁଏ। ଯାହା ଅସୁବିଧା ହୋଇଛି ତାର ତୁରନ୍ତ ମରାମତି କରାଯିବ। ଯେମିତି କିଛି ସମସ୍ୟା ହେବ ନାହିଁ ଏଥିପ୍ରତି ସରକାର ଗୁରୁତ୍ୱ ଦେଉଛନ୍ତି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅରବିନ୍ଦ ପାଢ଼ୀ କହିଛନ୍ତି, ମେଘନାଦ ପାଚେରିର ସୁରକ୍ଷାକୁ ନେଇ ଆମେ ଚିନ୍ତିତ। ଏଏସଆଇ ଏବଂ ଟେକ୍ନିକାଲ ଟିମ୍ ମଧ୍ୟ ଏହାର ସର୍ଭେ କରିଛନ୍ତି। ଏହାକୁ ଗୁରୁତ୍ୱର ସହ ନେଇ ମରାମତି କରାଯିବ। ଶ୍ରଦ୍ଧାଳୁ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ଓ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ସୃଷ୍ଟି ହେବା ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଶ୍ରମିକମାନେ ମେଘନାଦ ପାଚେରିରୁ ଶିଉଳି ଛଡ଼ାଉଛନ୍ତି। ପାଣି ଝରୁ ଥିବାରୁ ଏହା ପ୍ରତି ବିପଦ ସୃଷ୍ଟି ହୋଇଥିବା କୁହାଯାଉଛି।

## ତୀର ମାଡ଼ରେ ଦନ୍ତା ହାତୀ ଗୁରୁତର

**କଟକ,୩।୧୧ (ସଂଚାର ବ୍ୟୁରୋ):** ନରସିଂହପୁର ବ୍ଲକ ଅନ୍ତର୍ଗତ ଶେରମୁଣ୍ଡା ବିଟ୍ ରଘୁପାଣି ବନ୍ଧ ନିକଟରେ ଏକ ଦନ୍ତା ହାତୀକୁ ତୀର ମାଡ଼ ହୋଇଛି। ହାତୀଟି ଦେହରେ ୨ଟି ତୀର ବାଜିଛି ଓ ଦେହରେ ଗଭୀର କ୍ଷତ ହୋଇଛି। ତାର ଅବସ୍ଥା ଗୁରୁତର ଥିବାରୁ ଚିକିତ୍ସା ଲାଗି ଉଦ୍ୟମ ଚାଲିଛି। ତୀର ମାଡ଼ ହୋଇଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଜଣାଇଥିଲେ। ପରେ ହାତୀର ଚିକିତ୍ସା ପାଇଁ ଢେଙ୍କାନାଳ ଓ ନନ୍ଦନକାନନରୁ ଟିମ୍ ପହଞ୍ଚିଛି। ବନ ବିଭାଗ ହାତୀକୁ ଟ୍ରାଙ୍କୁଲାଇଜ୍ କରିବା ପାଇଁ ଉଦ୍ୟମ ଚାଲିଛି। ଟ୍ରାଙ୍କୁଲାଇଜ୍ ପରେ ହାତୀଟିର ଚିକିତ୍ସା କରାଯିବ। ଶିକାରୀ ତୀର ମାଡ଼ କରିଡିବା ସନ୍ଦେହ କରାଯାଇଛି।

## ଗ୍ୟାସ୍ ଟାଙ୍କି ଫାଟି ଜଳିଲା ଘର



**କେନ୍ଦ୍ରାପଡ଼ା, ୩।୧୧(ସଂଚାର ବ୍ୟୁରୋ):** ଗ୍ୟାସ ଟାଙ୍କି ଫାଟି ନଷ୍ଟ ହୋଇଗଲା ଦୁଇ ବଖରା ଆଜବେଷ୍ଟ ଘର। ବଡ଼ଧରଣର ଅଘଟଣରୁ ଅଳ୍ପକେ ବର୍ତ୍ତିଗଲେ ଦୁଇ ପରିବାର। କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ନାଟରା ଗାଁରେ ଘଟିଛି ଏହି ଅଘଟଣ।ଗାଁର ସମର ଦାସଙ୍କ ପରିବାର ଲୋକେ ସଂଧ୍ୟାରେ ଚା କରୁଥିବାବେଳେ ହଠାତ ଗ୍ୟାସ ଟାଙ୍କିରେ ନିଆଁ ଲାଗିଯାଇଥିଲା। କିଛି ସମୟ ମଧ୍ୟରେ ନିଆଁ ଚାରିଆଗକୁ ବ୍ୟାପି ଯାଇଥିଲା। ଗ୍ୟାସ ଟାଙ୍କି ଜଳୁଥିବା ଦେଖି ପରିବାର ଲୋକେ ଘର ବାହାରକୁ ଚାଲିଆସିବାର କିଛି ସମୟ ମଧ୍ୟରେ ଘରେ ଥିବା ୨ଟି ଗ୍ୟାସ ଟାଙ୍କି ଫାଟିଯାଇଥିଲା। ଫଳରେ ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଏହାପରେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି।



## ବିଭିନ୍ନ ସ୍ଥାନରେ ପୂଜା ପାଉଛନ୍ତି ମା’ ଶ୍ୟାମାକାଳୀ

**କେନ୍ଦ୍ରାପଡ଼ା, ୩।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ମା’ ଶ୍ୟାମା କାଳୀଙ୍କ ପୂଜା ବେଶ୍ ଧୁମ ଧାମରେ ପାଳନ ହେଉଛି । ଅମାବାସ୍ୟାଠୁ ଆରମ୍ଭ ହୋଇଥିବା ପୂଜା ଆଜି ୪ଦିନରେ ପହଞ୍ଚିଛି। ଜିଲ୍ଲାର ଥିବା ଗୁଲନଗର ପଞ୍ଚାୟତର ଗୁଲନଗର ଗ୍ରାମରେ ଦୀର୍ଘ ୮୭ବର୍ଷ ହେବ ମା’ ଦକ୍ଷିଣ କାଳୀଙ୍କ ମୂର୍ତ୍ତି ପୂଜା ପାଇ ଆସୁଛି। ପ୍ରବାଦ ଅଛି ୧୯୩୭ ମସିହାରେ ଯେତେବେଳେ ଏହି ଅଞ୍ଚଳରେ ମହାମାରୀ ହଇଜା ବ୍ୟାପିଥିଲା, ସେହି ସମୟରେ ଲେକମାନେ ଭୟଭୀତ ହୋଇପଡ଼ିଥିଲେ। ପ୍ରତିକାର ପାଇଁ ଗୁଲନଗର ଗ୍ରାମର କାଳୀ ସାଧକ କାହ୍ନାଇ ଚରଣ ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ ସେବେଠୁ ପୂଜା ହୋଇଆସୁଛି । ସେହିଭଳି ଗରଦପୁର ଅଞ୍ଚଳର ନୂଆପଡ଼ା ଗ୍ରାମରେ ମଧ୍ୟ ୪୭ ବର୍ଷ ଧରି ମା ଶ୍ୟାମା କାଳୀ ପୂଜା ବହୁ ଆଡମ୍ବର ସହକାରେ ପାଳନ କରାଯାଉଛି ପ୍ରତିବର୍ଷ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ବିଭିନ୍ନ ମିନାବଜାର ପଡୁଥିବାରୁ ପ୍ରତିଦିନ ସନ୍ଧ୍ୟାରେ ହଜାର ହଜାର ଭକ୍ତ ଭିଡ଼ ଜମାଉଛନ୍ତି । ସେହିପରି ମାର୍ଶାଘାଇ ବ୍ଲକ ଅଧୀନ ମଧୁସୂଦନପୂର ଗ୍ରାମର ଶ୍ୟାମାକାଳୀ ପୂଜା ଚଳିତ ବର୍ଷ ୩୭ ବର୍ଷାରେ ପଦାର୍ପଣ କରିଛି । ମଧୁସୂଦନପୂର ଗ୍ରାମବାସୀଙ୍କ ସହଯୋଗରେ ଗୁରୁବାର ଅମାବାସ୍ୟା ଠାରୁ ୫ଦିନ ଧରି ଏହି ପୂଜା ଅନୁଷ୍ଠିତ ହେଉଛି। ଉକ୍ତ ଗ୍ରାମବାସୀ କାଳୀ ପୂଜାରେ ସମସ୍ତ ସହାୟତା କରିଥାନ୍ତି। ସେମାନଙ୍କ ସହାୟତାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ପାଲା, ଭଜନ ଓ ମେଲୋଡି ଭଳି କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ଜିଲ୍ଲାରେ ବଢ଼ୁଛି ନକଲି ମେଡିସିନ କାରବାର

**ସ୍ୱାସ୍ଥ୍ୟ ବିଭାଗ ନଜର ନ ଥିବାରୁ ରୋଗୀଙ୍କ ଜୀବନ ସହ ଖେଳ**

**ନକଲି ମେଡିସିନ ବିକ୍ରି କରି ଲାଭବାନ ବ୍ୟବସାୟୀ**

**କେନ୍ଦ୍ରାପଡ଼ା, ୩।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ଏବଂ ପ୍ରଶାସନର ନୀରବତା ପାଇଁ ବଜାରରେ ନକଲି ମେଡ଼ିସିନ ବିକ୍ରୀ କରି କୋଟିପତି ହେଲେଣି ଔଷଧ ବ୍ୟବସାୟୀ । ଚଢ଼ାଉ ନହେବାରୁ ଦିନକୁ ଦିନ ନକଲି ମେଡ଼ିସିନର ପାଦୁର୍ଭାବ ବେଶ ବଢ଼ିବାରେ ଲାଗିଛି। ବିଶେଷ ଭାବରେ କେନ୍ଦ୍ରାପଡ଼ା ଜିଲ୍ଲା କେନ୍ଦ୍ରାପଡ଼ା ସହର, ପାଟକୁରା, ରାଜନଗର, ଆଳି, ରାଜନଗର ଏବଂ ମହାକାଳପଡ଼ା ଅଞ୍ଚଳରେ ଏହି ନକଲି ମେଡିସିନ ବର୍ତ୍ତମାନ ଜୋରରେ ବିକ୍ରି ହେଉଛି । କେତେବେଳେ ସ୍ୱାସ୍ଥ୍ୟ ବିଭାଗ ହାତଗୁଞ୍ଜା ନେଇ ଚୁପ ବସୁଛି ତ ଆଉ କେତେବେଳେ ବିଭିନ୍ନ ବାହାନା ଦେଖାଇ ଚଢ଼ାଉ କରାଯାଉନି ।

ବିଶେଷଭାବରେ ଗ୍ରାମାଞ୍ଚଳରେ ନକଲି ମେଡ଼ିସିନ ବିକ୍ରି ଅଧିକ ହେଉଛି। ସାଧାରଣ ଗରିବ ଅସହାୟ ରୋଗୀଙ୍କୁ ଏହି ନକଲି ମେଡ଼ିସିନ ବିକ୍ରି କରାଯାଉଛି। ବର୍ଷ ବର୍ଷ ଧରି ନକଲି ମେଡିସିନ ଚଳାଇଥିବା ଦୋକାନୀମାନେ କିଛି ଡ଼ାକ୍ତରଙ୍କୁ ହାତ କରି ଏହି ବେପାର କରିଆସୁଛନ୍ତି। ହେଲେ ଥରେ ମାତ୍ର ଡ୍ରଗ୍ସ କଣ୍ଟ୍ରୋଲର ପକ୍ଷରୁ ଚଢ଼ାଉ ହେଉନି । କି ମେଡିସିନର ମାନ ଯାଞ୍ଚ କରାଯାଉନି । ରାଜ୍ୟ ବାହାରୁ ନକଲି ମେଡିସିନ ଆଣି ଗ୍ରାମାଞ୍ଚଳ ଦୋକାନୀକୁ ଅତି କମ ଦାମରେ ଏହି ମେଡିସିନ ଯୋଗାଇ ଦିଆଯାଉଛି । ଏହି ମେଡିସିନ ଖାଇ ଲୋକେ ଭଲ ହେବେ କଣ କିଛିଦିନ



ପରେ ତାଙ୍କ ଜୀବନ ଚାଲି ଯାଉଥିବା ଅଭିଯୋଗ ହେଉଛି । ମଧୁମେହ, ଉଚ୍ଚ ରକ୍ତଚାପ, କିଡନୀ, ହାର୍ଟ ଭଳି ମାରାତ୍ମକ ରୋଗର ଦାମୀ ମେଡ଼ିସିନ୍ ଏଠାରେ ନକଲି ଭାବେ ମିଳୁଛି । ତେବେ ଅସଲି ମୂଲ୍ୟ ଦେଇ ରୋଗୀ ନକଲି ମେଡିସିନ ଖାଇ ଚାଲିଛନ୍ତି ।

ପାଟକୁରା ନିର୍ବାଚନ ମଣ୍ଡଳୀରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଦୋକାନୀ କେନ୍ଦ୍ରାପଡ଼ା ସହରର ୧୦ଉର୍ଦ୍ଧ୍ୱ ଆଳି ଅଞ୍ଚଳର ୧୫ରୁ ଉର୍ଦ୍ଧ୍ୱ ରାଜନଗର ଏବଂ ମହାକାଳପଡ଼ା ଅଞ୍ଚଳର କୋଡ଼ିଏରୁ ଉର୍ଦ୍ଧ୍ୱ ସ୍ଥାନରେ ଏବେ ନକଲି ମେଡିସିନ ରଖୁଥିବା ଅଭିଯୋଗ ହୋଇଛି। ଏହି ନକଲି ମେଡ଼ିସିନ୍‌ର ଚେର, ପଶ୍ଚିମବଙ୍ଗ, ବିହାର, ବାଙ୍ଗଲୋର, ଦିଲ୍ଲୀକୁ ଲମ୍ୱିଥିବା ଜାଣିବାକୁ ମିଳିଛି । ବୈଧ ଲାଇସେନ୍ସ ନଥାଇ ଆଉ ଫାର୍ମାସିଟ ନଥାଇ ମେଡିସିନ ବିକ୍ରି ଆଉ ଚିକିତ୍ସା ମଧ୍ୟ କରାଯାଉଛି। କେବଳ ଫାର୍ମାସିଟ ସାର୍ଟିଫିକେଟରେ ଲକ୍ଷ ଲକ୍ଷ ଟଙ୍କାର ନକଲି ମେଡ଼ିସିନ ବିକ୍ରି ହେଉଛି । ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ନେଇ ସ୍ଥାନୀୟ ପ୍ରଶାସନର କାର୍ଯ୍ୟକଳାପକୁ ସନ୍ଦେହ କରାଯାଇଛି ।

ନିୟମାନୁସାରେ ମେଡ଼ିସିନ ଦୋକାନରେ ଫାର୍ମାସିଷ୍ଟ ଔଷଧ ବିକ୍ରି କରିବା କଥା । ହେଲେ କେନ୍ଦ୍ରାପଡା ଜିଲ୍ଲାରେ ଅନେକାଂଶରେ ତାହା ହେଉନଥିବା ଅଭିଯୋଗ ହୋଇଛି । କେବଳ ଫାର୍ମାସିଷ୍ଟ ସାର୍ଟିଫିକେଟ ଖଣ୍ଡେରେ ନକଲି ମେଡ଼ିସିନ ବିକ୍ରିଠାରୁ ଚିକିତ୍ସା ସବୁକିଛି ହେଉଥିବା ଦେଖିବାକୁ ମିଳୁଛି । ତେବେ ଏତେସବୁ କାର୍ଯ୍ୟ ହେଉଥିବାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ନିୟମିତଭାବେ ମେଡ଼ିସିନ ଦୋକାନଗୁଡିକ ଯାଞ୍ଚ ହେଉନି। ଫଳରେ ଏହିଭଳି ଦୁଇନମ୍ବର କାର୍ଯ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏମିତିକି ଅନେକ ଔଷଧ ଦୋକାନର ବୈଧ ଲାଇସେନ୍ସ ନଥିବା ମଧ୍ୟ ଜାଣିବାକୁ ମିଳିଛି । ଏହିଭଳି କାର୍ଯ୍ୟ ଚାଲିବା ଦ୍ୱାରା କେତେବେଳେ ଯେ କେଉଁ ରୋଗୀର ଜୀବନ ବିପଦରେ ନ ପଡିବ ତାହା କହିହେବ ନାହିଁ । ତେଣୁ ଏହି ବେଆଇନ୍ କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଲୋକଙ୍କ ଜୀଓ୍ୱନ ସହ ଖେଳୁଥିବା ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସଧାରଣରେ ଦାବି ହୋଇଛି ।

# ନିର୍ମାଣ ସରିଛି, ତାଲା ଖୋଲୁନି

**କାକଟପୁର/ଅସ୍ତରଙ୍ଗ, ୩।୧୧ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କାକଟପୁର ବ୍ଲକ ମିଶନ ଶକ୍ତି ଭବନ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ନିର୍ମାଣକୁ ଦୀର୍ଘ ମାସ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ତାଲା ଖୋଲିନଥିବା ଅଭିଯୋଗ ହୋଇଛି। ସେହିପରି ଭବନ ଚର୍ତୁପାର୍ଶ୍ୱରେ ଅନାବନା ଘାସ ସାଙ୍ଗକୁ ଆବର୍ଜନାରେ

**ରାଜନୈତିକ ଦ୍ୱନ୍ଦ୍ୱ ଯୋଗୁଁ ଉଦ୍‌ଘାଟନ ବାତିଲ**

**ଠିକାଦାର ମାଲାମାଲ ହେଉଥିବା ଚର୍ଚ୍ଚା**

ପରିପୂର୍ଣ୍ଣ ହୋଇ ରହିଛି। ଫଳରେ ସ୍ଥାନୀୟ ଜନସାଧାରଣ ଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସ୍ଥାନୀୟବାସୀ ଅଭିଯୋଗ କରିଛନ୍ତି, ରାଜ୍ୟ ସରକାର ଗ୍ରାମାଞ୍ଚଳରେ ମହିଳାଙ୍କୁ ସ୍ୱାବଲମ୍ବି କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ମିଶନ ଶକ୍ତି ଭବନ ନିର୍ମାଣ କରିଛନ୍ତି। ସେହିପରି ବିନା ସୁଧରେ ମହିଳା ଗ୍ରୁପଙ୍କୁ ଟଙ୍କା ସହିତ ବହୁ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। କିନ୍ତୁ କାକଟପୁର ବ୍ଲକ ଅଳ୍ପକିଛି ଦୂରରେ ନିର୍ମାଣ ସରିଥିବା ମିଶନ ଶକ୍ତି ଭବନ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। କିଛି ଦିନ ପୂର୍ବେ ସ୍ଥାନୀୟ ଅଂଚଳର ରାଜନୈତିକ ଦ୍ୱନ୍ଦତା ଯୋଗୁଁ ଭବନ ଉଦ୍‌ଘାଟନ ବାତିଲ ହୋଇଥିଲା। ଏଥିସହ ମିଶନ ଶକ୍ତି ଭବନ ମହିଳାଙ୍କ କାମରେ ଆସୁନାହିଁ। ସରକାର




ଙ୍କ ମହତ୍ୱ ଉଦେଶ୍ୟ ପୂରଣ ହୋଇପାରୁନଥିବା ବେଳେ ଏଠି ଠିକାଦାର ମାଲାମାଲ ହେଉଥିବା ସ୍ଥାନୀୟ ଅଂଚଳର ବୁଦ୍ଧିଜୀବି ମତପ୍ରକାଶ କରିଛନ୍ତି। ତୁରନ୍ତ ଉକ୍ତ ମିଶନ ଶକ୍ତି ଭବନକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହୋଇଛି।

### ବେପରୁଆ ଗାଡିଚାଳନା

# ଟାଟା ଏସିକୁ ପିଟିଲା ମୋ’ବସ୍

**ରାଜନଗର, ୩।୧୧ (ସଂଚାର ବ୍ୟୁରୋ) :** ମୋ’ବସ୍ ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ପରେ ଦୁର୍ଘଟଣା ଘଟୁଛି। ଗତକାଲି ଚନ୍ଦ୍ରଶେଖରପୁରରେ ମୋ’ବସ୍ ଯୁବତୀଙ୍କୁ ଧକ୍କା ଦେଇ ସେଠାରୁ ଚାଲି ଯାଇଥିଲା। ସେଘଟଣାରୁ ବିବାଦ ଉଗ୍ରରୂପ ନେଇଥିଲା। ଆଜି ରାଜନଗରରେ ମୋ’ବସ୍ ଡ୍ରାଇଭର ଏକ ଟାଟାଏସିକୁ ଧକ୍କା ଦେବା, ଏ ନେଇ ଗାଡି ମାଲିକ ପଚାରିବାରୁ ମହିଳାଙ୍କୁ ଅସଦାଚରଣ ଭଳି ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକେ ବସ୍ ଡ୍ରାଇଭରକୁ ଉତ୍ତମ ମଧ୍ୟମ ଦେଇଛନ୍ତି। ଏ ନେଇ ଥାନାରେ ୨ଟି ଅଭିଯୋଗ ହୋଇଥିଲା। ପରେ ଉଭୟପକ୍ଷ ମଧ୍ୟରେ ଆପୋଷ ସମାଧାନ ହୋଇଛି।

ସୂଚନା ମୁତାବକ ଆଜି ଦିନ ପ୍ରାୟ ୧୦ଟା ୪୦ରେ ରାଜନଗରରୁ ତାଳଚୁଆ ଯାଉଥିବା ମୋ’ବସ୍ କଣି ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଟାଟାଏସି ଗାଡିର ସାଇଡରେ ପିଟିଥିଲା। ଏହି ଖବରପାଇ ଗାଡିର ମାଲିକାଣୀ ଚାନ୍ଦିବାଉଁଶମୂଳର ରୋଜିତା ଦାସ ଓ ତାଙ୍କ ସ୍ୱାମୀ ମିହୀର ପ୍ରସାଦ ଦାସ ଘଟଣାସ୍ଥଳରେ ପହଁଚିଥିଲେ। ମୋ ବସ୍ ଡ୍ରାଇଭର କଥା ବାର୍ତ୍ତା ଭିତରେ ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ ସହିତ ଛାତିକୁ ଧକ୍କା ମାରିଥିଲା ଏବଂ ତାଙ୍କ ସ୍ୱାମୀଙ୍କୁ ମଧ୍ୟ ଗାଳି ଗୁଲଜ କରିଥିଲା। ମୋ’ବସ୍ ଡ୍ରାଇଭର ମହିଳାଙ୍କୁ ଅସଦାଚରଣ କରୁଥିବା ଦେଖି ସ୍ଥାନୀୟ ଲୋକେ ମୋ’ବସ୍ ଡ୍ରାଇଭରକୁ ଉତ୍ତମ ମଧ୍ୟମ ଦେଇଥିଲେ। ଅନ୍ୟପକ୍ଷରେ ମୋ’ବସ ଡ୍ରାଇଭର ଅରବିନ୍ଦ ରାଉତ ରାଜନଗର ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଟାଟାଏସି ମୋ’ବସକୁ ଧକ୍କା ଦେବା ପରେ କେତେକ ଯୁବକ ହଠାତ୍ ପହଁଚି ମାଡ ମାରିଥିଲେ। ପରେ ଉଭୟ ପକ୍ଷଙ୍କ ପକ୍ଷରେ ଆପୋଷ ସମାଧାନ ହୋଇଛି।

## ଅଟୋ ଧକ୍କାରେ ବାଇକ ଆରୋହୀ ମୃତ

**ପଟ୍ଟାମୁଣ୍ଡାଇ, ୩।୧୧ (ସଂଚାର ବ୍ୟୁରୋ) :** ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ଥାନା ଅନ୍ତର୍ଗତ କଖାରୁଣୀ ଛକ ନିକଟରେ ଆଜି ସଂନ୍ଧ୍ୟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ମାଲବାହୀ ଅଟୋ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏହା ପରେ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଛି । ସ୍ଥାନୀୟ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିବା ସହିତ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଛି । ଦୁର୍ଘଟଣା ଘଟାଇ ଥିବା ଅଟୋ ଡ୍ରାଇଭର ଫେରାର ହୋଇଯାଇଛି । ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କଖାରୁଣୀ ଛକ ଠାରେ ଦ୍ରୁତ ଗତିରେ ଯାଉଥିବା ଏକ ମାଲ ବାହୀ ଅଟୋ କଖାରୁଣୀ ଗ୍ରାମର ବାଇକ ଚଳାଉ ଥିବା ଗଣେଶ ଜେନାଙ୍କୁ ଧକ୍କା ଦେଇଥିଲା । ଯାହା ଫଳରେ ବାଇକ ଆରୋହୀ ଜଣକ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଅତ୍ୟନ୍ତ ମୁମୂର୍ଷ ଅବସ୍ଥାରେ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ହସ୍ପିଟାଲ ଅଣାଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ପରେ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା । ଦୁର୍ଘଟଣାରେ ମୃତ ଗଣେଶ ଜେନାଙ୍କ ବୟସ ୫୫ବର୍ଷ । ଦୁର୍ଘଟଣା ଖବର ପାଇବା ପରେ ଗ୍ରାମାଞ୍ଚଳ ଥାନା ଆଇ ଆଇ ସି ପଦ୍ମାଳୟା ପ୍ରଧାନଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପ ପହଁଚି ତଦନ୍ତ ଆରମ୍ଭ କରିଛି।




## ପୁନେରେ ପ୍ରବାସୀ ଓଡ଼ିଆ ସଂଗଠନ ତରଫରୁ ଅଖଣ୍ଡ ନାମ ସଂକୀର୍ତନ

**ରାଜନଗର, ୩।୧୧ (ସଂଚାର ବ୍ୟୁରୋ) :** ପୁନେସ୍ଥିତ ଗୋଲବଲକର ଗୁରୁଜୀ ବିଦ୍ୟାଳୟ ଆଉନ୍ଧ ପରିସରରେ ପ୍ରବାସୀ ଓଡିଆ ସଂଗଠନ ମା’ଶାରଳା କଳିଙ୍ଗ ସମାଜ ଚାରିଟେବୁଲ ଟ୍ରଷ୍ଟ ତରଫରୁ ୨୫ତମ ବାର୍ଷିକ ଉତ୍ସବ ଓ ନିଶିପ୍ରହରୀ ଅଖଣ୍ଡ ନାମ ସଂକୀର୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୨ଦିନ ଧରି ଚାଲିଥିଲା। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଚନ୍ଦ୍ରକାନ୍ତ ଦାଦାପାଟିଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରବାସୀ ଓଡିଆ ମାନଙ୍କ ଦ୍ୱାରା ଏହି ଆଧ୍ୟାତ୍ମିକ ମହୋତ୍ସବ ଦୀର୍ଘ ୨୫ବର୍ଷ ଧରି ପାଳନ କରାଯିବା ସହିତ ଭାଇଚାରାର ଅନନ୍ୟ ପରମ୍ପରା ସୃଷ୍ଟି କରିଥିବାରୁ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଏଥିରେ ସ୍ଥାନୀୟ ବିଧାୟକ ସିଦ୍ଧାର୍ଥ ସିରୋଲେ, ନଗର ସେବକ ଦତାତ୍ରୟ ଗାଏକ୍ୱାର୍ଡ, ବାଲାସାହେବ ରାହୁଲ ଦାଦା ବାଲବଡକର, ଲାଲୁଦାଦା ବାଲବଡକର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଉତ୍ସବକୁ ସଂଗଠନର ସଭାପତି ଦୟାନନ୍ଦ ରାଉତ ସଂଯୋଜନା କରିଥିବା ବେଳେ କୋଷାଧ୍ୟକ୍ଷ ସଚିଦାନନ୍ଦ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ବିଦ୍ୟାଧର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ଅନୁଷ୍ଠାନର ସୁବାଷ ଚନ୍ଦ୍ର ପ୍ରଧାନ, ସୁବାଷ ଚନ୍ଦ୍ର ବାରିକ, ବିଷ୍ଣୁ ଚରଣ ରାଉତ, ଝଜାମଣି ସ୍ୱାଇଁ, ଲୋକନାଥ ରାଉଳ, ରବୀନ୍ଦ୍ର ଦାସ, ରଞ୍ଜନ ନାୟକ, ପ୍ରଶାନ୍ତ ମହାନ୍ତି, ନିତ୍ୟାନନ୍ଦ ସାହୁ, ସୀତାକାନ୍ତ ବଳ, ସରୋଜ ପାତ୍ର, ହରେକୃଷ୍ଣ ପାତ୍ରଙ୍କ ସହିତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନା କରିଥିଲେ।

**ନିଷିଦ୍ଧାଞ୍ଚଳରେ ତମାଖୁ ବ୍ୟବସାୟ**

# କାମ କରୁନାହିଁ କୋଟପା ଆଇନ

**କାକଟପୁର/ଅସ୍ତରଙ୍ଗ, ୩।୧୧ (ସଂଚାର ବ୍ୟୁରୋ) :** ଶିକ୍ଷାନୁଷ୍ଠାନ ହେବ ଗୁଟଖା ମୁକ୍ତ। ବିଦ୍ୟାଳୟ ଠାରୁ ୧ଶହ ମିଟର ଦୂର ପର୍ଯ୍ୟନ୍ତ କରାଯାଇପାରିବ ନାହିଁ ତମାଖୁ ବିକ୍ରି। ଏଥି ଲାଗି ଦଶ ବର୍ଷ ହେଲା ଲାଗୁ ହୋଇଛି କୋଟପା ଆଇନ। ତମାଖୁ ସେବନର ଭୟାବହତା ସମ୍ପର୍କରେ

- ଶିକାର ହେଉଛନ୍ତି ଛାତ୍ରଛାତ୍ରୀ ଓ ଯୁବ ପିଢ଼ି
- ଅସ୍ତରଙ୍ଗ, କାକଟପୁର ଅଂଚଳରେ ଖୁଲମ୍‌ଖୁଲା ବିକ୍ରି
- ବଢ଼ୁଛି ଫୁସଫୁସ, ହୃଦ୍‌ଘାତ, କର୍କଟ ରୋଗ

ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ମେ ୩୧ରେ ପାଳିତ ହେଉଛି ବିଶ୍ୱ ତମାଖୁ ବର୍ଜନ ଦିବସ। ହେଲେ ସ୍କୁଲ, ସ୍ୱାସ୍ଥ୍ୟକେନ୍ଦ୍ର ସମେତ ସରକାରୀ କାର୍ଯ୍ୟାଳୟ ନିକଟରେ ବ୍ୟବସାୟୀ ମାନେ ଖୁଲମଖୁଲା ଗୁଟଖା ବିକ୍ରି କରୁଛନ୍ତି। କୋଟପା ଆଇନ କାମ କରୁ ନଥିବା ବେଳେ ନିଷିଦ୍ଧାଞ୍ଚଳକୁ ତମାଖୁ ମୁକ୍ତ କରିବା ଲାଗି ଯେତେ ସବୁ ପ୍ରୟାସ ଫସର ଫାଟୁଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ବିଭିନ୍ନ ପଂଚାୟତରେ ଥିବା ବିଦ୍ୟାଳୟ ନିକଟରେ ଛୋଟ ପାନ ଦୋକାନରେ ତମାଖୁ ବିକ୍ରି ହେଉଛି। ଗୁଟଖା କାରଣରୁ ଅନେକ ସ୍ଥାନରେ ଫୁସଫୁସ, ହୃଦଘାତ, ମୁଖ କର୍କଟ ଦେଖିବାକୁ ମିଳୁଛି। ଏହି କାରଣରୁ ଅକାଳରେ ଝରି ପଡୁଛୁ ମୂଲ୍ୟବାନ ଜୀବନ। ବିଶେଷ କରି ଯୁବପିଢ଼ି ଏହାର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଏହାର କାରଣ କୋମଳମତି ବୟସରୁ ଗୁଟଖା ସେବନ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ସ୍କୁଲ, କଲେଜ ନିକଟରେ ଅବାଧରେ ତମାଖୁ ବିକ୍ରି ହେଉଛି। ହାତ ପାଆନ୍ତାରେ ଗୁଟଖା ମିଳୁଥିବାରୁ ପିଲାମାନେ ଏହି ନିଶା କବଳରେ ପଡି ଯାଉଛନ୍ତି। ଥରେ ଅଭ୍ୟାସ ହୋଇଗଲେ ଛାଡିବା କଷ୍ଟକର ହୋଇପଡୁଛି। ରାଜ୍ୟରେ କୋଟପା, ଖାଦ୍ୟ ସୁରକ୍ଷା ଆଇନ ଲାଗୁ ହୋଇଥିଲେ ମଧ୍ୟ କୋହଳ କାର୍ଯ୍ୟାନୁଷ୍ଠାନ କାରଣରୁ ନିଷିଦ୍ଧାଞ୍ଚଳ ଗୁଟଖା ମୁକ୍ତ ହୋଇପାରୁନାହିଁ।



ଅନ୍ୟ ପଟେ ଏହାର ସୁଯୋଗ ନେଇ କାକଟପୁର,ଅସ୍ତରଙ୍ଗ ବଜାରରେ ହାଉଯାଉ ହେଉଛି ନକଲି ଗୁଟଖା। କମ୍ ଦାମ୍‌ରେ ମିଳୁଥିବାରୁ ଏହାକୁ ତମାଖୁ ସେବନକାରୀ ବହୁଳ ମାତ୍ରାରେ ବ୍ୟବହାର କରୁଛନ୍ତି। ସଚେତନତା ଅଭାବରୁ ଏହା ସେମାନଙ୍କୁ ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ଆଡକୁ ଠେଲି ଦେଉଛି। ଏଭଳି ଅବାଧ ଗୁଟଖା ବିକ୍ରି ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ଦାବୀ କରିଛନ୍ତି।

## ‘ଫୁଲବଉଲବେଣୀ’ ଉନ୍ମୋଚନ ଉତ୍ସବ



**ଟାଙ୍ଗୀ-ଚୌଦ୍ୱାର, ୩।୧୧ (ସଂଚାର ବ୍ୟୁରୋ) :** ଚୌଦ୍ୱାର ସ୍ଥିତ ଆଞ୍ଚଳିକ ପେଷାଦାର ସାମ୍ବାଦିକ ସଂଘର ୮ମ ସ୍ୱନକ୍ଷତ୍ର ଦିବସ ଓ ମୁଖପତ୍ର ଫୁଲବଉଲବେଣୀର ଉନ୍ମୋଚନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀଛକ ସ୍ଥିତ ପୌର ଟାଉନହଲରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ମହାନଗର ନିଗମ ମେୟର ସୁବାସ ସିଂ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସଂଘ ସଭାପତି ଦୀପକ ମଙ୍ଗରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁର୍ବତନ ବିଧାୟକ ଡ.ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ସାମ୍ବାଦିକ ମାନେ ହେଉଛନ୍ତି ସମାଜର ଜଣେ ଜଣେ ମାର୍ଗଦର୍ଶକ, ସେମାନେ ନିତୀକୁ କେବେ ବନ୍ଧା ନପକାଇ ସତ୍ୟ ସମ୍ବାଦ ପରବେଷଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୁର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ପୁର୍ବତନ କାଉନସିଲର ବିଷ୍ଣୁ ଚରଣ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଂଘର ବାର୍ଷୀକ ମୁଖପତ୍ର ଫୁଲବଉଲବେଣୀ ପୁସ୍ତକକୁ ଉନ୍ମୋଚନ କରାଯିବା ସହିତ ପୌରପାଳିକାର ବିଭିନ୍ନ ମହିଳା ମହାସଂଘର କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧୀତ କରାଯାଇଥିଲା। ସ୍ଥାନୀୟ ତ୍ରିନେତ୍ର କଳାକୁଞ୍ଜର ନୃତ୍ୟଶିଳ୍ପୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଖବରଦାତା ଅଜିତ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଦୀପ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପାର୍ଥ ସାରଥୀ ବେଉରା, ଏସ୍.କେ.ଜାଭେଦ୍, ପଦ୍ମନାଭ ବରାଳ, ସ୍ୱଧୀନ ଦାସ, ସୁଧାକର ମହାପାତ୍ର ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ଗେଣ୍ଡାଳିଆଙ୍କୁ ଆକୃଷ୍ଟ କରୁଛି ବେଲଦ୍ୱାର ଗାଁ

**ନୟାଗଡ଼, ୩।୧୧ (ସଂଚାର ବ୍ୟୁରୋ) :** ମନୁଷ୍ୟ ତାର ଆବଶ୍ୟକତାକୁ ଗୁରୁତ୍ୱ ଦେବା ଫଳରେ, ପ୍ରକୃତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଦିନକୁ ଦିନ ଉଜୁଡିବାରେ ଲାଗିଛି। ଏପରି ସ୍ଥଳେ ପ୍ରତ୍ୟେକ ବର୍ଷ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ବେରୁହାଁବାରି ପଞ୍ଚାୟତ ଅନ୍ତର୍ଗତ ବେଲଦ୍ୱାର ଗ୍ରାମର ଜଳବାୟୁ ଓ ପ୍ରାକୃତିକ ପରିବେଶ ଶହ ଶହ ବର୍ଷ ଧରି ହଜାର ହଜାର ଗେଣ୍ଡାଳିଆଙ୍କୁ ଆକୃଷ୍ଟ କରି ଚାଲିଛି। ବେଲଦ୍ୱାର ଗେଣ୍ଡାଳିଆଙ୍କ ସ୍ୱର୍ଗ ପାଲଟି ଯାଇଛି। ପ୍ରତ୍ୟେକ ବର୍ଷ ମେ’ ଜୁନ ମାସ ଅକ୍ଷୟତୃତୀୟା ସମୟରେ ଏହି ଗେଣ୍ଡାଳିଆ ପକ୍ଷୀ କାହିଁ କେତେ ଦୂରରୁ ଏଠାକୁ ଦଳ ବାନ୍ଧି ଛୁଟି ଆସିଥାନ୍ତି। ବେଲଦ୍ୱାର ଗ୍ରାମର ପୂର୍ବ ପାର୍ଶ୍ୱରେ ଶୁଳିଆ ସଂରକ୍ଷିତ ଜଙ୍ଗଲ ରହିଛି। ନିକଟସ୍ଥ ପ୍ରାକୃତିକ ପରିବେଶ ଗ୍ରାମ ନିକଟ ପୋଖରୀ ପାର୍ଶ୍ୱରେ ଥିବା ବିଭିନ୍ନ ଗଛରେ ବସାବାନ୍ଧି ରହୁଛନ୍ତି। ଏଠାରେ ଅଣ୍ଡାଦେବା ସହ ବଂଶବୃଦ୍ଧି କରୁଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁସାରେ ପ୍ରତିବର୍ଷ ପ୍ରାୟ ୫ ହଜାର ଗେଣ୍ଡାଳିଆ ଆସୁଥିବା ବେଳେ ନଭେମ୍ବର ଡିସେମ୍ବର ମାସ ଛାଡଖାଇ ବେଳକୁ ୧୫ ହଜାରରୁ ଉର୍ଦ୍ଧ୍ୱ ଗେଣ୍ଡାଳିଆ ଧରି ନିଜ ପୂର୍ବସ୍ଥଳକୁ ଫେରିଥାନ୍ତି। ଏଣୁ ବେଲଦ୍ୱାର ଆଦିବାସୀ ଗ୍ରାମ ଗେଣ୍ଡାଳିଆଙ୍କର ଅନ୍ତୁଡ଼ିଶାଳ ପାଲଟିଯାଇଛି। ହେଲେ ଦୁଃଖର ବିଷୟ ବର୍ଷ ବର୍ଷ ଧରି ଏଠାକୁ ଗେଣ୍ଡାଳିଆଙ୍କର ସୁଅ ଛୁଟିଥିବା ବେଳେ ଦାୟିତ୍ୱ ଓ ସୁରକ୍ଷା ଅଭାବରୁ ହଜାର



**ବେଲଦ୍ୱାର ଗାଁକୁ ଗେଣ୍ଡାଳିଆଙ୍କ ଅଭୟାରଣ୍ୟ କରିବାକୁ ଦାବି**

**ମେ ମାସରେ ଆସି ଡିସେମ୍ବର ଫେରିଯାଆନ୍ତି**

**ଗେଣ୍ଡାଳିଆଙ୍କ ସୁରକ୍ଷା କର୍ମୀ ସାଜନ୍ତି ଗ୍ରାମବାସୀ**

ହଜାର ଅଣ୍ଡା ଏବଂ ଶାବକ ତଳେ ପଡ଼ିବା ସହିତ ସରିସୃପଙ୍କ ଦ୍ୱାରା ନଷ୍ଟ ହେଉଥିବା ଗ୍ରାମବାସୀ କହିଛନ୍ତି। ଏପରିକି ଶୀକାରିଙ୍କ ଲୋଲୁପ ଦୃଷ୍ଟିର ଶୀକାର ହେଉଛନ୍ତି ଗେଣ୍ଡାଳିଆ। ଗ୍ରାମବାସୀ ସୁରକ୍ଷା ଦାୟିତ୍ୱ ତୁଲାଉଥିବା ବେଳେ କେତେକ ଲୁଚି ଲୁଚି ଆସି ମାଂସ ପାଇଁ ପକ୍ଷୀଙ୍କୁ ଧରି ନିଅନ୍ତି। ଗେଣ୍ଡାଳିଆମାନେ ରୁଆ ଧାନଗଛକୁ ବିଲରୁ ଉପାଡ଼ି ନେଇ ବସା ତିଆରି କରିଥାନ୍ତି। ଗେଣ୍ଡାଳିଆ ଏଠାକୁ ଆସିଲେ ବର୍ଷା ହୋଇଥାଏ ବୋଲି ସ୍ଥାନୀୟ ଅଧିବାସୀ ବିଶ୍ୱାସ ରଖିଥିବା ବେଳେ ଏଥିରେ ବ୍ୟସ୍ତ ବିବ୍ରତ ନ ହୋଇ ଗ୍ରାମବାସୀ ବାରମ୍ବାର ଖୁଆଦେଇ ଧାନ ଫସଲ ଅମଳ କରିଥାନ୍ତି।

ଗଛଗୁଡ଼ିକରୁ ଖସି ପଡୁଥିବା ଅଣ୍ଡା ଏବଂ ଶାବକଙ୍କ ସ୍ଥାୟୀ ସୁରକ୍ଷା ପାଇଁ ଗ୍ରାମବାସୀ ବନବିଭାଗକୁ ବାରମ୍ବାର ଅନୁରୋଧ କରିବା ପରେ ବି କୌଣସି ସୁଫଳ ମିଳୁ ନ ଥିବା କହିଛନ୍ତି। ହଜାର ହଜାର ଗେଣ୍ଡାଳିଆ ବେଲଦ୍ୱାରକୁ ଆସି ବଂଶବୃଦ୍ଧି କରି ଫେରୁଥିବା ବେଳେ ସେମାନଙ୍କ ମଳ ପଡ଼ି ଗଛ ଗୁଡ଼ିକ ଥୁଣ୍ଟା ହୋଇ ନଷ୍ଟ ହେବାକୁ ବସିଲାଣି। ଏହାକୁ ଲାଗିରହିଥିବା ସ୍ଥାନ ଗୁଡିକ କବଲତି ଯାଗା ହୋଇଥିବାରୁ ଭବିଷ୍ୟତ ପାଇଁ ଏଠାରେ ଗଛ ଲଗେଇବା ସମ୍ଭବ ପର ହେଉନାହିଁ। ଏଣୁ ସରକାର ଉକ୍ତ ସ୍ଥାନକୁ ହାତକୁ ନେଇ ଗେଣ୍ଡାଳିଆଙ୍କ ଅଭୟାରଣ୍ୟ ଘୋଷଣା କରିବା ସହିତ ସେମାନଙ୍କ ଭବିଷ୍ୟତ ଆଗମନକୁ ବଜାୟ ରଖିବା ପାଇଁ ନିକଟସ୍ଥ ଅଞ୍ଚଳରେ ବହୁଳ ମାତ୍ରାରେ ବୃକ୍ଷରୋପଣ କରିବାର ଆବଶ୍ୟକତା ଦେଖାଦେଇଛି। ଅନ୍ୟଥା ଗେଣ୍ଡାଳିଆଙ୍କ ଏହି ଅନ୍ତୁଡ଼ିଶାଳ ଦିନେ ଶୁନ୍ୟସ୍ଥାନ ପାଲଟିଯିବ ବୋଲି ପରିବେଶବିତ ଆଶଙ୍କା କରୁଛନ୍ତି। ଏନେଇ ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କୁ ପଚାରିବାରୁ, ଗେଣ୍ଡାଳିଆଙ୍କ ପେଣ୍ଠସ୍ଥଳ ପାଲଟିଛି ବେଲଦ୍ୱାର ଲ କିନ୍ତୁ ଉକ୍ତ ସ୍ଥାନଟି ବନବିଭାଗ ଅଧୀନରେ ନାହିଁ, ତେଣୁ ସେଠାରେ କେବଳ ଗେଣ୍ଡାଳିଆଙ୍କ ସୁରକ୍ଷା ପାଇଁ ଗ୍ରାମବାସୀଙ୍କୁ ସଚେତନ କରାଯାଉଛି ବୋଲି ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି ।

### ଜାତୀୟ ଆୟୁର୍ବେଦ ଦିବସ ଉପଲକ୍ଷେ

## ମାଗଣା ଆୟୁଷ ସ୍ୱାସ୍ଥ୍ୟ ଶିବିର




**ବାଲେଶ୍ୱର, ୩।୧୧ (ସଂଚାର ବ୍ୟୁରୋ) :** ସ୍ଥାନୀୟ ସହଦେବଖୁଣ୍ଟାସ୍ଥିତ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟରେ ଆୟୁଷ ବିକାଶ ମଞ୍ଚ ଓ ବିଦ୍ୱାନ ମିଳିତ ଆନୁକୂଲ୍ୟରେ ଏକ ବିଶାଳ ମେଗା ଆୟୁଷ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଅଛି। ୪୦୦ରୁ ଅଧିକ ରୋଗୀ ବିଭିନ୍ନ ଅଭିଜ୍ଞ ଚିକିତ୍ସକମାନଙ୍କ ଦ୍ୱାରା ଚିକିତ୍ସକ ହୋଇଅଛନ୍ତି। ଉକ୍ତ ସ୍ୱାସ୍ଥ୍ୟଶିବିରକୁ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏକ ସାଧାରଣ ସଭା ମଞ୍ଚର ସଭାପତି ଡାକ୍ତର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଶ୍ରୀଯୁକ୍ତ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟବକ୍ତା, ଡା. ରମେଶ ଚନ୍ଦ୍ର ମିଶ୍ର, ଜିଲ୍ଲା ଆୟୁର୍ବେଦିକ ଚିକିତ୍ସାଧିକାରୀ ନିରଞ୍ଜନ ପରିଡ଼ା, ଡା. ପୁରୁଷୋତ୍ତମ ସିଂ, ଅତିଥିଭାବେ ଯୋଗଦାନ କରି ଆୟୁର୍ବେଦ ଓ ଯୋଗର ପ୍ରଖର ପ୍ରସାର ଏବଂ ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ବିକାଶ ମଞ୍ଚର ସାଧାରଣ ସମ୍ପାଦକ ହିମାଂଶୁଶେଖର ଦାସ ସଭାକାର୍ଯ୍ୟକ ସଞ୍ଚାଳନ କରିଥିବାବେଳେ ଡାକ୍ତର ପ୍ରଭାତ କୁମାର ପ୍ରଧାନ, ଡାକ୍ତର ସୁଧାଂଶୁ ଶେଖର ଦାଶ, ଡାକ୍ତର ତ୍ରିଲୋଚନ ଧଳ ଯୋଗଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀ, ମନୋଜ କୁମାର ଦେ, ବହୁ ରୋଗୀମାନଙ୍କୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ ଏବଂ ଯୋଗାଭ୍ୟାସ କରାଇଥିଲେ। ଏହି ସ୍ୱାସ୍ଥ୍ୟଶିବିରରେ ରୋଗୀମାନଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଡାକ୍ତର ପ୍ରମୋଦ ରାଉତ୍, ଡାକ୍ତର ଜୟନ୍ତ ପ୍ରଧାନ, ଡାକ୍ତର ହରିଶ ଚନ୍ଦ୍ର ପାଣିଗ୍ରାହୀ, ଡାକ୍ତର ରାଜୀବ ମାଝୀ ପ୍ରମୁଖ ରୋଗୀମାନଙ୍କୁ ଚିକିତ୍ସା କରିଥିଲେ।

ସଂଚାର THE SANCHAR




## ପୁସ୍ତକ ମେଳାକୁ ଭାଗ୍ୟ ସାଥ୍ ଦେଉନି

ରାଜଧାନୀରେ ପୁସ୍ତକମେଳା ଆୟୋଜନ କରୁଥିବା କିଛି ସାହିତ୍ୟିକ ଏକାଠି ହୋଇ ଭାଗ୍ୟକୁ ଦୋଷ ଦେଉଥିଲେ। କିଏ ଭାଗ୍ୟର ବିଶ୍ଲେଷଣ କରୁଥିଲା ତ ଆଉ କିଏ ଜନ୍ମ କାହାଣୀ। ଏକଥା ଶୁଣିବା ପରେ ଆମେ ଟିକେ କୌତୁହଳ ହୋଇ ପଚାରିଲୁ, ଭାଗ୍ୟ କ'ଣ କଲା ? ଦୁଇ ତିନି ଜଣ ସାହିତ୍ୟିକ ଭାଗ୍ୟର



ଦୋଷ ବଖାଣି କହିଲେ ଏବର୍ଷ ଡିସେମ୍ବର ମାସରେ ପୁସ୍ତକମେଳା ହେବା ଆଉ ସମ୍ଭବପର ନୁହେଁ। ପୁସ୍ତକ ମେଳା ପାଇଁ ମନ୍ତ୍ରୀ ରାଜି, ସଚିବ ରାଜି ଥିବାବେଳେ ଭାଗ୍ୟ କିନ୍ତୁ ସାଥ୍ ଦେଉନି। କିଏ ନା କିଏ ଏଥିରେ କେଁ ପୂରାଇ ଦେଉଛି। ପୂର୍ବରୁ ପୁସ୍ତକମେଳା କମିଟି ଏହାର ଆୟୋଜନ କରୁଥିବାବେଳେ ଏଥର କିନ୍ତୁ କିଛି ସରକାରୀ ଅଧିକାରୀ ଏଥିରେ ଷଣ୍ଢ ପୂରାଉଛନ୍ତି। ନିଜେ କୁଆଡେ ବାଉଁଶ ପୋତିବେ ବୋଲି ମନ ସ୍ଥିର କରିଛନ୍ତି। ଏଭଳି ଅଫିସରଙ୍କ ସହିତ ଆଉ କିଛି ଦେବ ତୂଲ୍ୟ ବାବୁ ବି ସାଥ୍ ଦେଉଛନ୍ତି। ଯାହା ଫଳରେ ଏବେ ପୁସ୍ତକ ମେଳାର ଭାଗ୍ୟ ଖରାପ ପଡିଛି। ବିଭାଗୀୟ ସଚିବ ଜଣେ ଉଚ୍ଚକୋଟୀର ସାହିତ୍ୟିକ। ମନ୍ତ୍ରୀଙ୍କ ରକ୍ତରେ ବି ସୃଜନଶୀଳ ସାହିତ୍ୟ ପ୍ରବାହିତ। ଏଭଳି ସ୍ଥିତିରେ ଯଦି ପୁସ୍ତକମେଳା ଟି ହୋଇନପାରିବ ତେବେ ଭାଗ୍ୟ ର ଦୋଷ ନୁହେଁ ତ ଆଉ କାହାର ବୋଲି ସାହିତ୍ୟିକ ଜଣଙ୍କ ଆମକୁ ପ୍ରଶ୍ନକଲେ। ଆମେ କିଛି ନବୁଝିପାରି ପଚାରିଲୁ ଆପଣ କେଉଁ ଭାଗ୍ୟ କଥା କହୁଛନ୍ତି ଆଜ୍ଞା ? ଜଣେ ପୁରୁଖା ସାହିତ୍ୟିକ କହିଲେ ଏତେ କହିଲା ପରେ ବି ଆପଣ ଭାଗ୍ୟକୁ ଚିହ୍ନିପାରିଲେ ନାହିଁ ? ତାହା ଶୁଣିଲା ପରେ ଆମେ ତୁରନ୍ତ ସେ ସ୍ଥାନ ଛାଡି ପଳାଇ ଆସିଲୁ।

## ସରକାରୀ ଉପହାର ପାଇ ଅଫିସର ଖୁସ୍

ଦୀପାବଳୀରେ ଉପହାର ଦିଆଯାଏ। ସାଧାରଣତଃ କର୍ପୋରେଟ ସଂସ୍ଥାମାନେ ବାବୁମାନଙ୍କୁ ଉପହାର ଦେଇଥାନ୍ତି।




ହେଲେ ଚଳିତବର୍ଷ ଗୋଟିଏ ଶତ ପ୍ରତିଶତ ସରକାରୀ ସଂସ୍ଥା ବୁଲି ବୁଲି ଉପହାର ବାଣ୍ଟିଛି। ସଚିବାଳୟର ଶକ୍ତି ବିଭାଗର କିଛି ଉପହାର ପାଇନଥିବା ବାବୁମାନଙ୍କ ଆଲୋଚନାରୁ ଜଣାଯାଇଛି ଯେ ଶକ୍ତି ବିଭାଗ ଅଧିନରେ ଶକ୍ତି ଉତ୍ପାଦନ କରୁଥିବା ଗୋଟିଏ ସଂସ୍ଥା ଏବର୍ଷ ସୁନା, ରୂପା ଠାରୁ ଆରମ୍ଭ କରି ମିଠା ଓ ଗାନ୍ଧୀମୁଣ୍ଡ ପର୍ଯ୍ୟନ୍ତ ପୁଳା ପୁଳା ଉପହାର ବାଣ୍ଟିଛି। ବାବୁଙ୍କ ଚଉକିର ପାୱାର ଦେଖି ଏହି ପାୱାର ସଂସ୍ଥାର ମୁଖ୍ୟ ଉପହାର ଦେଇଛନ୍ତି। ତାହାର ଏକମାତ୍ର କାରଣ ହେଲା ବାବୁ କିଭଳି ସେଠାରେ ଆଉ କିଛିଦିନ ଠିକାରେ ରହିଯିବେ। ଅଳ୍ପଦିନ ତଳେ ବାବୁ କୁଆଡେ ବୁଢା ବୟସରେ ନିୟମକୁ ଆଖିଠାର ମାରି ପୁଣିଥରେ ରହିବାପାଇଁ ପରୀକ୍ଷା ଦେଇଛନ୍ତି। ବିଭାଗରୁ କାଳେ କିଏ ବାବୁଙ୍କ ବାଟ ଓଗାଳିବ ସେଥିପାଇଁ ବାବୁ ଦୀପାବଳୀ ଭେଟି ଦେଇଛନ୍ତି। ତେବେ ଶକ୍ତି ସଂସ୍ଥାର ବାବୁଙ୍କ ଚାକିରି ବଢୁ କି ନବଢୁ ଅଫିସରମାନେ କିନ୍ତୁ ମିଠା ପ୍ୟାକେଟ ସହିତ ଗାନ୍ଧୀଙ୍କୁ ପାଖରେ ପାଇ ବେଶ୍ ଖୁସି। ବାବୁ ବି ମନେ ମନେ ଚାକିରି ସମ୍ପ୍ରସାରଣକୁ ନେଇ ସ୍ୱପ୍ନରେ ମସଗୁଲ୍।




## ବିଡିଓ ତାଲିକା ଦେଖି ବାବୁ ତାଜୁବ

ନିକଟରେ କିଛି ବିଡିଓଙ୍କ ବଦଳି ପାଇଁ ସରକାରୀ ସ୍ତରରେ ସ୍ଥିର ହୋଇଥିଲା। ଏମାନଙ୍କ ସଂଖ୍ୟା ୫୦ରୁ କମ୍। ଯେମିତି ଖବରଟି ବଜାରକୁ ଗଲା ସେମିତି ପଞ୍ଚାୟତିରାଜ ବିଭାଗକୁ ତାଲିକାର ସୁଅ ଛୁଟିଲା। ବିଭାଗର କିଛି ବାବୁ କାମ ଦାମ ଛାଡି ତାଲିକାକୁ ଏକତ୍ର କରିବାକୁ ଲାଗିଲେ। ଦେଖାଗଲା ସାଂସଦ, ମନ୍ତ୍ରୀ, ବିଧାୟକ ଠାରୁ ଆରମ୍ଭକରି ସରକାରରେ ଥିବା ଚେଲା ଚାମୁଣ୍ଡାମାନେ ମାଳ ମାଳ ଚିଠା ପଠାଇଛନ୍ତି। ହିସାବ କରୁ କରୁ ଏହି ସଂଖ୍ୟା ଦେଢ ଶହ ଛୁଇଁଗଲା। ବାବୁମାନେ କାହାକୁ କାଟିବେ କାହାକୁ ରଖିବେ ସେହି ଚିନ୍ତାରେ ପଡି ଉପର ହାକିମଙ୍କ ପାଖକୁ ଗଲେ। ବଡ ହାକିମ ଚିଠା ଦେଖିବା ପରେ ତାଙ୍କ ମୁଣ୍ଡ ଘୂରିଗଲା। ଶେଷରେ ନିଷ୍ପତ୍ତି ହେଲା ଧର୍ମଗୁଳା ପଡିବ। ୨୦ରୁ ଉର୍ଦ୍ଧ୍ୱ ବିଡିଓ ଧର୍ମଗୁଳା ଜରିଆରେ ବଛା ହେଲେ। ଆଉ କିଛିଙ୍କୁ ବିଭିନ୍ନ ଫର୍ମାଟରେ ବଛାଯାଇଛି। ତେବେ ବଡ ହାକିମ କିନ୍ତୁ ଏତେ ଚିଠା ଦେଖିଲା ପରେ ପୂର୍ବର ବ୍ୟବସ୍ଥା ଭଲ ଥିଲା ବୋଲି ମତ ଦେଇଥିଲେ। ହେଲେ କଥାଟିକୁ କାଳେ କିଏ ଶୁଣିଦେବ ତେଣୁ ଅନ୍ୟମାନଙ୍କୁ ଏ ବିଷୟରେ ଚର୍ଚ୍ଚା ନକରିବାପାଇଁ ତାଗିଦା କରିଛନ୍ତି।

## ଦେବୀଙ୍କ ନିଆରା ଜନ୍ମଦିନ



ବିଜେଡିର ବରିଷ୍ଠ ନେତାଙ୍କ ଜନ୍ମଦିନ ସଂକ୍ରାନ୍ତରେ ଏବର୍ଷ ରାଜ୍ୟବାସୀ ଜାଣିଲେ। ଦୀପାବଳି ପରଦିନ ଶଙ୍ଖଭବନରେ ବାବୁଙ୍କର ଜନ୍ମଦିନପାଳନ ହେଲା। ବିଜେଡି ମଧ୍ୟ ସଚିତ୍ର ଖବର ବଜାରକୁ ଛାଡିଲା। କୌଣସି ରାଜନୈତିକ ପାର୍ଟି ଅଫିସରେ ଜନ୍ମଦିନ ପାଳନ ହେବା ଅତ୍ୟନ୍ତ ନିଆରା। ଶଙ୍ଖଭବନରେ ପୂର୍ବରୁ ଏଭଳି ଦୃଶ୍ୟ କେବେ ବି ଦେଖିବାକୁ ମିଳିନଥିଲା। ତେବେ ଦେବୀ ମିଶ୍ରଙ୍କ ଭଳି ବରିଷ୍ଠ ନେତାଙ୍କ ଜନ୍ମଦିନ ପାର୍ଟି ଅଫିସରେ ପାଳନ କରାଯିବାକୁ ତାଙ୍କ ନିନ୍ଦୁକମାନେ ମଧ୍ୟ ପ୍ରଶଂସା କରୁଛନ୍ତି। ଏହାର ଆୟୋଜକ କୁଆଡେ ଥିଲେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ। ଅନ୍ୟମାନେ ବେଶ୍ ସହଯୋଗ କରିଥିଲେ। ଚଳିତ ନିର୍ବାଚନ ପରେ ମୁହଁ ଶୁଖିଲା ଦିଶୁଥିବା ଅନେକ ବିଜେଡି ନେତା କିନ୍ତୁ ଦେବୀଙ୍କ ଜନ୍ମଦିନ କେକ୍ କାଟିବା ସମୟରେ ବେଶ୍ ଖୁସିଥିଲେ। ଦେବୀ ବାବୁ ବି ମନଖୋଲି ହସିଥିଲେ। ତେବେ କିଛି ବିଜେଡି କର୍ମୀଙ୍କ କହିବାକଥା ଯେ ଏଭଳି ଏକ ନିଆରା ଦୃଶ୍ୟର ଫ୍ରେମରେ ନବୀନ ଥିଲେ ତାହା ଖୁସିକୁ ବହୁଗୁଣିତ କରିଥାନ୍ତା। ଏବର୍ଷ ନହେଲା ନାହିଁ ଆରବର୍ଷକୁ ଏଭଳି ଦୃଶ୍ୟକୁ ଆମ ସହିତ ଅନେକ ଅପେକ୍ଷା କରି ରହିଛନ୍ତି।

## ଠକି ଦେଲା ବିଜ୍ଞାପନ କମ୍ପାନୀ

ରାଜଧାନୀର ଗୋଟିଏ ବଡ ବିଜ୍ଞାପନ କମ୍ପାନୀ କିଛି ସରକାରୀ ବାବୁଙ୍କୁ ଠକି ଦେଇଛି। ବାବୁମାନେ ଆଖିବୁଜି ଏ ସଂସ୍ଥାକୁ କାମ ଦେଇଥିଲେ। କୋଟି କୋଟି ଟଙ୍କାର କାମ ବଦଳରେ ଉକ୍ତ ସଂସ୍ଥା କେତେ ଅର୍ଥ ଦେବ ତାହା ବି ଛିଡିଥିଲା। ହକି ଖେଳ ଠାରୁ ଆରମ୍ଭକରି ବିଏମ୍ସି ପର୍ଯ୍ୟନ୍ତ ସମୁ କାମ ସଂସ୍ଥା ହାତେଇ ନେଇଥିଲା। ହେଲେ କାମ ସରିଲା ପରେ ସଂସ୍ଥା ଆଉ ଧରାଛୁଆଁ ଦେଲାନି। ସରକାର ବଦଳି ଯାଇଥିବାରୁ ବାବୁମାନେ କି କିଛି କରିପାରୁ ନାହାନ୍ତି। ତେବେ ଉକ୍ତ ସଂସ୍ଥା ଦେହରେ ସବୁଜ ଷ୍ଟାମ୍ପ ବାଜିଥିବାରୁ କାଳେ ଆଗକୁ କିଛି କାମ ନମିଳିବ ସେଥିପାଇଁ ଏବେ ବାବୁଙ୍କ ଫୋନ୍ ବି ସଂସ୍ଥାର ମୁଖିଆ ଧରୁ ନାହାନ୍ତି। କାମ ପାଇବାପାଇଁ ସଂସ୍ଥାର ମୁଖିଆ ଏବେ ଗେରୁଆ ଶିବିର ମୁହାଁ ହୋଇଥିବାବେଳେ ସେଠାରେ କିଭଳି ତାଙ୍କ ଠକାମୀ ଖବର ପହଞ୍ଚିବ ସେଥିପାଇଁ ଧୋକ୍କା ଖାଇଥିବା ବାବୁମାନେ ଲାଗି ପଡିଛନ୍ତି। ତେବେ ସଂସ୍ଥାର ଗେରୁଆକରଣ ପାଇଁ ଜଣେ ସବୁଜ ଦଳର ଜଣେ ପୂର୍ବତନ ବିଧାୟକ ଲବି କରୁଛନ୍ତି। ଦେଖାଯାଉ ବିଜ୍ଞାପନ ସଂସ୍ଥା କେବେ ସବୁଜରୁ ଗେରୁଆ ପାଲଟୁଛି ଓ ପୂର୍ବଭଳି ଆଖିବୁଜା କାମ ପାଉଛି।




# ବର୍ଷବ୍ୟାପୀ ପାଳନ ହେବ ମହତାବଙ୍କ ଜନ୍ମବାର୍ଷିକୀ

- ପ୍ରଭାବଶାଳୀ ଢଙ୍ଗରେ ଜୟନ୍ତୀ ପାଳନ ହେବ :ମୁଖ୍ୟମନ୍ତ୍ରୀ
- ଓଡ଼ିଆ ଜାତୀୟତାବାଦର ପ୍ରସାର କରିବାକୁ ଧର୍ମେନ୍ଦ୍ରଙ୍କ ପରାମର୍ଶ

**ଭୁବନେଶ୍ୱର,୩।୧୧ (ସଂଚାର ବ୍ୟୁରୋ):** ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ତଥା ଜନନାୟକ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ଏକ ବର୍ଷ ପର୍ଯ୍ୟନ୍ତ ପାଳନ କରାଯିବ। ଡକ୍ଟର ମହତାବଙ୍କ ଜୟନ୍ତୀ ଅବସରରେ ନଭେମ୍ବର ୨୧ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଭୁବନେଶ୍ୱରରେ ସମାରୋହ ଅନୁଷ୍ଠିତ ହେବା ସହିତ ଆସନ୍ତା ଏକବର୍ଷ ପର୍ଯ୍ୟନ୍ତ ମହତାବଙ୍କ ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ।

ଡ. ମହତାବଙ୍କ ଉପରେ ଏକ ବାୟୋପିକ୍ ନିର୍ମାଣ କରାଯାଇ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ଗୁଡିକରେ ପ୍ରଦର୍ଶିତ କରିବା ପାଇଁ ମଧ୍ୟ ପ୍ରସ୍ତାବ ରହିଛି। ରାଜ୍ୟ ଅତିଥି ଭବନରେ ରବିବାର ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଡକ୍ଟର ମହତାବଙ୍କ ଜୟନ୍ତୀ ପାଳନ ପାଇଁ ଗଠିତ ଶୀର୍ଷ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜଣାଯାଇଛି ଯେ ଡ. ମହତାବଙ୍କ ଜନ୍ମସ୍ଥାନ ଭଦ୍ରକ ଜିଲ୍ଲାର ଅଗରପଡ଼ା ଠାରେ ଏକ ସ୍ମୃତି ସଂଗ୍ରହାଳୟ ପ୍ରତିଷ୍ଠା, ପ୍ରତିମୂର୍ତ୍ତି ସ୍ଥାପନ ଏବଂ ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ କରାଯିବ। ଭୁବନେଶ୍ୱରରେ ନଭେମ୍ବର ୨୩, ୨୪ ଏବଂ ୨୫ ତାରିଖରେ ଡକ୍ଟର ମହତାବଙ୍କର କୃତି ସମ୍ପର୍କିତ ଜାତୀୟ ଆଲୋଚନାଚକ୍ର



ଅନୁଷ୍ଠିତ ହେବ। ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ, ଡ.ମହତାବ ଜଣେ ଜାତୀୟତା ବାଦୀ ନେତା ଥିଲେ। ତେଣୁ ଦଳମତ ନିର୍ବିଶେଷରେ ତାଙ୍କର ଜୟନ୍ତୀକୁ ଅତ୍ୟନ୍ତ ସୁନ୍ଦର ଓ ପ୍ରଭାବଶାଳୀ ଭାବରେ ଏକ ବର୍ଷ ବ୍ୟାପୀ ପାଳନ କରାଯିବ। ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ୧୦୦ ବର୍ଷ ପୂରଣ କରିବ। ତେଣୁ, ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସର୍ବଶ୍ରେଷ୍ଠ ଅବଦାନ ରଖିଥିବା ବରପୁତ୍ରମାନଙ୍କ ମଧ୍ୟରେ ଡଃ ମହତାବଙ୍କ ନାମ ମଧ୍ୟ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବା ଆବଶ୍ୟକ।

ଡ. ମହତାବଙ୍କ ଅନେକ ପୁସ୍ତକକୁ ହିନ୍ଦୀ, ଇଂରାଜୀ ସହିତ ଅନ୍ୟାନ୍ୟ ପ୍ରାନ୍ତୀୟ ଭାଷାରେ ମଧ୍ୟ ପୁନଃ ପ୍ରକାଶିତ କରାଯିବ। ଏହା ସହିତ ଡଃ ମହତାବଙ୍କ ଅବଦାନ ସମ୍ପର୍କରେ ବହୁ ସଂସ୍କରଣ ବିଶିଷ୍ଟ ପୁସ୍ତକ ମଧ୍ୟ ପ୍ରକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ ଯେ ଡ. ମହତାବ ଓଡ଼ିଆ ଲୋକମାନଙ୍କର ସାମୁହିକ ଅଭିବ୍ୟକ୍ତି ଥିଲେ। ଯେହେତୁ ୨୦୩୬ରେ ଓଡ଼ିଶା ୧୦୦ ବର୍ଷ ପୂରଣ କରିବାକୁ ଯାଉଛି, ତେଣୁ ଆଗାମୀ ଦଶ ବର୍ଷ ପାଇଁ 'ଓଡ଼ିଆ ଜାତୀୟତାବାଦ'ର ପ୍ରସାର କରିବା ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଡ. ମହତାବଙ୍କ ପରି ଜଣେ ଜାତୀୟତାବାଦୀ ନେତାଙ୍କ ଜୀବନୀକୁ ଆଧାର କରି ଓଡିଆ ଜାତୀୟତାବାଦର ତତ୍ତ୍ୱ ଉପରେ ଆଲୋଚନା ପର୍ଯ୍ୟାଲୋଚନା ହେବାର ଆବଶ୍ୟକତା ରହିଛି। ଉତ୍କଳ ବିଶ୍ୱ ବିଦ୍ୟାଳୟରେ 'ମହତାବ ସେଣ୍ଟର' ପ୍ରତିଷ୍ଠା କରିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ।

କଟକ ସାଂସଦ ଭର୍ତ୍ତୃହରି ମହତାବ କହିଥିଲେ ଯେ ଡ. ମହତାବ ସଂଗ୍ରାମୀ, ପ୍ରଶାସକ, ସମାଜ ସଂସ୍କାରକ ଏବଂ ଓଡିଆ ଏକତା ଭାବ ସୃଷ୍ଟି କରିବା ପାଇଁ ଉଦ୍ୟମ କରିଥିଲେ। ହଦଗଡ ଓ ଭୁବନେଶ୍ୱରରେ ତାଙ୍କର ସ୍ମାରକୀ ପ୍ରତିଷ୍ଠା କରିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। ବୈଠକରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, କ୍ରୀଡା ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପ୍ରମୁଖ ଉପସ୍ଥିତ ଥିଲେ।

- ଅଟୋକୁ ପିଟିଲା ଟ୍ରକ

## ହବିଷ୍ୟାଳି ମୃତ: ୪ ଗୁରୁତର

**ଖୋର୍ଦ୍ଧା,୩।୧୧(ସଂଚାର ବ୍ୟୁରୋ):** ପୁରୀ ଯାଇ ଜଗନ୍ନାଥ ଦର୍ଶନ ନିମନ୍ତେ ଘରୁ ବାହାରିଥିଲେ ହବିଷ୍ୟାଳି। ହେଲେ ଅଧ ବାଟରେ ସେମାନଙ୍କ ଅଟୋକୁ ଏକ ଟ୍ରକ୍ ପଛପଟୁ ଧକ୍କା ଦେବାରୁ ଜଣେ ହବିଷ୍ୟାଳିଙ୍କର ମୃତ୍ୟୁ ଘଟିଛି ଓ ଚାଳକଙ୍କ ସମେତ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ପୁରୀ ଜିଲ୍ଲା ଏନ୍ଏଚ୍-୧୬ ଟାଙ୍ଗୀ ଚଣ୍ଡେଶ୍ୱର ନିକଟରେ ଏହି ଦୁର୍ଘଟଣା ଘଟିଛି। ସମସ୍ତ ଆହତଙ୍କୁ ଟାଙ୍ଗୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ ହବିଷ୍ୟାଳି ହେଲେ ସୁଷମା ସାମନ୍ତରାୟ(୬୦)। ଗୁରୁତର ଅଟୋ ଚାଳକ ମିଟୁ ସେନ(୩୦)। ଅନ୍ୟ ଗୁରୁତରମାନେ ହେଲେ ଶଶୀ ଗୁମାନ ସିଂ(୭୨),ଆଶାମଣି ସାମନ୍ତରାୟ(୬୫) ଏବଂ ସଜନୀ ସାମନ୍ତରାୟ(୬୮)। ରବିବାର ସକାଳେ କୟଥପଲା ଗାଁର ୭ ହବିଷ୍ୟାଳି ଏକ ଅଟୋରେ ପୁରୀ ଯାଉଥିଲେ। ଟାଙ୍ଗୀ ଚଣ୍ଡେଶ୍ୱର ନିକଟରେ ଅଟୋକୁ ପଛରୁ ଟ୍ରକ ଧକ୍କା ଦେଇଥିଲା। ସମସ୍ତଙ୍କୁ ଟାଙ୍ଗୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଗାଡ଼ି ନେଇ ଚମ୍ପଟ ମାରିଛି। ଟାଙ୍ଗୀ ପୁଲିସ ଘଟଣାର ତଦନ୍ତ କରୁଛି।

# ମହାନଦୀ ନେଇ ନୂଆ ଆଶା



- କାମରେ ଦେଖାଅ: କଳିକେଶ
- ରାଜ୍ୟ ସରକାର ପାରିବେନି: ନରସିଂହ

**ଭୁବନେଶ୍ୱର,୩।୧୧ (ସଂଚାର ବ୍ୟୁରୋ):** ମହାନଦୀ ବିବାଦ ସମ୍ପର୍କରେ ଆଲୋଚନା ଜାରି ରହିଛି । ରାଜ୍ୟ ସରକାର ଘଟଣାକୁ ଗୁରୁତ୍ୱ ସହ ନେଇଛନ୍ତି ବୋଲି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମହାନଦୀ ଜଳ ବିବାଦ ପ୍ରସଙ୍ଗକୁ ନେଇ ଗଣମାଧ୍ୟମ ପଚାରିଥିବା ପ୍ରଶ୍ନରେ ଜବାବ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାନଦୀ ଜଳ ବିବାଦ ପ୍ରସଙ୍ଗକୁ ଗୁରୁତ୍ୱ ସହ ନେଇଛନ୍ତି ସରକାର। ଏହାରି ଭିତରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇ ଥର ଆଲୋଚନା ହୋଇଛି । ଆଗାମୀ ଦିନରେ ମହାନଦୀ ଉପରେ ପ୍ରସ୍ତାବିତ ପ୍ରକଳ୍ପ ତ୍ୱରାନ୍ୱିତ ପାଇଁ ବିଚାର ଚାଲିଛି ବୋଲି ସେ କହିଛନ୍ତି। ମହାନଦୀରେ ଛତିଶଗଡ଼ ପଟେ ଏକାଧିକ ନିର୍ମାଣ ହୋଇଛି। ଛତିଶଗଡ଼ର ମନମୁଖି ବ୍ୟବହାର ପାଇଁ ମହାନଦୀରେ ଖରା ଦିନେ ପାଣି ସମସ୍ୟା ଓ ବର୍ଷା ଦିନେ ତଳ ମୁଣ୍ଡ ଅର୍ଥାତ ଓଡ଼ିଶାରେ ବନ୍ୟା ସମସ୍ୟା ଦେଇଥାଏ। ପୂର୍ବ ସରକାରରେ ଏହାକୁ ନେଇ ବେଶ୍ ରାଜନୀତି ତେଜିଥିଲା। ଏବେ ଓଡ଼ିଶାରେ ଏବଂ ଛତିଶଗଡ଼ରେ ବିଜେପି ସରକାର ଥିବାରୁ ବିବାଦ ସମାଧାନ ନେଇ ନୂଆ ଆଶା ସଞ୍ଚାର ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ପରେ ବିଜେଡି ଓ କଂଗ୍ରେସ କେନ୍ଦ୍ର ସରକାର ଆଡ଼କୁ ବଲ୍ ଫିଙ୍ଗିଛନ୍ତି । କଥା ନୁହେଁ, କାମ ଦରକାର କହିଛନ୍ତି ବିଜେଡି ବିଧାୟକ କଳିକେଶ ନାରାୟଣ ସିଂହଦେଓ। ସେ କହିଛନ୍ତି, ଆଉ ରାଜ୍ୟ ସରକାରଙ୍କ ହାତରେ କିଛି ନାହିଁ। ଯାହା ଅଛି ଟ୍ରିବ୍ୟୁନାଲ ହାତରେ। ସେତେବେଳେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଓଡ଼ିଶାର ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ। ତେଣୁ କେନ୍ଦ୍ର ସରକାର ହସ୍ତକ୍ଷେପ କରି ପଦକ୍ଷେପ ନିଅନ୍ତୁ ବୋଲି କହିଛନ୍ତି କଳିକେଶ। ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କହିଛନ୍ତି, ଏହା କେବଳ ରାଜନୈତିକ ଧୂଆଁବାଣ, ରାଜ୍ୟ ସରକାର ସମସ୍ୟାର ସମାଧାନ କରିପାରିବେନି।

# ହାଟରେ ଭୟାବହ ଅଗ୍ନିକାଣ୍ଡ



- ଅନୁଗୁଳରେ ୩୦ ପିଣ୍ଡି ଭସ୍ମ
- ଜଳିଗଲା ଡେଲାଙ୍ଗ ହାଟ

**ଅନୁଗୁଳ/ଡେଲାଙ୍ଗ, ୩।୧୧ (ସଂଚାର ବ୍ୟୁରୋ):** ଦୁଇଦିନ ପୂର୍ବେ ରାଜଧାନୀର ଏକନମ୍ବର ହାଟ ଭୂତଳ ମାର୍କେଟରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଲକ୍ଷାଧିକ ଟଙ୍କାର ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ଭସ୍ମୀଭୂତ ହୋଇଯାଇଥିଲା। ଏହି ଅଘଟଣ ମନରୁ ନ ଯାଉଣୁ ଅନୁଗୁଳ ଓ ପୁରୀ ଜିଲ୍ଲା ଡେଲାଙ୍ଗରେ ଭୟାବହ ଅଗ୍ନିକାଣ୍ଡ ଘଟି ବହୁ କ୍ଷୟକ୍ଷତି ଘଟିଛି। ରବିବାର ଅନୁଗୁଳ ପୌରପାଳିକାର ଡେଲି ମାର୍କେଟରେ ପ୍ରାୟ ୩୦ ପିଣ୍ଡି ଜଳିଯାଇଥିବା ବେଳେ ଶନିବାର ବିଳମ୍ବିତ ରାତିରେ ଡେଲାଙ୍ଗ ପରିବା ହାଟ ଭସ୍ମ ହୋଇଯାଇଛି। ରବିବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଅନୁଗୁଳ ଡେଲି ମାର୍କେଟରେ ଜୋରସୋରରେ ବେପାର ଚାଲିଥିବା ବେଳେ ନିଆଁ ଲାଗିଥିଲା। ଭୟରେ ବ୍ୟବସାୟୀ ଓ ଗ୍ରାହକ ଏଣେ ତେଣେ ଦୌଡିଥିଲେ। ସ୍ଥାନୀୟଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ତେବେ ଡେଲି ମାର୍କେଟକୁ ବଡ଼ ରାସ୍ତା ନ ଥିବାରୁ ଘଟଣାସ୍ଥଳରେ ସାମାନ୍ୟ ବିଳମ୍ବରେ ପହଞ୍ଚିଥିଲା ଅଗ୍ନିଶମ ବାହିନୀ ଟିମ୍। ପ୍ରାୟ ୩ ଟିମ୍ ଦୀର୍ଘ ସମୟ ପରେ ନିଆଁକୁ ଆୟତ୍ତ କରିଛନ୍ତି। ମାତ୍ର ୧୫ ମିନିଟରେ ପାଖାପାଖି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ପରିବା ଏବଂ ଅନ୍ୟାନ୍ୟ ଜିନିଷ ଜଳି ଯାଇଛି। ଏହି ଅଘଟଣ ପରେ କେମିତି ଗୁଜୁରାଣ ମେଣ୍ଟାଇବେ, ସେହି ଚିନ୍ତାରେ ଅଛନ୍ତି ବ୍ୟବସାୟୀ। ସର୍ଟ ସର୍କିଟ କିମ୍ବା ଅସାବଧାନତାରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ପୁରୀ ଜିଲ୍ଲା ଡେଲାଙ୍ଗ ପରିବା ହାଟରେ ହଜାର ହଜାର ଟଙ୍କାର ବସ୍ତା ବସ୍ତା ଆଳୁ, ବାଇଗଣ, ସାରୁ, କଲରା, ଭେଣ୍ଡି, ପିଆଜ ଓ ରସୁଣ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଗତ ରାତିରେ ବ୍ୟବସାୟୀମାନେ ବିକ୍ରିବଟା ସାରି ପରିବା ରଖି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ହାଟରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। କେହି ଦୁର୍ବୃତ୍ତ ପରିବା ହାଟରେ ନିଆଁ ଲଗାଇ ଦେଇଥିବା ଆଶଙ୍କା କରାଯାଉଛି। ଏହି ଘଟଣାରେ ଡେଲାଙ୍ଗ ପୁଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପକ୍ଷରେ ମାର୍କେଟ ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ଲଗାତାର ଅଗ୍ନିକାଣ୍ଡ ଘଟୁଛି। ହେଲେ ସାଧାରଣରେ ସତର୍କତା ଅବଲମ୍ବନ କରାଯାଉନି କିମ୍ବା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ଉପରେ ଯଥେଷ୍ଟ ଧ୍ୟାନ ଦେଉନାହାନ୍ତି। କେବଳ ନିଆଁ ଲାଗିବା ବେଳେ ଯାଞ୍ଚ ପାଇଁ ତତ୍ପରତା ପ୍ରକାଶ ପାଉଛି। କିନ୍ତୁ କିଛିଦିନ ପରେ ଯଥାପୂର୍ବଂ ତଥା ପରମ୍। ଯଦି ଅଗ୍ନି ନିରାପତ୍ତା ନିୟମକୁ କଡ଼ାକଡ଼ି କରାଯାଆନ୍ତା ତେବେ ବହୁ ଧନଜୀବନ ରକ୍ଷା ପାଇଯାଆନ୍ତା।

## ହାତୀ ମୃତ୍ୟୁର ହେବ ତଦନ୍ତ

**ଭୁବନେଶ୍ୱର,୩।୧୧ (ସଂଚାର ବ୍ୟୁରୋ):** ୫୦ ହାତୀ ମୃତ୍ୟୁର ହେବ ତଦନ୍ତ। ଏନେଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ। ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ୨୦୨୪ ଆରମ୍ଭରୁ ରାଜ୍ୟରେ କେତେ ହାତୀଙ୍କ ମୃତ୍ୟୁ ଘଟିଛି ତଦନ୍ତ ହେବ ବୋଲି ମନ୍ତ୍ରୀ କହିଛନ୍ତି। ୨୦୨୪ ଆରମ୍ଭରୁ ଏପର୍ଯ୍ୟନ୍ତ ଘଟିଥିବା ଅସ୍ୱାଭାବିକ ହାତୀମୃତ୍ୟୁର ତଦନ୍ତକରି ଦୋଷୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନ୍ତ୍ରୀ



ନିର୍ଦ୍ଦେଶ ଦେଇଛନ୍ତି। ଗଜସାଥୀ ମୁତୟନ, ରାପିଡ ଆକ୍ସନ ଟିମ୍, ବ୍ୟବସ୍ଥା ଆଦି ପଦକ୍ଷେପ ଗ୍ରହଣ କରାଯାଇଛି। ଦୋଷୀ ବ୍ୟକ୍ତିବିଶେଷ ଓ ଅବହେଳା କରିଥିବା ବନ ବିଭାଗ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେ ବାବଦରେ ଜଙ୍ଗଲ ମନ୍ତ୍ରୀଙ୍କୁ ଏକମାସ ମଧ୍ୟରେ ଜଣାଇବା ପାଇଁ ବିଭିଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଋଣ ପରିଶୋଧ: ଏକ ବଡ଼ ଆହ୍ୱାନ




**ଭୁବନେଶ୍ୱର, ୩।୧୧:** ଓଡ଼ିଶାର ବଜେଟ୍ ପରିମାଣ ବର୍ଷକୁ ବର୍ଷ ବୃଦ୍ଧି ପାଇବା ସହ ଋଣ ପରିମାଣ ବି ବଢ଼ି ବଢ଼ି ଚାଲିଛି। ରାଜ୍ୟ ଆୟର ଏକ ପ୍ରମୁଖ ଅଂଶ ଋଣ ହୋଇଥିବାବେଳେ ବ୍ୟୟ କ୍ଷେତ୍ରରେ ବି ଋଣ ପରିଶୋଧ ଏକ ପ୍ରମୁଖ ଆହ୍ୱାନ ହୋଇଥିବା ଅର୍ଥନୀତି ବିଶାରଦମାନେ କହୁଛନ୍ତି। ଶିଳ୍ପାୟନ ଓ ବାହ୍ୟ ପୁଞ୍ଜିଲଗାଣ ବଢ଼ୁଥିବାବେଳେ ବେକାରୀ ଓ ବେରୋଜଗାରୀ ଓଡ଼ିଶା ପାଇଁ ପ୍ରମୁଖ ଆହ୍ୱାନ ଭାବେ ଉଭା ହୋଇଥିବା ପରିସ୍ଥିତିରେ କୃଷି ଏବଂ କୁଟୀରଶିଳ୍ପ ମାଧ୍ୟମରେ ଏହି ସମସ୍ୟାର ବହୁ ପରିମାଣରେ ସମାଧାନ କରାଯାଇ ପାରିବ ବୋଲି ଅର୍ଥନୀତି ବିଶ୍ଳେଷକମାନେ ଆଶା ରଖିଛନ୍ତି।

ଏବର୍ଷର ରାଜ୍ୟର ବଜେଟ୍ ପ୍ରାୟ ୨ଲକ୍ଷ ୬୫ହଜାର କୋଟି ଟଙ୍କା ଥିବାବେଳେ ଅତିରିକ୍ତ ବଜେଟ୍ ଆସିବାପରେ ଏହାର ପରିମାଣ ୩ଲକ୍ଷ କୋଟି ଟଙ୍କା ଆଡକୁ ମୁହାଁଇପାରେ। ତେବେ ବର୍ତ୍ତମାନ ସୁଦ୍ଧା ହୋଇଥିବା ବଜେଟ୍ ବ୍ୟବସ୍ଥା ଅନୁଯାୟୀ ୨ଲକ୍ଷ ୬୫ହଜାର କୋଟି ଟଙ୍କାର ବଜେଟ୍‌ରୁ ଋଣ ଉପରେ ପ୍ରାୟ ୫୪ହଜାର କୋଟି ଟଙ୍କାକୁ ସାହାରା କରି ସରକାରୀକଳ ଚାଲୁଛି।

ଓଡ଼ିଶାର ନିଜସ୍ୱ ଟିକସ ଆୟ ୬୦ହଜାର କୋଟି ଟଙ୍କାରେ ସୀମିତ ରହୁଥିବାବେଳେ ନିଜସ୍ୱ ଅଣଟିକସ ଆୟ ୫୮ ହଜାର କୋଟି ଟଙ୍କା ଏବଂ କେନ୍ଦ୍ରରୁ ଟିକସ ଭାଗ ବାବଦରେ ଏବର୍ଷ ଓଡ଼ିଶା ୫୫, ୨୩୧ କୋଟି ୭୬ଲକ୍ଷ ଟଙ୍କା ପାଇବାର ଅଛି। ଏହାଛଡା ୩୭, ୭୬୮ କୋଟି ୨୪ଲକ୍ଷ ଟଙ୍କାର କେନ୍ଦ୍ରୀୟ ଅନୁଦାନ ମଧ୍ୟ ରାଜ୍ୟ ପାଇବ ବୋଲି ଆଶା ଅଛି। ଏସବୁ ମିଶାଇଲେ ରାଜ୍ୟର ଆୟ ପରିମାଣ କେନ୍ଦ୍ରୀୟ ସହଯୋଗକୁ ମିଶାଇ ୨ଲକ୍ଷ ୧୧ହଜାର କୋଟି ଟଙ୍କା ହେବ। ଅବଶିଷ୍ଟ ୫୪ହଜାର କୋଟି ଟଙ୍କା ପାଇଁ ଋଣ ଉପରେ ନିର୍ଭର କରିବାକୁ ରାଜ୍ୟ ଏକପ୍ରକାର ବାଧ୍ୟ।

ଓଡ଼ିଶା ସରକାରଙ୍କ ମୋଟ୍ ଆୟରୁ ପାଖାପାଖି ୧ଲକ୍ଷ ୬୬ହଜାର କୋଟି ଟଙ୍କା ବେତନ, ପେନସନ୍ ଓ ଅନ୍ୟାନ୍ୟ ରାଜସ୍ୱ ବ୍ୟୟରେ ଖର୍ଚ୍ଚ ହେବାପରେ ପୁଞ୍ଜି ବ୍ୟୟ ପାଇଁ ୬୦ହଜାର କୋଟି ଟଙ୍କାରୁ କମ୍ ବ୍ୟବସ୍ଥା ରହିଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ରାଜ୍ୟ ସରକାରଙ୍କ ଋଣ ବାବଦରେ ପ୍ରାୟ ୨୮ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇପାରେ। ବର୍ଷକୁ ବର୍ଷ ରାଜ୍ୟ ସରକାର ଋଣ ବୋଝ ବଢ଼ାଇବାରେ ଲାଗିଛନ୍ତି। ଚଳିତ ଆର୍ଥିକବର୍ଷ ଶେଷ ବେଳକୁ ଓଡ଼ିଶାର ଋଣବୋଝ ପରିମାଣ ୧ଲକ୍ଷ କୋଟି ଟଙ୍କାରୁ ଅଧିକ ହେବାକୁ ଯାଉଛି।

ଏଭଳି ଆର୍ଥିକ ସଙ୍କଟ ଭିତରେ ରାଜ୍ୟ ଗତି କରୁଥିବାବେଳେ ବିଭିନ୍ନ ବର୍ଗର ୩୦ପ୍ରତିଶତରୁ ଅଧିକ ମଞ୍ଜୁରୀପ୍ରାପ୍ତ ସରକାରୀ ଚାକିରି ଖାଲି ପଡ଼ିଛି। ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ମେଡିକାଲ କଲେଜ ପର୍ଯ୍ୟନ୍ତ ମାଳ ମାଳ ସରକାରୀ ପଦବୀ ଖାଲି ରହୁଛି। କେଉଁ ବର୍ଷ କେତେ ସରକାରୀ ପଦବୀ ଅବସର କାରଣରୁ ଖାଲ ହେବ ତାହାର ହିସାବ ସରକାରଙ୍କ ପାଖରେ ଉପଲବ୍ଧ ଥିଲେ ବି ଯେଉଁବର୍ଷ ଯେତେ ପଦବୀ ଖାଲି ହେଉଛି ସେ ବର୍ଷ ସେତେ ପଦବୀ ପୂରଣ ନକରି ସେଗୁଡିକୁ ବର୍ଷ ବର୍ଷ ଧରି ଖାଲି ରଖାଯାଉଛି। ଅନ୍ୟ ପକ୍ଷରେ କମ୍ପ୍ୟୁଟରୀକରଣ ଯୋଗୁଁ ସରକାରୀ କଳରେ ଏବଂ ଶିଳ୍ପାନୁଷ୍ଠାନରେ ମାନବସମ୍ବଳର ବିନିଯୋଗ ହାର କମିବାରେ ଲାଗିଛି। ଅର୍ଥନୀତି ବିଶାରଦମାନେ କହୁଛନ୍ତି ଯେ ଶିଳ୍ପାୟନ ନାମରେ ବଡ ବଡ କଳ କାରଖାନା ପ୍ରତିଷ୍ଠା ଲାଗି ଖଣିଖାଦାନ ଏବଂ ଜଳସମ୍ପଦକୁ ଆଖିବୁଜା ଟେକିଦେବା ସହ ମୃତ୍ତିକା ଓ ବାୟୁ ପ୍ରଦୂଷଣ ମାତ୍ରା ଯେଭଳି ବଢ଼ୁଛି ତାହା ରାଜ୍ୟର ବର୍ତ୍ତମାନଓ ଭବିଷ୍ୟତ ପାଇଁ ବଡ ସମସ୍ୟା ସୃଷ୍ଟି କରିବ। ବ୍ୟାପକ କର୍ମନିଯୁକ୍ତି ପାଇଁ କୃଷି, ଗ୍ରାମ୍ୟଶିଳ୍ପ ଏବଂ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉପରେ ଧ୍ୟାନ ଦିଆଗଲେ ଗ୍ରାମ୍ୟ ଅର୍ଥନୀତି ସୁଦୃଢ ହୋଇ ରାଜ୍ୟ ରାଜକୋଷ ସମୃଦ୍ଧ ହୋଇପାରିବ ବୋଲି ଅର୍ଥନୀତିଜ୍ଞ ମାନଙ୍କ ମତ। (ତଥ୍ୟ)

## ଭାରତ-ଇଂଲଣ୍ଡ ଦିନିକିଆ ଟିକେଟ୍ ମୂଲ୍ୟ ଧାର୍ଯ୍ୟ

**କଟକ, ୩।୧୧(ସଂଚାର ବ୍ୟୁରୋ):** ବାରବାଟୀ ଷ୍ଟାଡିୟମରେ ୨୦୨୫ ଫେବ୍ରୁଆରୀ ୯ ତାରିଖରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବ ଦିନିକିଆ ମ୍ୟାଚ। ଏହି ଦିନିକିଆ ମ୍ୟାଚ୍ ପାଇଁ ଟିକେଟ ମୂଲ୍ୟ ଧାର୍ଯ୍ୟ ହୋଇଛି । ଏଥିପାଇଁ ସ୍ୱତନ୍ତ୍ର ଭାବରେ ରବିବାର ଓଡ଼ିଶା କ୍ରିକେଟ ସଂଘର ବୈଠକ ବସିଥିଲା । ସ୍ପେଶାଲ ଏନକ୍ଲୋଜର ଟିକେଟ ମୂଲ୍ୟ ୭୦୦ ଟଙ୍କା, ୧, ୩, ୬ ନମ୍ବର ଗ୍ୟାଲେରି ପାଇଁ ଟିକେଟ ମୂଲ୍ୟ ୧୨୦୦ ଟଙ୍କା ରହିଛି। ୨ ଓ ୪ ନମ୍ବର ଗ୍ୟାଲେରି ଟିକେଟ୍ ମୂଲ୍ୟ ୧୦୦୦ ଟଙ୍କା, କର୍ପୋରେଟ ବକ୍ସ ଟିକେଟ ମୂଲ୍ୟ ୨୦୦୦୦ ଟଙ୍କା ଓ ଏସି ବକ୍ସ ଟିକେଟ ମୂଲ୍ୟ ୧୦୦୦୦ ଟଙ୍କା ରହିଛି। ବାରବାଟୀରେ ମୋଟ ୪୪ ହଜାର ୫୨୪ ଜଣ ଦର୍ଶକ ମ୍ୟାଚ ଦେଖିବେ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

# ଭୁବନେଶ୍ୱର ଓ ବ୍ରହ୍ମପୁରରେ 'ବୟନିକା'ର ମେଗା ସୋ'ରୁମ୍

## ହସ୍ତତନ୍ତ ଶାଢ଼ି, କପଡ଼ା ଓ ଆକର୍ଷଣୀୟ ପୋଷାକ କିଣିବାକୁ ଲୋକଙ୍କ ଭିତରେ ଉତ୍ସାହ




- ଓଡ଼ିଶା ହସ୍ତତନ୍ତ ଉତ୍ପାଦର ବିଶେଷ ଚାହିଦା
- ୨ କୋଟିରୁ ଅଧିକ ଟଙ୍କାର କାରବାର

**ଭୁବନେଶ୍ୱର,୩।୧୧(ସଂଚାର ବ୍ୟୁରୋ):** ଓଡ଼ିଶାର ଅନନ୍ୟ ହସ୍ତତନ୍ତ ଶାଢ଼ି, କପଡ଼ା ଓ ପୋଷାକର ବିଶେଷ ଚାହିଦା ରହିଛି। ଏହାକୁ ଅଧିକ ଲୋକପ୍ରିୟ କରିବା ପାଇଁ 'ବୟନିକା' ପକ୍ଷରୁ ନିକଟରେ ରାଜଧାନୀ ଭୁବନେଶ୍ୱର ଏବଂ ରେଶମ ସହର ବ୍ରହ୍ମପୁରରେ ଦୁଇଟି ନୂଆ ମେଗା ସୋ'ରୁମ୍ ଖୋଲାଯାଇଛି। ହସ୍ତତନ୍ତ ଉତ୍ପାଦ କିଣିବା ପାଇଁ ଏହି ଦୁଇଟି ସୋ'ରୁମରେ ଲୋକଙ୍କର ବେଶ୍ ଭିଡ଼ ଜମୁଛି। ଦେଶ ବିଦେଶର ପର୍ଯ୍ୟଟକଙ୍କ ସୁବିଧା ପାଇଁ 'ବୟନିକା' ପକ୍ଷରୁ ୨୦୨୪ ଜୁଲାଇ ୨୬ରେ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦର ପରିସରରେ ଏହି ସୋ' ରୁମ୍ ଖୋଲାଯାଇଥିଲା। ସେହିପରି ସେପ୍ଟେମ୍ବର ୨୧ରେ ଦକ୍ଷିଣ ଓଡ଼ିଶାର ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ବ୍ରହ୍ମପୁର ସହରରେ 'ବୟନିକା'ର ଦ୍ୱିତୀୟ ମେଗା ସୋ'ରୁମ୍ ଖୋଲିଥିଲା। ଏହି ଦୁଇଟି ବ୍ୟବସାୟ ପ୍ରତିଷ୍ଠାନରେ ବର୍ତ୍ତମାନ ସୁଦ୍ଧା ୨ କୋଟିରୁ ଅଧିକ ଟଙ୍କାର କାରବାର ହୋଇଛି। ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦର ପରିସରରେ ଥିବା ସୋ'ରୁମରେ ୮୦ ଲକ୍ଷ ଟଙ୍କା ଏବଂ ବ୍ରହ୍ମପୁରସ୍ଥିତ ସୋ'ରୁମରେ ୧ କୋଟି ୫୦ ଲକ୍ଷ ଟଙ୍କାର କାରବାର ହୋଇଥିବା ଜଣାପଡ଼ିଛି। ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର କଥା ବଖାଣୁଥିବା ହସ୍ତତନ୍ତ ଶାଢ଼ି, କପଡ଼ା ଓ ପୋଷାକ କିଣିବା ପାଇଁ ରାଜ୍ୟ ଏବଂ ଦେଶ ବିଦେଶର ପର୍ଯ୍ୟଟକଙ୍କ ଭିତରେ ବିଶେଷ ଉତ୍ସାହ ରହିଥିବା ଦେଖିବାକୁ ମିଳୁଛି। 'ବୟନିକା'ର ଏହି ଦୁଇଟି ସୋ'ରୁମରେ ଓଡ଼ିଶାର କୁଶଳୀ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଆକର୍ଷଣୀୟ ହସ୍ତତନ୍ତ ଶାଢ଼ି ଓ କପଡ଼ା ଉପଲବ୍ଧ ରହିଛି। ତା'ଭିତରେ ରହିଛି ଜିଆଇ ମାନ୍ୟତା ପାଇଥିବା ଓଡ଼ିଶା ଇକ୍କତ, ଖଣ୍ଡୁଆ ପାଟ, ଗୋପାଳପୁରର ଟସର କପଡ଼ା, କୋଟପାଡ଼ ଶାଢ଼ି ଓ କପଡ଼ା, ଧଳାପଥର ପରଦା, ସମ୍ବଲପୁରୀ ବାନ୍ଧ ଶାଢ଼ି ଓ କପଡ଼ା, ବମକେଇ ଶାଢ଼ି, ହବସପୁରୀ ଶାଢ଼ି, ଫୋଡ଼ାକୁମ୍ଭ ଏବଂ ବ୍ରହ୍ମପୁରର ରେଶମ ଶାଢ଼ି। ଏହି ସୋ'ରୁମରେ ପାରମ୍ପରିକ ଶାଢ଼ି ଓ କପଡ଼ା ଛଡ଼ା, ଆକର୍ଷଣୀୟ ପୋଷାକ ମଧ୍ୟ ରହିଛି। ପ୍ରମୁଖ ଡିଜାଇନରମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏହି ପୋଷାକ ଯୁବପିଢ଼ି ଏବଂ ଦେଶ ବିଦେଶର ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣ ପାଲଟିଛି। ଓଡ଼ିଶା ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଏହିସବୁ ଉତ୍ପାଦ କିଣିବାକୁ ବେଶ୍ ଆଗ୍ରହ ଦେଖାଉଛନ୍ତି। ଓଡ଼ିଶାର ହସ୍ତତନ୍ତ, ଓଡ଼ିଶାର ପରିଚୟ। ରାଜ୍ୟ ଏବଂ ଦେଶ ବିଦେଶରେ ହସ୍ତତନ୍ତ ଶାଢ଼ି, କପଡ଼ା ଓ ଆଧୁନିକ ପୋଷାକ ପ୍ରତି ଲୋକମାନଙ୍କର ବିଶେଷ ଆଗ୍ରହ ଓ ଚାହିଦା ରହିଛି। ତେଣୁ, ଏହାକୁ ଦୃଷ୍ଟିରେ ରଖି 'ବୟନିକା' ପକ୍ଷରୁ ବଜାର ସଂଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି। ଲୋକମାନଙ୍କ ପାଖରେ ଆକର୍ଷଣୀୟ ତଥା ଆଧୁନିକ ହସ୍ତତନ୍ତ ଉତ୍ପାଦ ପହଞ୍ଚାଇବା ପାଇଁ ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ନୂଆ ସୋ'ରୁମ୍ ଖୋଲିବାକୁ ବୟନିକା ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

# ୩୦୦୦ ଖସିଲା ରୁପା ଦର



**ନୂଆଦିଲ୍ଲୀ,୩।୧୧:** ଚଳିତ ବର୍ଷର ପାର୍ବଣ ସମୟରେ ଉଭୟ ସୁନା ଓ ରୁପା ଦର ସର୍ବୋଚ୍ଚସ୍ତରରେ ପହଞ୍ଚିଥିଲା। ଏପରିକି ପାର୍ବଣ କାରବାର ପାଇଁ ସବୁ ବର୍ଗର ଅଳଙ୍କାର ପ୍ରତିଷ୍ଠାନ ଆକର୍ଷଣୀୟ ଅଫର ଓ ଉପହାରର ବ୍ୟବସ୍ଥାକରି ପାର୍ବଣ କାରବାର କରିଥିଲେ। ଅପରପକ୍ଷରେ କ୍ରମାଗତ ଭାବେ ଉଭୟ ସୁନା ଓ ରୁପା ଦର ବୃଦ୍ଧି ଯୋଗୁ ପାର୍ବଣ କାରବାର ମଧ୍ୟ ବେଶ୍ ପ୍ରଭାବିତ ହୋଇଥିଲା। ହେଲେ ପାର୍ବଣ ପରେ ଉଭୟ ସୁନା ଓ ରୁପା ଦରରେ ପରିବର୍ତ୍ତନ ହୋଇଛି। ଉଲ୍ଲେଖଯୋଗ୍ୟ, କ୍ରମାଗତ ଭାବେ ୨ୟ ଦିନ ଲାଗି ଉଭୟ ସୁନା ଓ ରୁପା ଦର ହ୍ରାସ ପାଇଛି। ଏପରିକି ମଙ୍ଗଳବାର ନୂଆଦିଲ୍ଲୀରେ ସୁନା ଉପରେ ପ୍ରାୟ ୮୦୦ ( ୭୯୦ ଟଙ୍କା) ଟଙ୍କା ହ୍ରାସ ପାଇଥିଲାବେଳେ ୩୦୦୦ରୁ ଅଧିକ ଟଙ୍କାର ରୁପା ଦରରେ କମିଥିବା ଜଣାପଡ଼ିଛି। ଫଳରେ ନୂଆଦିଲ୍ଲୀରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୦,୭୨୩ ଟଙ୍କାରେ କାରବାର ହେଉଥିଲାବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୪,୦୧୩ ଟଙ୍କାରେ କାରବାର ହେଉଛି। ଏପରିକି ୧୮ କ୍ୟାରେଟ ସୁନା ଓ ମୂଲ୍ୟବାନ୍ ଅଳଙ୍କାରର ମୂଲ୍ୟ ୫୦ରୁ ୫୫ ହଜାର ଟଙ୍କାରେ କାରବାର ହେଉଛି। ସେହିପରି ଭୁବନେଶ୍ୱର ବଜାରରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୦,୩୨୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୭୩,୭୦୦ ଟଙ୍କାରେ କାରବାର ହେଉଛି। ଏପରିକି ରୁପା କେ.ଜି. ପିଛା ୩୦୦୦ ଟଙ୍କା କମି ୧,୦୬,୦୦ଟଙ୍କାରେ ପହଞ୍ଚିଛି। ଏପରିକି ୧୮କ୍ୟାରେଟ ସୁନା ଓ ମୂଲ୍ୟବାନ୍ ଅଳଙ୍କାରର ମୂଲ୍ୟ ୫୫ରୁ ୬୫ ହଜାର ଟଙ୍କାରେ କାରବାର ହେଉଛି।

# ରେକର୍ଡ ପରିମାଣରେ ଟିକସ ସଂଗ୍ରହ




**ନୂଆଦିଲ୍ଲୀ,୩।୧୧:** ଚଳିତ ଆର୍ଥିକ ବର୍ଷର ସପ୍ତମ ମାସରେ ରେକର୍ଡ ପରିମାଣର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ବା ଜିଏସ୍ଟି) ସଂଗ୍ରହ କରାଯାଇଛି ବୋଲି ଶୁକ୍ରବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ,୨୦୨୪-୨୫ ଆର୍ଥିକ ବର୍ଷର ୭ମ ମାସରେ ଦେଶର ଜିଏସ୍ଟି ସଂଗ୍ରହ ୧,୮୭,୩୪୬ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି। ବିଶେଷ କରି ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ ହୋଇଥିବା ଟିକସ ପରିମାଣଠାରୁ ଏହା ପ୍ରାୟ ୯% (୮.୯%) ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ଅକ୍ଟୋବରରେ ସଂଗୃହୀତ ଟିକସ ପରିମାଣ ପ୍ରାୟ ୧,୭୨ ଲକ୍ଷ କୋଟିଠାରୁ ୨୦୨୪-୨୫ ଆର୍ଥିକ ବର୍ଷର ଅକ୍ଟୋବର ମାସରେ ୮.୯% (୧,୮୭,୩୪୬ କୋଟି)ର ଟିକସ ସଂଗୃହୀତ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଅକ୍ଟୋବରରେ ମୋଟ ୧,୮୭,୩୪୬ କୋଟି ଟଙ୍କା ଜିଏସ୍ଟି ଆକାରରେ ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍ଟି) ବାବଦରେ ୩୩,୮୨୧କୋଟି ଟଙ୍କା ଆଦାୟ ହୋଇଥିବାବେଳେ ରାଜ୍ୟ ଟିକସ (ଏସ୍‌ଜିଏସ୍ଟି) ବାବଦକୁ ୪୧,୮୬୪ କୋଟି ଟଙ୍କା ଆଦାୟ ହୋଇଛି। ସେହିଭଳି ଆଇଜିଏସ୍ଟି ବାବଦକୁ ମୋଟ ୯୯,୧୧୧ କୋଟି ଟଙ୍କା ଏବଂ ସେସ୍ ବାବଦରେ ୧୨,୫୫୦ କୋଟି ଟଙ୍କା ଟିକସ ଆକାରରେ ସଂଗ୍ରହ କରାଯାଇଛି। ଅପରପକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷର ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ମୋଟ ୧୨.୭୪ ଲକ୍ଷ କୋଟି ଟଙ୍କା ଜିଏସ୍ଟି ଆକାରରେ ସଂଗ୍ରହ କରାଯାଇଥିଲାବେଳେ ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ମୋଟ ୧୧.୬୪ ଲକ୍ଷ କୋଟି ଟଙ୍କା ଜିଏସ୍ଟି ଆକାରରେ ସଂଗୃହୀତ ହୋଇଥିଲା। ଏପରିକି ବାର୍ଷିକ ଭିତ୍ତିରେ ଚଳିତ ଆର୍ଥିକର ମୋଟ ଟିକସ ସଂଗ୍ରହ ୯.୪% ବୃଦ୍ଧି ହୋଇଛି। ସେହିଭଳି କ୍ରମାଗତ ୭ ମାସ ପାଇଁ ଦେଶର ଜିଏସ୍ଟି ସଂଗ୍ରହ ୧.୭ ଲକ୍ଷ କୋଟିରୁ ଅଧିକ ରହିଥିବାବେଳେ ୨ୟ ଥର ପାଇଁ ୧.୮ ଲକ୍ଷ କୋଟିରୁ ଅଧିକ ପରିମାଣର ଟିକସ ଆଦାୟ ହୋଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ଓ୍ୱେବ୍‌ସାଇଟରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

# ଟିଭି ଦେଖିବା ହେଲା ମହଙ୍ଗା



**ନୂଆଦିଲ୍ଲୀ,୩।୧୧:** ମୋବାଇଲ୍ ରିଚାର୍ଜ ପରେ ଏବେ ଟିଭି ଦେଖିବା ହେଲା ମହଙ୍ଗା । କେବୁଲ ଟିଭି ଅପରେଟର ଟାରିଫ ଏବଂ ଜିଏସ୍ଟି ବୃଦ୍ଧି କରିବାକୁ ସରକାର ଘୋଷଣା କରିଛନ୍ତି । ବେସରକାରୀ ଟେଲିକମ୍ ଅପରେଟର ଏୟାରଟେଲ, ଜିଓ ଏବଂ ଭୋଡାଫୋନ ୟୁଜର୍ସମାନେ ମୋବାଇଲ୍ ରିଚାର୍ଜ ମହଙ୍ଗା ହେବା ପରେ ଲୋକମାନେ ବହୁତ କ୍ରୋଧିତ ହୋଇଯାଇଥିଲେ । ଲକ୍ଷ ଲକ୍ଷ ଉପଭୋକ୍ତା ସେମାନଙ୍କ ନମ୍ବର ସରକାରୀ ଟେଲିକମ୍ ଅପରେଟର ବିଏସଏନ୍ଏଲ୍ କୁ ପୋର୍ଟ କରିଥିଲେ । ମୋବାଇଲ୍ ରିଚାର୍ଜ ପରେ ଏବେ ଯେଉଁମାନେ ଘରେ ଟିଭି ଦେଖୁଛନ୍ତି ସେମାନଙ୍କୁ ମଧ୍ୟ ଅଧିକ ଖର୍ଚ୍ଚ କରିବାକୁ ପଡିବ । କେବୁଲ ଟିଭିରେ ସରକାର ୧୮ ପ୍ରତିଶତ ଜିଏସ୍ଟି ଲାଗୁ କରିବାକୁ ଘୋଷଣା କରିଛନ୍ତି । ଏହି ଘୋଷଣା ପରେ ତାମିଲନାଡୁ ସମେତ ଦେଶର ଅନେକ ସ୍ଥାନରେ ବିରୋଧ ଆରମ୍ଭ ହୋଇଛି । ଏଥି ସହିତ ଚ୍ୟାନେଲ ଟାରିଫ ବୃଦ୍ଧି କରିବାକୁ କେନ୍ଦ୍ର ସରକାର ମଧ୍ୟ ଘୋଷଣା କରିଛନ୍ତି । କେବୁଲ ଟିଭି ଅପରେଟରମାନେ ଦାବି କରିଛନ୍ତି ଯେ ଜିଏସ୍ଟିକୁ ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଉ । ଟେଲିକମ୍ ରେଗୁଲେଟର (ଟ୍ରାଇ) କେବୁଲ ଟିଭି ଚ୍ୟାନେଲଗୁଡ଼ିକର ଶୁଳ୍କ ବୃଦ୍ଧି କରିଛି । ବିଶେଷକରି ଚେନ୍ନାଇର କେବୁଲ ଅପରେଟରମାନେ ଏହାକୁ ଅଧିକ ବିରୋଧ କରୁଛନ୍ତି। ସରକାରଙ୍କ ଜିଏସ୍ଟି ବୃଦ୍ଧି ଦେଶର କୋଟି କୋଟି ଗ୍ରାହକଙ୍କ ଉପରେ ସିଧାସଳଖ ପ୍ରଭାବ ପକାଇବ । ଜିଏସ୍ଟି ବୃଦ୍ଧି ହେତୁ ଗ୍ରାହକଙ୍କୁ ପୂର୍ବ ଅପେକ୍ଷା ଏକ ମାସ ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିବ । ଉଦାହରଣ ସ୍ୱରୂପ, ଯଦି ଆପଣଙ୍କର ମାସିକ କେବୁଲ୍ ଟିଭି ବିଲ୍ ବର୍ତ୍ତମାନ ୫୦୦ ଟଙ୍କା, ତେବେ ଆପଣଙ୍କୁ ବର୍ତ୍ତମାନ ୫୯୦ ଟଙ୍କା ଦେବାକୁ ପଡିବ । ମୋବାଇଲ୍ ରିଚାର୍ଜ ପରି, ୟୁଜର୍ସମାନଙ୍କୁ ବର୍ତ୍ତମାନ ମାସିକ ରିଚାର୍ଜ କିମ୍ବା କେବୁଲ ଟିଭିର ବିଲ୍ ପାଇଁ ସେଲ ଆଉଟ୍ କରିବାକୁ ପଡିବ । ବର୍ତ୍ତମାନ ଦେଶରେ ଲକ୍ଷ ଲକ୍ଷ କେବୁଲ ଟିଭି ଦେଖୁଥିବା ୟୁଜର୍ସ ଅଛନ୍ତି । ଜିଏସ୍ଟି ବୃଦ୍ଧି ଘୋଷଣା ପରେ ଚେନ୍ନାଇର ଅନେକ କେବୁଲ ଟିଭି ଅପରେଟର ଏହାକୁ ବିରୋଧ କରିବା ଆରମ୍ଭ କରିଛନ୍ତି । ଟିଭି ଦେଖିବା ପାଇଁ ଏକ କେବୁଲ୍ କିମ୍ବା ଡାଇରେକ୍ଟ-ଟୁ-ହୋମ୍(ଡିଟିଏଚ୍) ସେଟ୍ ଅପ୍ ବକ୍ସ ଆବଶ୍ୟକ । ଜଣେ କେବୁଲ ଅପରେଟରଙ୍କ ଠାରୁ ମାସିକ ପ୍ଲାନ ନେବାକୁ ପଡିବ, ଯେଉଁଥିରେ ପେଡ୍ ଏବଂ ଫ୍ରି ଚ୍ୟାନେଲ ସାମିଲ ଥାଏ । ଯେତେବେଳେ କି, ଡିଟିଏଚ୍ ପାଇଁ, ଗ୍ରାହକମାନଙ୍କୁ ପ୍ରତିମାସରେ ଦେୟଯୁକ୍ତ ଚ୍ୟାନେଲଗୁଡ଼ିକ ରିଚାର୍ଜ କରିବାକୁ ପଡିବ । ଜିଏସ୍ଟି ବୃଦ୍ଧି ହେତୁ ଗ୍ରାହକଙ୍କୁ ବର୍ତ୍ତମାନ ମାସିକ ବିଲରେ ଅଧିକ ଖର୍ଚ୍ଚ କରିବାକୁ ପଡିବ ।

# ଗୁଗଲ୍ ଗଡ଼ରେ ପଶିଲା ଚାଟ୍‌ଜିପିଟି: ଆରମ୍ଭ କଲା ସର୍ଚ୍ଚ ଇଞ୍ଜିନ

**ନୂଆଦିଲ୍ଲୀ,୩।୧୧:** ଦଶନ୍ଧି ଦଶନ୍ଧି ଧରି ଲୋକମାନଙ୍କ ମନରେ ଥିବା ପ୍ରଶ୍ନର ଉତ୍ତର ଖୋଜି ଦେଉଥିବା ବିଶ୍ୱସ୍ତରୀୟ ପ୍ରଯୁକ୍ତି କମ୍ପାନି ଗୁଗଲ୍ ଆଡ଼କୁ ଏକ ବଡ଼ ବିପଦ ମାଡ଼ି ଆସିଛି। ସର୍ଚ୍ଚ ଇଞ୍ଜିନ କ୍ଷେତ୍ରରେ କମ୍ପାନିର ଯେଉଁ ଆଧିପତ୍ୟ ଥିଲା ତାହା ଏବେ ସଙ୍କଟରେ। କାରଣ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଶକ୍ତିକୁ ଉପଯୋଗ କରି ବିଶ୍ୱବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିବା ଆମେରିକୀୟ କମ୍ପାନି ଓପନ୍‌ଏଆଇ ପକ୍ଷରୁ ଚାଟ୍‌ଜିପିଟି ସର୍ଚ୍ଚ ଇଞ୍ଜିନ ଆରମ୍ଭ କରାଯାଇଛି। ଚାଟ୍‌ଜିପିଟି ସର୍ଚ୍ଚ ଇଞ୍ଜିନର ବଡ଼ ବିଶେଷତ୍ୱ ହେଉଛି ଏହାକୁ ଯାହା ପଚାରିଲେ ତାହା ବାସ୍ତବ ସମୟର ଉତ୍ତର ଦେବ। ଯଥା ଷ୍ଟକ୍ ମୂଲ୍ୟ, କୌଣସି କ୍ରୀଡ଼ା କାର୍ଯ୍ୟକ୍ରମର ସ୍କୋର୍, ଖବର, ପାଣିପାଗ ସୂଚନା ଆଦିର ସଠିକ୍ ଆକଳନ ପ୍ରଦାନ କରିବ। ଗତ ଜୁଲାଇରେ କମ୍ପାନି 'ସର୍ଚ୍ଚଜିପିଟି' ନାମରେ ଏହି ସେବାର ବିଟା ପରୀକ୍ଷଣ କରିଥିଲା। ୨୦୨୨ ନଭେମ୍ବରରେ ଚାଟ୍‌ଜିପିଟି ଆସିବା ପରଠାରୁ ଗୁଗଲ୍ ନିବେଶକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଏହା କମ୍ପାନିର ବଜାର ଅଂଶ ଖାଇଯିବ ବୋଲି ସେମାନେ ଆଶଙ୍କା କରୁଛନ୍ତି। କେବଳ ଗୁଗ୍‌ଲ ନୁହେଁ ମାଇକ୍ରୋସଫ୍ଟ ମଧ୍ୟ ଚିନ୍ତିତ ହୋଇପଡ଼ିଛି। କାରଣ ଏହାର ସର୍ଚ୍ଚ ଇଞ୍ଜିନ ବିଙ୍ଗ୍ ପ୍ରତି ମଧ୍ୟ ବିପଦ ଦେଖାଦେଇଛି। ସର୍ଚ୍ଚ ଇଞ୍ଜିନ ସମ୍ପର୍କରେ ଓପନ୍‌ଏଆଇର ସିଇଓ ସାମ୍ ଅଲ୍‌ଟମ୍ୟାନ୍ କହିଛନ୍ତି ଯେ ସାଧାରଣରେ କଥାବାର୍ତ୍ତା ହେବା ଭଳି ଲୋକମାନେ ଚାଟ୍‌ଜିପିଟିକୁ ପ୍ରଶ୍ନ କରିପାରିବେ। ଲୋକମାନେ ଖୋଜୁଥିବା ଉତ୍ତରକୁ ଏଥିରେ ସୁବିଧାରେ ଓ ସହଜରେ ପାଇପାରିବେ। ଯେଉଁ ଉତ୍ତରଗୁଡ଼ିକ ଲାଗି ଜଟିଳ ଗବେଷଣା ଦରକାର ହେଉଛି ତାହା ଏଥିରେ ଶୀଘ୍ର ମିଳିଯିବ ବୋଲି ଅଲ୍ଟମ୍ୟାନ୍ ଦାବି କରିଛନ୍ତି। ବର୍ତ୍ତମାନ ସମୟର ଚାଟ୍‌ଜିପିଟିର ସର୍ଚ୍ଚ ସୁବିଧା କିଛି ସୀମିତ ସଂଖ୍ୟକ ଗ୍ରାହକମାନଙ୍କ ଲାଗି ଉପଲବ୍ଧ ହୋଇଛି। କିଛି ସପ୍ତାହ ମଧ୍ୟରେ ଚାଟ୍‌ଜିପିଟି ଏଣ୍ଟରପ୍ରାଇଜେଟ୍ ଓ ଏଡୁ ବ୍ୟବହାରକାରୀମାନେ ଏହି ସୁବିଧା ପାଇପାରିବେ। କିନ୍ତୁ ଚାଟ୍‌ଜିପିଟିର ମାଗଣା ଭର୍ସନରେ ଏହି ସୁବିଧା ଉପଲବ୍ଧ ହେବା ଲାଗି ଏକ ମାସରୁ ଅଧିକ ସମୟ ଲାଗିବ। ଲୋକମାନଙ୍କୁ ପ୍ରଶ୍ନର ସଠିକ୍ ଉତ୍ତର ଦେବା ଲାଗି ଚାଟ୍‌ଜିପିଟି ପକ୍ଷରୁ ରଏଟର୍ସ, ଫାଇନାନ୍ସିଆଲ୍ ଟାଇମ୍ସ, ନିଉଜ୍ କର୍ପ, ଲା ମୋଣ୍ଡେ, ଦି ଆଟଲାଣ୍ଟିକ, ଟାଇମ୍ ଓ ଭକ୍ସ ମିଡିଆ ସହ ସହଯୋଗିତା ସ୍ଥାପନ କରାଯାଇଛି।

# ବଜେଟ୍ ଫ୍ରେଣ୍ଡଲି କାର୍



**ନୂଆଦିଲ୍ଲୀ,୩।୧୧:** ଲୋକମାନେ କାର କିଣିବା ପୂର୍ବରୁ ପ୍ରଥମେ ସେମାନଙ୍କ ବଜେଟ ପ୍ରତି ଧ୍ୟାନ ଦିଅନ୍ତି । ଯଦି କାର କିଣିବା ପାଇଁ ଆପଣଙ୍କର ବଜେଟ୍ ପ୍ରାୟ ୮ ଲକ୍ଷ ଟଙ୍କା ଅଛି ତେବେ ଭାରତୀୟ ବଜାରରେ ଏହି ରେଞ୍ଜରେ ଅନେକ ଭଲ ଭଲ କାର ଅଛି । ଟାଟା-ମାରୁତି ଠାରୁ ମହିନ୍ଦ୍ରା ପର୍ଯ୍ୟନ୍ତ କାର ମଧ୍ୟ ଏହି ତାଲିକାରେ ସାମିଲ ରହିଛି। ତେବେ ଆସନ୍ତୁ ଜାଣିବା ଏହି କାରଗୁଡିକ ବିଷୟରେ... ମାରୁତି ସ୍ୱିଫ୍ଟ ହେଉଛି ଏକ ଏଭଳି କାର ଯାହା ୮ ଲକ୍ଷ ଟଙ୍କା ମଧ୍ୟରେ ଆସେ। ଏହି କାରର ଏକ୍ସ ଶୋ'ରୁମ୍ ମୂଲ୍ୟ ୬.୪୯ ଲକ୍ଷରୁ ଆରମ୍ଭ ହୋଇଛି । ଏହି କାର ୯ଟି କଲର ଭାରିଆଣ୍ଟରେ ଉପଲବ୍ଧ । ଏହି ଗାଡିରେ ୧. ୨ ଲିଟର ଜେଡ୍- ସିରିଜ୍ ଇଞ୍ଜିନ ଅଛି । ଏହି କାର୍ ମାନୁଆଲ୍ ଟ୍ରାନ୍ସମିସନ୍ ସହିତ ୨୪. ୮୦ କିଲୋମିଟର ମାଇଲେଜ୍ ଦେଇଥାଏ। ମାରୁତି ଅଟୋମେଟିକ ଟ୍ରାନ୍ସମିସନ୍ ସହିତ ଏହି ଗାଡିରେ ୨୫.୭୫ କିଲୋମିଟର ମାଇଲେଜ୍ ଦେବାକୁ ଦାବି କରିଛି। ଏହି ମାରୁତି କାରକୁ ସୁରକ୍ଷା ପାଇଁ ୬ ଟି ଏୟାରବ୍ୟାଗ ମଧ୍ୟ ଯୋଗାଇ ଦିଆଯାଇଛି । ଭାରତୀୟ ବଜାରରେ ବିକ୍ରି ହେଉଥିବା ସବୁଠାରୁ ଲୋକପ୍ରିୟ କାର ମଧ୍ୟରୁ ଟାଟା ନେକ୍ସନ୍ ଅନ୍ୟତମ । ଏହି ଯାନର ମୋଟ ୧୦୦ଟି ଭାରିଆଣ୍ଟ ବଜାରରେ ଉପଲବ୍ଧ। କାରଟି ବଜାରରେ ୫ଟି କଲର ଭାରିଆଣ୍ଟ ସହିତ ଉପଲବ୍ଧ। ଟାଟା କାରଗୁଡିକ ବହୁତ ଭଲ ସେଫ୍ଟି ଗ୍ୟାରେଣ୍ଟି ଦିଏ । ଏହି କାର୍ ଗ୍ଲୋବାଲ୍ ଏନ୍‌ସିଏପି ରୁ ୫-ଷ୍ଟାର୍ ସେଫ୍ଟି ରେଟିଙ୍ଗ ମଧ୍ୟ ପାଇଛି। କାରରେ ୬ ଟି ଏୟାରବ୍ୟାଗ ଲଗାଯାଇଛି । ଏହା ସହିତ ଇଲେକ୍ଟ୍ରୋନିକ୍ ଷ୍ଟାବିଲିଟି ପ୍ରୋଗ୍ରାମ ମଧ୍ୟ ପ୍ରଦାନ କରାଯାଇଛି। ଟାଟା ନେକ୍ସନ୍ ର ଏକ୍ସ-ଶୋରୁମ୍ ମୂଲ୍ୟ ୭,୯୯,୯୯୦ ରୁ ଆରମ୍ଭ ହୋଇଛି । ତିନୋଟି ପାୱାର୍ ଟ୍ରେନ୍ ଅପ୍ସନ ସହିତ ମହିନ୍ଦ୍ରା ଏକ୍ସୟୁଭି ୩ଏକ୍ସ୦ ବଜାରରେ ଉପଲବ୍ଧ । ଏହି ଗାଡିରେ ୧. ୨ ଲିଟର ଟର୍ବୋ-ପେଟ୍ରୋଲ ଇଞ୍ଜିନ୍ ଅଛି, ଯାହାକି ୮୨ କିଲୋୱାଟ ପାୱାର ଯୋଗାଇଥାଏ ଏବଂ ୨୦୦ ଏନ୍‌ଏମ୍ ଟର୍କ ଜେନେରେଟ କରିଥାଏ । ଏହି ଗାଡିରେ ୧. ୨-ଲିଟର ଟିଜିଡିଆଇ ପେଟ୍ରୋଲ ଇଞ୍ଜିନର ଅପ୍ସନ ମଧ୍ୟ ସାମିଲ ଅଛି । ଏହି ଇଞ୍ଜିନ୍ ୯୬କେଡବ୍ଲୁ ର ପାୱାର ଏବଂ ଟର୍କ ୨୩୦ ଏନ୍‌ଏମ୍ ଜେନେରେଟ କରେ । ଏହି ମହିନ୍ଦ୍ରା କାରରେ ୧. ୫ ଲିଟର ଟର୍ବୋ ଡିଜେଲ ମଧ୍ୟ ଅଛି, ଯାହା ୮୬କେଡବ୍ଲୁ ପାୱାର ଏବଂ ଟର୍କ ୩୦୦ ଏନ୍‌ଏମ୍ ଦେଇଥାଏ । ମହିନ୍ଦ୍ରା ଏକ୍ସୟୁଭି ୩ଏକ୍ସ୦ ର ଏକ୍ସ ଶୋ'ରୁମ୍ ମୂଲ୍ୟ ୭. ୭୯ ଲକ୍ଷରୁ ଆରମ୍ଭ ହୋଇ ୧୫.୪୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି ।

# ଓଡ଼ିଆରେ ଆସିଲା ଏନ୍‌ଏସ୍‌ଇ ୱେବ୍‌ସାଇଟ୍




**ମୁମ୍ବାଇ,୩।୧୧:** ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ପକ୍ଷରୁ ଶୁକ୍ରବାର ଏକ ମୋବାଇଲ୍ ଆପ୍ ଉନ୍ମୋଚନ କରାଯାଇଛି। ଏହାର ନାମ ଏନ୍‌ଏସ୍‌ଇଇଣ୍ଡିଆ ରହିଛି। ଏଥିସହିତ ପୂର୍ବରୁ ୪ଟି ଭାଷାରେ ଏନ୍‌ଏସ୍‌ଇ ୱେବସାଇଟ୍ ଉପଲବ୍ଧ ହେଉଥିବାବେଳେ ଏବେ ଏହାକୁ ୧୨ଟି ଭାଷାକୁ ବୃଦ୍ଧି କରାଯାଇଛି। ଯେଉଁ ନୂଆ ୮ଟି ଭାଷାରେ ୱେବସାଇଟ୍ ଆରମ୍ଭ ହୋଇଛି ସେଥିରେ ଓଡ଼ିଆ ରହିଛି। ଏହାବ୍ୟତୀତ ଅନ୍ୟ ଭାଷାଗୁଡ଼ିକ ହେଲା ଅହମିୟା, ବଙ୍ଗଳା, କନ୍ନଡ଼, ମାଲୟାଲମ, ପଞ୍ଜାବୀ, ତାମିଲ ଏବଂ ତେଲୁଗୁ। ପୂର୍ବରୁ ଏନ୍‌ଏସ୍‌ଇ ୱେବସାଇଟ୍ ଯେଉଁ ୪ଟି ଭାଷାରେ ଉପଲବ୍ଧ ହେଉଥିଲା ସେଗୁଡ଼ିକ ହେଲା ଇଂରାଜୀ, ହିନ୍ଦୀ, ମରାଠୀ ଏବଂ ଗୁଜରାଟୀ। ଫଳରେ ବର୍ତ୍ତମାନ ଏନ୍‌ଏସ୍‌ଇର ଲେଖା ଓ ସୂଚନାଗୁଡ଼ିକ ୧୨ଟି ଭାଷାରେ ଉପଲବ୍ଧ ହେବ। ଏହାଦ୍ୱାରା ଦେଶର ବିଭିନ୍ନ ଅଞ୍ଚଳର ଲୋକେ ସେମାନଙ୍କ ନିଜ ଭାଷାରେ ଷ୍ଟକ୍ ମାର୍କେଟକୁ ବୁଝିବାରେ ସକ୍ଷମ ହେବା ସହିତ ଆର୍ଥିକ ବଜାରରେ ଭାଗନେବାରେ ସେମାନଙ୍କ ମଧ୍ୟରେ ଦୃଢ଼ ବିଶ୍ୱାସ ସୃଷ୍ଟି ହୋଇପାରିବ। ଏଥିସହିତ ଏନ୍‌ଏସ୍‌ଇ ଆପ୍‌ରେ ଷ୍ଟକ୍ ମାର୍କେଟ୍ ସଂପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଶୀଘ୍ର ମିଳିପାରିବ।

# ଅକ୍ଟୋବରରେ ୧୬୫୮ କୋଟି ୟୁପିଆଇ କାରବାର




**ନୂଆଦିଲ୍ଲୀ,୩।୧୧:** ଚଳିତବର୍ଷ ଅକ୍ଟୋବର ମାସରେ ରେକର୍ଡ ୧୬୫୮ କୋଟି ସଂଖ୍ୟକ ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟ୍ ଇଣ୍ଟରଫେସ୍) କାରବାର ହୋଇଛି। ଏହା ଜରିଆରେ ମୋଟ ୨୩.୫୦ ଲକ୍ଷ କୋଟି ଟଙ୍କା ସ୍ଥାନାନ୍ତର ହୋଇଛି। ଗତବର୍ଷର ଅକ୍ଟୋବର ତୁଳନାରେ ଚଳିତବର୍ଷ ଅକ୍ଟୋବରରେ ୟୁପିଆଇ ସଂଖ୍ୟାରେ ୪୫ ପ୍ରତିଶତ ବୃଦ୍ଧି ଘଟିଛି। ୨୦୧୬ ଏପ୍ରିଲରେ ଦେଶରେ ୟୁପିଆଇ କାରବାର ଆରମ୍ଭ ହୋଇଥିଲା। ସେବେଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ମାସରେ ଏତେସଂଖ୍ୟକ ୟୁପିଆଇ କାରବାର ହୋଇ ନଥିଲା। ୨୦୨୩ ଅକ୍ଟୋବରରେ ୧୧୪୧ କୋଟି ସଂଖ୍ୟାର ୟୁପିଆଇ କାରବାର ହୋଇଥିଲା। ଏହା ଜରିଆରେ ୧୭.୧୬ ଲକ୍ଷ କୋଟି ସ୍ଥାନାନ୍ତର ହୋଇଥିଲା। ତେଣୁ ଗତବର୍ଷ ତୁଳନାରେ ୟୁପିଆଇରେ ହୋଇଥିବା କାରବାର ରାଶିରେ ୩୭ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୪ ଅକ୍ଟୋବରରେ ଦୈନିକ ହାରାହାରି କାରବାର ସଂଖ୍ୟା ୫୩ କୋଟି ୫୦ ଲକ୍ଷ ଏବଂ କାରବାର ରାଶି ୭୫,୮୦୧ କୋଟି ଟଙ୍କା ରହିଥିଲା। ତେବେ ଚଳିତବର୍ଷ ସେପ୍ଟେମ୍ବର ତୁଳନାରେ ଅକ୍ଟୋବରରେ ୟୁପିଆଇ କାରବାର ସଂଖ୍ୟାରେ ୧୦.୨୩ ପ୍ରତିଶତ ଏବଂ କାରବାର ରାଶିରେ ୧୩.୮୫ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୪ ସେପ୍ଟେମ୍ବରରେ ୧୫୦୪ କୋଟି ୟୁପିଆଇ କାରବାର ହୋଇଥିଲା ଏବଂ ଏହା ଜରିଆରେ ୨୦.୬୪ ଲକ୍ଷ କୋଟି ଟଙ୍କା ସ୍ଥାନାନ୍ତର ହୋଇଥିଲା।

# ଲଞ୍ଚ ହେଲା ମାରୁତି ବାଲେନୋ ରେଗାଲ ଏଡିସନ



**ନୂଆଦିଲ୍ଲୀ,୩।୧୧:** ମାରୁତି ସୁଜୁକି ସବୁବେଳେ ନିଜ ଗ୍ରାହକଙ୍କ ପାଇଁ ପପୁ୍ୟଲାର ମଡେଲଗୁଡିକର ନୂଆ ଏଡିସନ୍ସ ଲଞ୍ଚ କରିଥାଏ। ଏବେ ଫେଷ୍ଟିଭ୍ ସିଜିନ୍ ଆରମ୍ଭ ହୋଇଯାଇଛି, ଏଭଳି ପରିସ୍ଥିତିରେ ଇଣ୍ଡୋ-ଜାପାନ କାର କମ୍ପାନୀ ନିଜ ଗ୍ରାହକଙ୍କୁ ଉପହାର ଦେଇଛି ଏବଂ ଏକ୍ସଟ୍ରା ଆସେସୋରିଜ୍ ପ୍ୟାକେଜ୍ ସହିତ ମାର୍କେଟରେ ଗ୍ରାଣ୍ଡ ଭିଟାରର ଡୋମିନିଅନ୍ ଏଡିସନ୍ ଲଞ୍ଚ କରିଛି । କେବଳ ଏତିକି ନୁହେଁ, କମ୍ପାନୀ ଏହାର ପପୁ୍ୟଲାର ବାଲେନୋର ଏକ ନୂଆ ଏଡିସନ୍ ଲଞ୍ଚ କରିଛି ଯେଉଁଥିରେ ଦମଦାର ଫିଚର୍ସ ଦେଖିବାକୁ ମିଳିବ। ଏହି ନୂଆ ମଡେଲକୁ ମାରୁତି ବାଲେନୋ ରେଗାଲ ଏଡିସନ ନାମରେ ଲଞ୍ଚ କରାଯାଇଛି । ଆପଣଙ୍କୁ କହି ରଖୁଛୁ ଯେ ବାଲେନୋ ରେଗାଲ ଏଡିସନ ହେଉଛି ଏକ ପ୍ରିମିୟମ୍ ହ୍ୟାଚବ୍ୟାକ୍ । ଏହି ନୂଆ ଏଡିସନରେ ଷ୍ଟାଣ୍ଡାର୍ଡ ମଡେଲ ତୁଳନାରେ ଗ୍ରାହକଙ୍କୁ କମ୍ପ୍ଲିମେଣ୍ଟାରି ଆସେସୋରି କିଟ୍‌ର ସୁବିଧା ଦିଆଯାଉଛି, ଯାହା ଏହି ଫେଷ୍ଟିଭ୍ ସିଜିନ୍‌କୁ ଆହୁରି ଖାସ୍ କରିଥାଏ । ବାଲେନୋ ରେଗାଲ ଏଡିସନର ସମସ୍ତ ଭ୍ୟାରିଏଣ୍ଟସ୍‌ରେ ଉପଲବ୍ଧ ଅଛି । ଯେଉଁଥିରେ ମାନୁଆଲ, ଅଟୋମେଟିକ୍ ଏବଂ ସିଏଜି ଭ୍ୟାରିଆଣ୍ଟ ସାମିଲ୍ ଅଛି । ରେଗାଲ ଏଡିସନରେ ବାଲେନୋ ସହିତ ଲଞ୍ଚ କରାଯାଇଥିବା କମ୍ପ୍ଲିମେଣ୍ଟାରି ଆସେସୋରିଜ୍ ଗୁଡିକରେ ଏକ ଫ୍ରଣ୍ଟ ଅଣ୍ଡରବୋଡ୍ ସ୍ଲିପର, ରିଅର ଅଣ୍ଡରବୋଡ୍ ସ୍ଲିପର, ଡୁଆଲ ଟୋନ ସିଟ୍ କଭର, ଥ୍ରୀଡି ମ୍ୟାଟ୍, ସାଇଡ୍ ମୋଲିଡିଂ, ମଡ ଫ୍ଲାପ୍, ୩ଡି ବୁଟ୍ ମ୍ୟାଟ୍, କ୍ରୋମ୍ ଗାର୍ନିସ୍ ସାମିଲ ଅଛି । ଗ୍ରୀଲ ଏବଂ ରିୟର ପୋଜିସନ୍ ଷ୍ଟିଅରିଂ କଭର, ଏକ ଭ୍ୟାକ୍ୟୁମ୍ କ୍ଲିନର, ବଡି କଭର, ନେକ୍ସା କୁଶନ, ଡୋର ଭାଇଚର, ସିଲ୍ ଗାର୍ଡ, ରିୟର ପାର୍ସଲ ଟ୍ରେ, ଓ୍ୱିଣ୍ଡୋ ପରଦା, ଟାୟାର ଇନଫ୍ଲେଟର, ଲୋଗୋ ପ୍ରୋଜେକ୍ଟର ଲ୍ୟାମ୍ପ ଏବଂ କ୍ରୋମ ଡୋର ହ୍ୟାଣ୍ଡଲ୍ ଭଳି ଅନେକ ଦମଦାର ଫିଚର୍ସ ରହିଛି । ଏହି ଭ୍ୟାରିଆଣ୍ଟସକୁ ଆଧାର କରି ପ୍ୟାକେଜର ପ୍ରାଇସ୍ ୪୫,୮୨୯ଟଙ୍କାରୁ ୬୦,୧୯୯ ଟଙ୍କା ମଧ୍ୟରେ ରହିଛି । ପ୍ରିମିୟମ୍ ହ୍ୟାଚରେ ଏକ ମାତ୍ର ୯୦ଏଚପି, ୧୧୩ଏନଏମ, ୧.୨-ଲିଟର, ଚାରି ସିଲିଣ୍ଡର ଏନେ ପେଟ୍ରୋଲ ଇଞ୍ଜିନ୍ ପାଇଥାଏ, ଏବଂ ଏଥିରେ ଏକ ସିଏନଜି କିଟ୍‌ର ଅପ୍ସନ୍ ମଧ୍ୟ ଅଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଲେ ଜିତେନ୍ଦ୍ର




**ବରଗଡ଼,୩।୧୧(ସଂଚାର ବ୍ୟୁରୋ):** ଜିଲ୍ଲା ବିଜେପୁର ବ୍ଲକ୍ ଅନ୍ତର୍ଗତ ତାଳପଦର ଗ୍ରାମର ସୁନା ପୁଅ ଜିତେନ୍ଦ୍ର ସେଠ ତିନୋଟି ଭାଷାରେ ସର୍ବାଧିକ ଗୀତ ରଚନା କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ ରେ ସ୍ଥାନ ପାଇଛନ୍ତି । ତୁଳସୀ ଦୁଇ ପତ୍ରରୁ ବସିଲା ପରି ପିଲାଟି ଦିନରୁ କଳା ପ୍ରତି ତାଙ୍କର ଦୁର୍ବଳତା ଆଜି ତାଙ୍କୁ ଶୀର୍ଷ ସ୍ଥାନରେ ପହଞ୍ଚାଇ ପାରିଛି । ଦଶମ ଶ୍ରେଣୀ ପାଠପଢ଼ା ପରେ ପରେ ସେ ସର୍ବ ପ୍ରଥମେ କବିତା ଓ କ୍ଷୁଦ୍ର ନାଟକ ସବୁ ଲେଖିବା ଆରମ୍ଭ କରି ପରବର୍ତ୍ତୀ ସମୟରେ ଆକାଶବାଣୀ, ସମ୍ବଲପୁରର ଯୁବବାଣୀ କାର୍ଯ୍ୟକ୍ରମ, ସମ୍ବଲପୁରୀ କମେଡ଼ି, ଆଲବମ ଗୀତ ଓ ପରେ ପରେ ଓଡ଼ିଆ ସିନେମା ଜଗତରେ କାମ କରିବା ପାଇଁ ସୁଯୋଗ ପାଇଥିଲେ । ଏ ପର୍ଯ୍ୟନ୍ତ ସେ ଅନେକ ଗୁଡ଼ିଏ ନାଟକ, ୫୦୦୦ ରୁ ଅଧିକ କବିତା, ଦୁଇ ହଜାର ରୁ ଅଧିକ ଗୀତ, ଛଅ ଟି ଓଡ଼ିଆ ସିନେମାରେ କାମ କରି ନିଜର ଲେଖନୀ ମୁନରେ ଉତ୍କୃଷ୍ଟ କଳାର ନିଦର୍ଶନ ଦେଖାଇ ଲୋକଙ୍କ ମନୋରଞ୍ଜନ କରି ଆସୁଛନ୍ତି । ଶ୍ରୀମାନ୍ ଜିତେନ୍ଦ୍ର ବର୍ତ୍ତମାନ କେନ୍ଦ୍ରପଡ଼ା ଜିଲ୍ଲା ଦଧିବାମନଜୀଉ ବିଦ୍ୟାପୀଠ, ଦେସାହି ଠାରେ ସଂସ୍କୃତ ଶିକ୍ଷକ ଭାବରେ କାର୍ଯ୍ୟରତ । ତାଙ୍କର ସମସ୍ତ ସଫଳତା ପଛରେ ତାଙ୍କ ପିତାମାତା, ଗୁରୁଜନ ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶେଷ ଆଶୀର୍ବାଦ ଅଛି ବୋଲି ସେ କୁହନ୍ତି । ତାଙ୍କର ଏହି ସଫଳତାକୁ ନେଇ ପରିବାର ସମେତ ସାରା ଓଡ଼ିଶାର ସମସ୍ତ କଳାପ୍ରେମୀ ବନ୍ଧୁ ଓ ଗୁରୁ ଗୁରୁଜନ ସମସ୍ତେ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଗଛରେ ପିଟିହେଲା ବାଇକ୍ ଯୁବକ ମୃତ

**ରାଇଘର,୩।୧୧(ସଂଚାର ବ୍ୟୁରୋ):** ଗଛରେ ପିଟିହେଲା ବାଇକ୍। ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଛତିଶଗଡ଼ ଅନ୍ତର୍ଗତ ଭୂତବେଡ଼ା ଗ୍ରାମ ନୂତନ ନେତାମ (୨୨) ବୋଲି ଜଣାପଡ଼ିଛି। ନୂତନ ନେତାମ ଗତ ଗୁରୁବା ଦିନ ରାଇଘର ବ୍ଲକ ଅନ୍ତର୍ଗତ ହାତୀଗାଁ ପଞ୍ଚାୟତର କେରାଡିହି (ନୂଆପାରା ଗ୍ରାମରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଆସିଥିଲେ । କାର୍ଯ୍ୟକ୍ରନ୍ତ ସରିବା ପରେ ରାତିରେ ଗାଁକୁ ଫେରିବା ସମୟରେ କେରାଡିହି ରାସ୍ତା କଡ଼ ଏକ ଗଛରେ ବାଇକ୍ ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲା। ଫଳରେ ନୂତନ ନେତାମ ରାସ୍ତାରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ । ରାତିସାଗ ସେଠାରେ ପଡ଼ି ରହିଥିବା ବେଳେ ଭୋର ପ୍ରାୟ ସାଢେ ୪ଟା ସମୟରେ ସେହି ରାସ୍ତା ଦେଇ ଯାଉଥିବା କିଛି ଗ୍ରାମବାସୀ ତାଙ୍କୁ ତୁରନ୍ତ ରାଇଘର ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ନୂତନଙ୍କୁ ମୃତ ଘୋଷଣା କରିଥିଲେ। ଖବ ପାଇ ରାଇଘର ପୁଲିସ ଘଟଣାର ତଦନ୍ତ କରିବା ସହ ଥାନାରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି ।

## ଭାଟିରେ ବେଆଇନ ମଦ ବିକ୍ରି

### ସରକାରଙ୍କ ନିୟମକୁ ମାନୁନାହାନ୍ତି ବିଭାଗୀୟ ଅଧିକାରୀ

**ସୋନପୁର,୩।୧୧(ସଂଚାର ବ୍ୟୁରୋ):** ସୋନପୁର ସଦର ବ୍ଲକ ର ମଲ୍ଲିକମୁଣ୍ଡା, ବିଶିମୁଣ୍ଡା, ହରଡୋଖୋଲ ଗ୍ରାମ ପଂଚାୟତ ରେ ଦେଶୀ ମଦ ଗାଁ ଗାଁ ରେ ବିକ୍ରି ହେଉଛି ଏବଂ ଖମ୍ବେଶ୍ୱରୀପାଲି ଠାରେ ଥିବା ଲାଇସେନ୍ସ ପ୍ରାପ୍ତ ସରକାରୀ ଦେଶୀ ମଦ ଭାଟି ଠାରେ ବେଆଇନ ଭାବେ ମଦ ବିକ୍ରି ହେଉଛି, ଏହି ପ୍ରସଙ୍ଗରେ ପୂର୍ବରୁ ସୋନପୁର ଅବକାରୀ ବିଭାଗର ମୁଖ୍ୟ ଅଧିକାରୀଙ୍କୁ ଲିଖିତ ଭାବରେ ବିଶିମୁଣ୍ଡା ପଞ୍ଚାୟତ ନାଏବ ସରପଞ୍ଚ ପ୍ରତିନିଧି ଅଭିଯୋଗ କରିଥିଲେ କିନ୍ତୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଅବକାରୀ ବିଭାଗ୍ୟ ଅଧିକାରୀ ମାନଙ୍କ କାର୍ଯ୍ୟ ରେ ସନ୍ଦେହ ସୃଷ୍ଟି ଅନୁଭବ କରିଥିଲେ ସେଥିପାଇଁ ଓଡିଶା ସରକାର ଙ୍କ ଅଭିଯୋଗ ପ୍ରକଷ୍ଟ ତଥା ମୁଖ୍ୟମନ୍ତ୍ରୀ ଙ୍କ ଗ୍ରୀଭେନ୍ସ ଅଫିସ ଠାରେ ଅନଲାଇନ ପୋଟାଲ ମାଧ୍ୟମରେ ରେ ଲିଖିତ ଭାବେ ସୋନପୁର ଅବକାରୀ ଏସପି ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗ କରିଛନ୍ତି କାର୍ଯ୍ୟରେ ଅଭାହେଲା ଦାୟିତ୍ୱ ଠିକ ସେ ନିର୍ବାହ କରୁ ନାହାନ୍ତି ସୂଚନା ଯୋଗ୍ୟ ଖମ୍ବେଶ୍ୱରୀପାଲି ଠାରେ ଥିବା ଲାଇସେନ୍ସ ପ୍ରାପ୍ତ ମଦ ଭାଟି ଠାରେ ମଦ ପାଉଚ ତିଆରି ମେସିନ ବସିବାର ସରକାରୀ ନିୟମ ଅଛି କିନ୍ତୁ ମେସିନ ନ ବସାଇ ବାହାରୁ ମଦ ଆଣି ଭାଟିରେ ବିକ୍ରି କରୁଛନ୍ତି ଯାହା ଯାହା ବେଆଇନ ଅଟେ ସେହିପରି ମଲ୍ଲିକ ମୁଣ୍ଡା ପଞ୍ଚାୟତ ର ସାଗରପାଲି,ମେଦିନୀପାଲି ନର୍ସିଂଗଡ଼, ବୈଦ୍ୟନାଥ ବ୍ରିଜ, ଗଇଲବେଣ୍ଡା ଉଚ୍ଚ ବିଦ୍ୟାଳୟ ସାମ୍ନା , ବିଶିମୁଣ୍ଡା ଗ୍ରାମର ଆରଆଇ ଅଫିସ ସାମ୍ନା ରେ କୁଟିଆ ଦେଶୀ ମଦ ଏବଂ ପାଉଚ ବିକ୍ରି ହେଉଛି, ସ୍କୁଲ ଓ ଶିଶୁମନ୍ଦିର ସାମ୍ନାରେ ମଦ ବିକ୍ରି କରିବାର ନିୟମ ନାହିଁ ଏଥିପାଇଁ ସୋନପୁର ଅବକରି ବିଭାଗ କୁ ଲୋକେ ଦାୟୀ କରୁଛନ୍ତି ଫଳରେ ଜନସାଧାରଣ ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି।

## ବଡ଼ବିଲରେ ପ୍ରତିଷ୍ଠା ହେବ ଏଲ୍ଇଡି ବଲ୍ବ ୟୁନିଟ

### ଜିନ୍ଦଲ ଫାଉଣ୍ଡେସନ ଓ ବିସିକେଆଇସି ମଧ୍ୟରେ ବୁଝାମଣାପତ୍ର




**ଯୋଡ଼ା,୩।୧୧(ସଂଚାର ବ୍ୟୁରୋ):** ମହିଳା ସଶକ୍ତିକରଣ ଓ ସେମାନଙ୍କ ନିରନ୍ତର ବିକାଶ ପାଇଁ ଏକ ଉଲ୍ଲେଖନୀୟ ପଦକ୍ଷେପ ନେଇଛି ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର(ଜେଏସପି) ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ । ବଡ଼ବିଲର ଦେଓଝର ପଞ୍ଚାୟତରେ ଏକ ଏଲଇଡି ବଲ୍ବ ପ୍ରସ୍ତୁତି ୟୁନିଟ ପ୍ରତିଷ୍ଠା କରିବା ପାଇଁ ଭୁବନେଶ୍ୱର ସିଟି ନଲେଜ ଇନୋଭେସନ କ୍ଲଷ୍ଟର ଫାଉଣ୍ଡେସନ (ବିସିକେଆଇସି) ସହ ଜିନ୍ଦଲ ଫାଉଣ୍ଡେସନ ବୁଝାମଣା ପତ୍ର ସ୍ୱାକ୍ଷର କରିଛି । ଏହା ସ୍ଥାନୀୟ ମହିଳାଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବା ସହ ପରିବେଶ ଅନୁକୂଳ ଓ ଶକ୍ତି ଦକ୍ଷ ଉପକରଣ ପ୍ରସ୍ତୁତିକୁ ପ୍ରୋତ୍ସାହିତ କରିବ । ଜିନ୍ଦଲ ଫାଉଣ୍ଡେସନର ମହିଳା ଓ ଜୀବିକା କାର୍ଯ୍ୟକ୍ରମର ଏକ ଅଂଶ ଭାବେ ଏହି ପାଇଲଟ କାର୍ଯ୍ୟକ୍ରମ ଅଧୀନରେ ସ୍ଥାନୀୟ ଗ୍ରାମଗୁଡ଼ିକର ୨୦ ଜଣ ମହିଳାଙ୍କୁ ଏଲଇଡି ବଲ୍ବ ପ୍ରସ୍ତୁତି ପାଇଁ ତାଲିମ ଦିଆଯିବ । ଭବିଷ୍ୟତରେ ଏହି କାର୍ଯ୍ୟକ୍ରମର କଳେବର ବଢ଼ିବା ସହ ଏହା ମହିଳାଙ୍କ ଆର୍ଥିକ ସମୃଦ୍ଧିରେ ସହାୟକ ହେବ । ବଡ଼ବିଲ ପେଲେଟ ପ୍ଲାଣ୍ଟ କାର୍ଯ୍ୟାଳୟ ପରିସରରେ ପ୍ଲାଣ୍ଟର ୟୁନିଟ ହେଡ ଏମଡି ପୁରୁଷୋତ୍ତମ, ଏଚଆର ଓ ଇଏସ ମୁଖ୍ୟ ଶ୍ରୀ ଆଶିଷ ରଞ୍ଜନ ମହାନ୍ତି, ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ପାର୍ଶ୍ୱବର୍ତ୍ତୀ ଗ୍ରାମର ମହିଳାଙ୍କ ଉପସ୍ଥିତିରେ ବିକେସିକେଆଇସିର ଅଧ୍ୟକ୍ଷ ଡକ୍ଟର ମୃତ୍ୟୁଞ୍ଜୟ ସୁଆର ଓ ଜିନ୍ଦଲ ଫାଉଣ୍ଡେସନର ଜିଏମ-ସିଏସଆର ଶ୍ରୀ ଭର୍ଜିଲ ଲାକ୍ରା ଏହି ଏମଓୟୁ ସ୍ୱାକ୍ଷର କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଶାନ୍ତ କୁମାର ହୋତା, ସଭାପତି ଏବଂ ଗ୍ରୁପ ମୁଖ୍ୟ, ସିଏସଆର ଓ ଏଜୁକେସନ କହିଛନ୍ତି, "ଏହି ପଦକ୍ଷେପରେ ସୁଯୋଗ ସୃଷ୍ଟି, ଦକ୍ଷତା ବିକାଶ, ବଜାର ସଂଯୋଗର ସୁବିଧା ଅନ୍ତର୍ଭୁକ୍ତ ରହିଛି । ଏହା ମହିଳାମାନଙ୍କ ନିୟମିତ ରୋଜଗାର ବୃଦ୍ଧି କରିବ । ଏହା ସହିତ ମହିଳାମାନଙ୍କର ମୂଲ୍ୟ ନିର୍ଦ୍ଧାରଣ ଦକ୍ଷତା ଓ ନିଷ୍ପତି ନେବାର କ୍ଷମତା ବୃଦ୍ଧି ଆଦିବାସୀବହୁଳ ଯୋଡ଼ା ଓ ବଡ଼ବିଲ ଅଞ୍ଚଳର ବିକାଶରେ ସେମାନଙ୍କ ଭାଗିଦାରି ବଢ଼ାଇବ । ଶକ୍ତି ଦକ୍ଷ ବଲ୍ବର ଚାହିଦା ବଢୁଥିବାରୁ ଏହି ପଦକ୍ଷେପ ଏକ ପରିବେଶ ଅନୁକୂଳ ଓ ନିରନ୍ତର ସାମାଜିକ ବିକାଶ ମଡେଲ ପ୍ରସ୍ତୁତି ସହ ଚିରସ୍ଥାୟୀ ସାମୁଦାୟିକ ପ୍ରଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି ।

## ଡିଏଭି କଳିଙ୍ଗ ନଗରରେ ଶିକ୍ଷାନୀତି ଉପରେ ଦକ୍ଷତା ବିକାଶ କର୍ମଶାଳା



**ଭୁବନେଶ୍ୱର,୩।୧୧(ସଂଚାର ବ୍ୟୁରୋ):** ଡିଏଭି କଳିଙ୍ଗ ନଗରଠାରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ, ଭୁବନେଶ୍ୱର କ୍ଷେତ୍ର ଦ୍ୱାରା ଆୟୋଜିତ ଏକ ଦିନିକିଆ ଶିକ୍ଷକ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନୂତନ ଜାତୀୟ ଶିକ୍ଷାନୀତି ଉପରେ ପର୍ଯ୍ୟବେକ୍ଷିତ ଏହି କର୍ମଶାଳାଟିକୁ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ବଳରାମ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସି.ବି.ଏସ୍. ଇର ଦୁଇ ପ୍ରମୁଖ ପ୍ରଶିକ୍ଷକ ଡ. ସଂଧ୍ୟାରାଣୀ ସ୍ୱାଇଁ ଏବଂ ଡ. ଝିନୁକ ଦତ୍ତା ରାୟ, ନୂତନ ଜାତୀୟ ଶିକ୍ଷାନୀତିର ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି କ୍ରମରେ ଜାତୀୟ ଶିକ୍ଷାନୀତି ଦ୍ୱାରା ପ୍ରଣିତ ପରିବର୍ତ୍ତିତ ଶିକ୍ଷାପଦ୍ଧତି, ଶିକ୍ଷକ ପ୍ରଶିକ୍ଷଣ, ବିଦ୍ୟାଳୟରେ ସ୍ୱତବ ଶିକ୍ଷକର ଆବଶ୍ୟକତା ଆଦି ବିଷୟ ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷାର୍ଥୀମାନଙ୍କର ସଂକ୍ରିୟ ଅଂଶଗ୍ରହଣ କାର୍ଯ୍ୟକ୍ରମଟିକୁ ଅତ୍ୟନ୍ତ ଶିକ୍ଷଣୀୟ ତଥା ତଥ୍ୟ ସମ୍ବଳିତ କରିପାରିଥିଲା। ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କ ସାହାଯ୍ୟ ସହଯୋଗରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପାଦିତ ହୋଇଥିଲା।

## ଧଣ୍ଡାମୁଣ୍ଡା ଫୁଟବଲ କପ ଉଦଘାଟିତ



**ପାଟଣାଗଡ,୦୩।୧୧(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ହାଇସ୍କୁଲ ପଡିଆ ଠାରେ ଆରମ୍ଭ ହୋଇଛି ଧଣ୍ଡାମୁଣ୍ଡା ଫୁଟବଲ କପ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ରୂପେ ଖପ୍ରାଖୋଲ ବ୍ଲକ ଅଧକ୍ଷା ନିରୁପମା ପଟେଲ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଦେବ କାନ୍ତ ପାଣିଗ୍ରାହୀ, ଯଶୋବନ୍ତ ସାହୁ, ପବିତ୍ର ପଟେଲ ଯୋଗଦେଇ ଥିଲେ । ଖେଳ କୁ ଶମ୍ଭୁଦତ୍ତ ମିଶ୍ର ପରିଚାଳନା କରିଥିବା ବେଳେ ସନ୍ତୋଷ ପୁଟେଲ, ରାଜୀବ ବିଶ୍ୱାଳ ସହଯୋଗ କରିଥିଲେ। ଉଦଘାଟନୀ ଉତ୍ସବ ର ପ୍ରଥମ ମ୍ୟାଚ ଦହିତା ଓ ତେତେଲମୁଣ୍ଡା ଭିତରେ ହୋଇଥିବା ବେଳେ ଉଭୟ ଦଳ ମ୍ୟାଚ ଦତ୍ର ହୋଇ ପେନାଲଟି ରେ ତେତେଲ ମୁଣ୍ଡା ୧ଗୋଲ ରେ ବିଜୟ ଲାଭ କରିଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଶୋଭନ ମିଶ୍ର, ଅଭିନାଶ ରାଉତ, ପ୍ରଭାତ ମାଝୀ, ଶିଶିର ପଧାନ, ସାନ ନାଏକ ଓ ଧଣ୍ଡାମୁଣ୍ଡା ଫୁଟବଲ କ୍ଲବ ର ଅନ୍ୟ ସଦସ୍ୟ ସହଯୋଗ କରିଥିଲେ ।

## ଖବର କାଗଜ ବିତରକ ସଂଘର ବାର୍ଷିକ ବୈଠକ




**ବରଗଡ଼,୩।୧୧(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଖବର କାଗଜ ବିତରକ ସଂଘ ର ବାର୍ଷିକ ବୈଠକ ଗୋବିନ୍ଦପୁର( ପକ୍ଷୀ ଗ୍ରାମ )ଠାରେ ଅନୁଷ୍ଠିତ ହୋଇଥିଲା। ।ଅନୁଷ୍ଠିତ ସଭାରେ ସଂଘ ର ବରିଷ୍ଠ ସଦସ୍ୟ ରମେଶ ଦାସ ସଭାପତିତ୍ୱ କରିଥିଲେ।ଚଳିତ ବର୍ଷ ସର୍ବ ସମ୍ମତି କ୍ରମେ ଯୋଗେନ୍ଦ୍ର ସାହୁ ସଭାପତି ଭାବରେ ମନୋନୀତ ହୋଇଥିଲେ । ଉପ ସଭାପତି ହରିବନ୍ଧୁ ମୁଗ୍ରି , ସମ୍ପାଦକ ସମ୍ପଦ କଳେତ, ସହ ସମ୍ପାଦକ ଅଚ୍ୟୁତା ସର୍, କୋଷାଧ୍ୟକ୍ଷ ଜୟ ପ୍ରକାଶ କୁମ୍ଭାର, ସହ କୋଷାଧ୍ୟକ୍ଷ ସୁଶିଲ ମହାନନ୍ଦ, ଲାଇବ୍ରେରୀଏନ୍ ନିବାସ ବାଗ, ମନୋନୀତ ହୋଇଥିଲେ।ସେହିପରି ଉପଦେଷ୍ଟା ଭାବରେ ସାମ୍ବାଦିକ ସରୋଜ କୁମାର ଷଡଙ୍ଗୀ, ରମେଶ ଦାସ,ଗଙ୍ଗା ଧର କନ୍ଧେର, ରାଜ କୁମାର ବଞ୍ଛୋର୍, ଧନେସ ମୁଗ୍ରୀ, ଦେବ ନାରାୟଣ ଦାଶ, ଅଛନ୍ତି । ଆଜି ବୈଠକରେ ସମ୍ବଲପୁର ରୁ ବିତରକ ସଂଘ ରୁ ସପ୍ନେଶ୍ୱର୍ ସେନାପତି, ଦଶରଥ ଶର୍ମା, ପ୍ରଶାନ୍ତ ନାୟକ, ସଞ୍ଜୟ ବେହେରା, ନୀଳାଚଳ ଘାସି, ଆନନ୍ଦ ଭୋଇ , ସୁଶିଲ ଛୁରିଆ ଯୋଗ ଦେଇଥିଲେ। ନବ ନିର୍ବାଚିତ କର୍ମକର୍ତା ଙ୍କୁ ସମସ୍ତେ ଅଭିନନ୍ଦନ ଜଣାଇଲେ।ଆଗାମୀ ଦିନ ରେ ସଂଘ ର ବିଭିନ୍ନ କାର୍ଯକ୍ରମ କରାଯିବ ଓ ପ୍ରତ୍ୟେକ ବ୍ଲକ୍ ରୁ ଖବର କାଗଜ ବିତରଣ କରୁଥିବା ଭାଇ ମାନଙ୍କୁ ସଭ୍ୟ ଭାବରେ ରଖା ଯିବ ବୋଲି ସଭାପତି ଯୋଗେନ୍ଦ୍ର ସାହୁ କହିଥିଲେ ।

## ଖୁଣ୍ଟକୁ ଧକ୍କା ଦେଇ ପାଚେରି ଉପରକୁ ଚଢ଼ିଗଲା କାର୍

**ବଲାଙ୍ଗିର,୩।୧୧(ସଂଚାର ବ୍ୟୁରୋ):** ଭାରସାମ୍ୟ ହରାଇ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇ ପାଚେରି ଉପରେ ଚଢ଼ିଗଲା କାର୍। ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜିରୁ-ବେଲପଡ଼ା ଯିବା ରାସ୍ତାର କୁର୍ଲି ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଛି। ଏତେ ବଡ଼ ଦୁର୍ଘଟଣାରେ



କାହାର କିଛି କ୍ଷତି ହୋଇ ନାହିଁ। ଗତକାଲି ବିଳମ୍ବିତ ରାତିରେ କାର୍‌ଟି ଦ୍ରୁତ ଗତିରେ ଆସି ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା। ପରେ କାର୍‌ଟି ପାଚେରି ଉପରେ ଚଢ଼ି ଯାଇଥିଲା। ଦୁର୍ଘଟଣା ପରେ ଡ୍ରାଇଭରକୁ ସୁରକ୍ଷିତ୍ ଉଦ୍ଧାର କରାଯାଇଥିଲା। ଏବେବି କାର୍‌ଟି ପାଚେରି ଉପରେ ଝୁଲି ରହିଛି।

## ମହାନଦୀରେ ପାଣି ଅଭାବ ମିଳୁନି ମଧୁର ମାଛ



**ସୁବର୍ଣ୍ଣପୁର,୩।୧୧(ସଂଚାର ବ୍ୟୁରୋ):** ଚିରସ୍ରୋତା ମହାନଦୀ ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରବାହିତ ହେବା ସହ ଜିଲ୍ଲାରେ ତେଲ ନଦୀ, ଅଙ୍ଗନଦୀ ଓ ସୁକତେଲ ଭଳି ଚିରସ୍ରୋତା ନଦୀ ପ୍ରବାହିତ। ଏକଦା ସୁବର୍ଣ୍ଣପୁର ମହାନଦୀର ମଧୁର ଜଳ ମାଛର ଚାହିଦା ବହୁ ଉଚ୍ଚରେ ରହିଥିଲା। ମାଛ ଯୋଗୁଁ ସୁବର୍ଣ୍ଣପୁର ର ବହୁ ମତ୍ସ୍ୟଜୀବୀ ପରିବାର ସମ୍ପୂର୍ଣ୍ଣ ଏହା ଉପରେ ନିର୍ଭର କରୁଥିଲେ। ଏଥିରୁ ମାଛ ମାରି ରୋଜଗାର ପାଉଥିଲେ। ଏହା ସହ ପରିବାର ପୋଷଣ କରିଆସୁଥିଲେ। ସୁବର୍ଣ୍ଣପୁର ଜିଲ୍ଲାର ମହାନଦୀ କୂଳରେ ବହୁ ମତ୍ସ୍ୟଜୀବୀ ବସ୍ତି ରହିଛି। ମହାନଦୀରେ ମାଛ ମାରି ସେମାନଙ୍କ ପରିବାରର ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ମହାନଦୀ ମାଛର ସ୍ୱାଦ ଖୁବ ଭଲ ବୋଲି ଜିଲ୍ଲାକୁ ଆସୁଥିବା ଅତିଥିମାନେ ପ୍ରକାଶ କରୁଥିବା ବେଳେ ଏବେ ମଧୁର ମାଛ ସାତ ସପନ ହୋଇଛି। ରାଜ୍ୟର ଜୀବନରେଖା କୁହାଯାଉଥିବା ମହାନଦୀ ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରବାହିତ ହୋଇଛି। ଯାହା ବୀରମହାରାଜପୁର ବ୍ଲକର ସୁବଳୟା, କମଳପୁର, ଖମ୍ବେଶ୍ୱରୀ ପାଲି, ଉଲୁଣ୍ଡା ବ୍ଲକର ଭୁଦୋବର, ହିକୁଡି, ଚଢେଇପଙ୍କ, ନିମ୍ନା, ଦଶରାଜପୁର ଦେଇ ମହାନଦୀ ବୋହି ଯାଇଛି। କିନ୍ତୁ ଏବେ ଆଉ ମହାନଦୀରେ ପାଣି ନଥିବାରୁ କାଁ ଭାଁ ମାଛ ମିଳୁଥିବା ବେଳେ ମହାନଦୀ ର ଚିଙ୍ଗୁଡ଼ି ଦେଖିବା ଏକ ପ୍ରକାର ସ୍ୱପ୍ନ ପାଲଟିଛି। ଫଳରେ ମତ୍ସ୍ୟଜୀବୀ ପରିବାରମାନଙ୍କ ପାଇଁ ଜୀବନ ଜୀବିକା ଏବେ କଷ୍ଟକର ହୋଇପଡ଼ିଲାଣି। ଅନେକ ମତ୍ସ୍ୟଜୀବୀ ପରିବାର କୌଳିକ ବୃତ୍ତି ଛାଡି ଦେଇଛନ୍ତି। ପରିବାର ପ୍ରତିପୋଷଣ ପାଇଁ ଅନ୍ୟ ବୃତ୍ତି ଆପଣେଇ ନେଇଥିବା ବେଳେ ଦାଦନ ସାଜିଲେଣି। ଦିନ ଥିଲା ସୁବର୍ଣ୍ଣପୁର ର ମହାନଦୀର ମାଛ ଓ ଚିଙ୍ଗୁଡି ସାରା ରାଜ୍ୟରେ ବେଶ ଚାହିଦା ରହିଥିଲା। ସୁବର୍ଣ୍ଣପୁର କୁ ଯିଏ ଆସୁଥିଲା, ସେ ପ୍ରଥମେ ଖାଇବା ଆଗରୁ ଚିଙ୍ଗୁଡ଼ି ମନେ ପକାଉଥିଲା। ଜିଲ୍ଲାର ମାଛ, ଚିଙ୍ଗୁଡ଼ି ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଉଥିଲା। ମହାନଦୀରେ ପାଣି ନଥିବାରୁ ଆଉ ମାଛ କି ଚିଙ୍ଗୁଡ଼ି ମିଳିପାରୁ ନାହିଁ। ଯାହା କିଛି ପାଣି ରହୁଛି ସେଥିରେ ଅସତ ଉପାୟରେ ମାଛ ମାରୁ ଥିବା ଯୋଗୁଁ ମାଛ ମାନଙ୍କର ବଂଶ ଲୋପ ପାଇବାରେ ଲାଗିଛି। ଅଳ୍ପ ପାଣି ରହୁଥିବାର ଡିନାମାଇଟ୍ ପକାଇ ମାଛ ମାରୁଥିବା ବେଳେ ବିଭିନ୍ନ ପ୍ରକାର କୀଟନାଶକ ଔଷଧ ନଦୀ ପାଣିରେ ପକାଇ ମାଛ ମାରୁଥିବା ଯୋଗୁଁ ମାଛ ଓ ଚିଙ୍ଗୁଡି ସମ୍ପଦ ନଷ୍ଟ ହୋଇଯାଉଛି।

## ବୃଦ୍ଧଙ୍କ ଉପରେ ବୋଲେରୋ ମାଡ଼ିଗଲା

**ସୋନପୁର,୩।୧୧(ସଂଚାର ବ୍ୟୁରୋ):**ବଜାରକୁ ଚାଲିଚାଲି ଯାଉଥିଲେ ବୃଦ୍ଧ। ଦ୍ରୁତ ଗତିରେ ଆସି ବୃଦ୍ଧଙ୍କ ଉପରେ ମାଡ଼ିଗଲା ବୋଲେରୋ। ସୋନପୁର ଜିଲ୍ଲା ପିତାମହୁଲ ଛକର ସୁବଳୟା ରାସ୍ତାର ଆଜି ସକାଳେ ଏହି ଦୁର୍ଘଟଣା ଘଟିଛି। ମୃତ ବୃଦ୍ଧ ଜଣଙ୍କ ହେଲେ ପ୍ରେମାନନ୍ଦ ଖେତୀ(୭୦)। ସବୁଦିନ ପରି ଆଜି ସକାଳେ ବୃଦ୍ଧ ଜଣଙ୍କ ସୁବଳୟା ଦୈନିକ ବଜାରକୁ ଚାଲି ଚାଲି ଯାଉଥିଲେ। ସୁବଳୟା ରାସ୍ତା ଉପରେ ଏକ ବୋଲେରୋ ଆସି ବୃଦ୍ଧଙ୍କୁ ଧକ୍କା ଦେଇ ଫେରାର ମାରିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଛି। ସ୍ଥାନୀୟ ଲୋକେ ବୃଦ୍ଧଙ୍କ ପରିବାରକୁ କ୍ଷତି ପୂରଣ ଦେବାକୁ ଦାବି କରିଛନ୍ତି।



## ଭାରସାମ୍ୟ ହରାଇ ଗଛରେ ପିଟିହେଲା କାର୍

**ବୌଦ୍ଧ,୩।୧୧(ସଂଚାର ବ୍ୟୁରୋ):** ଭାରସାମ୍ୟ ହରାଇ ଗଛରେ ପିଟି ହେଲା କାର୍। ଦୁର୍ଘଟଣାରେ ୪ ଜଣ ସାଙ୍ଗ ଆହତ ହୋଇଛନ୍ତି। ବୌଦ୍ଧ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ଗେଟାମୁଣ୍ଡା ବ୍ରିଜ୍ ନିକଟରେ ଏହି ଦୁର୍ଘଟଣା ଘଟିଛି। ଆହତମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ଶ୍ରୀରାମ ଅଗ୍ରୱାଲ,କ୍ରିସ୍ ଅଗ୍ରୱାଲ, ଧ୍ରୁବ ସାହୁ ଓ ରୋହିତ ସାହୁ। ଗତକାଲି ରାତିରେ ୪ ଜଣ ସାଙ୍ଗ କାର୍ ଯୋଗେ ବୌଦ୍ଧରୁ ଫୁଲବାଣୀ ଅଭିମୁଖେ ଯାଉଥିଲେ। କନ୍ଧମାଳ ସୀମାନ୍ତ ଘୋଡାଡିଆଁ ନିକଟରେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଗଛକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ୪ ଜଣ ସାଙ୍ଗ ଆହତ ହୋଇଛନ୍ତି। ଆହତ ଯୁବକଙ୍କୁ ପ୍ରଥମେ ପୁରୁଣାକଟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ପୁରୁଣାକଟକ ପୁଲିସ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି।



## ପୁସ୍ତକ ଲୋକାର୍ପଣ ଉତ୍ସବ




**ଯାଜପୁର,୩।୧୧(ସଂଚାର ବ୍ୟୁରୋ):** ବିରଜା ମନ୍ଦିର ସନ୍ନିକଟ ମାଧବ ମଣ୍ଡପ ଠାରେ ସାରସ୍ୱତ ସାଧକ ବାମନ ଚରଣ ଜେନାଙ୍କ କୃତ ରଘୁବଂଶ ଓ କୁମାର ସମ୍ଭବ ପଦ୍ୟାନୁବାଦ ପୁସ୍ତକ ଦ୍ୱୟ ବିରଜା ରତ୍ନ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଲୋକାର୍ପିତ ହୋଇଯାଇଛି। ମୁଖ୍ୟ ଅତିଥି ପ୍ରାଧ୍ୟାପକ ଅଜୟ କୁମାର ଓଝା, ମୁଖ୍ୟ ବକ୍ତା ଗାୟକ ପ୍ରଫୁଲ୍ଲ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଉପନ୍ୟାସିକ ଜଗନ୍ନାଥ ଧଳ, ସମିକ୍ଷକ ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀ, ଡଃ ପ୍ରଭଞ୍ଜନ ପତି ଯୋଗଦେଇ ଲୋକାର୍ପଣ ଉତ୍ସବର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବିରଜା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦର ସମ୍ପାଦକ ପ୍ରଶାନ୍ତ କୁମାର ରାଉତରାୟ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ପରିଷଦର ସଭାପତି ନଟବର ଦାସ ଅତିଥି ପରିଚୟ ଓ ପରିଷଦର ବାର୍ତ୍ତା ସମ୍ପାଦକ ମିନକେତନ ସାହୁ ଧନ୍ୟବଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଐତିହାସିକ ରବୀ ଶତପଥୀ, ସାହିତ୍ୟିକ କାମେଶ୍ୱର ପଣ୍ଡା, କବୟତ୍ରୀ ନିର୍ମଳାବାଳା ମିଶ୍ର, ପଦ୍ମାକର ଗୁରୁ, ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, କବି ତ୍ରିଲୋଚନ ପତି, ପଣ୍ଡିତ ବାସୁଦେବ ମିଶ୍ର, ସୁଶ୍ରୀ ସୁଭାସିନୀ ନାୟକ, ରାମକୃଷ୍ଣ ବେହୁରିଆ, ସରୋଜ କୁମାର ମଲ୍ଲିକଙ୍କ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଯୋଗଦେଇଥିଲେ। ମେଘନା ମଲ୍ଲିକ, ସଙ୍ଗୀତାପ୍ରିୟଦର୍ଶନୀ ଜେନା ସୁନ୍ଦରଭାବେ ସ୍ୱାଗତ ନୃତ୍ୟ ପରିବେଶଣ କରି ଅତିଥିମାନଙ୍କର ମନ ମୋହିଥିଲେ।

## ନବ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କଳାହାଣ୍ଡି,୩।୧୧(ସଂଚାର ବ୍ୟୁରୋ):** ରାଜ୍ୟରେ ପ୍ରାଥମିକ ସ୍ତରରୁ ଶିକ୍ଷାର ଶୃଙ୍ଖଳିତ ବ୍ୟବସ୍ଥା ସାଙ୍ଗକୁ ଉନ୍ନତ ଶିକ୍ଷାଦାନ ପାଇଁ ଆବଶ୍ୟକ ଅନୁଯାୟୀ ଶିକ୍ଷକ ନିଯୁକ୍ତି କରିଛନ୍ତି ରାଜ୍ୟ ସରକାର। ଏହି ଅବସରରେ ଶନିବାର ଦିନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଇଚ୍ଛାପୁର ଠାରେ କଲମପୁର ବ୍ଲକରେ ନୂତନ ଭାବେ ଯୋଗଦାନ ଦେଇଥିବା କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଲମପୁର ବ୍ଲକରେ ମୋଟ ୪୨ ଜଣ ନୂତନ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ ଦେଇଛନ୍ତି। କଲମପୁର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆୟୋଜନ କରା ଯାଇଥିବା ସଭାକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶିଲ କୁମାର ମୁଣ୍ଡ, ସଭାପତି ତଥା ପୂର୍ବତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଳ ଗୋପାଳ ତେଣ୍ଡକାରି, ଦିଲ୍ଲୀପ କୁମାର ବେହେରା,ବିଜେ ନାଗ ଓ ଇଚ୍ଛାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଭେନ୍ଦୁ କୁମାର ପଣ୍ଡା ସମ୍ମାନିତ ଅତିଥି ରୂପେ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମ କୁ ଶିକ୍ଷକ ମନ୍ମଥ କୁମାର ମିଶ୍ର ଓ ସି.ଆର.ସି.ସି ନବଘନ ସାହୁ ମଞ୍ଚ ପରିଚାଳନା କରିଥିଲେ। ବ୍ଲକର ଶିକ୍ଷା ବ୍ୟବସ୍ଥାକୁ ପାଥେୟ କରି କିପରି ଛାତ୍ର ଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ନେଇ ଅତିଥି ମାନେ ବିଭିନ୍ନ ଉପଦେଶ ସହ ଶୁଭେଚ୍ଛା ପ୍ରଦାନ କରିଥିଲେ।



## ପୁସ୍ତକ ମେଳା ତୃତୀୟ ରଜନୀରେ ପ୍ରବଳ ଭିଡ




**ବ୍ରହ୍ମପୁର,୩।୧୧(ସଂଚାର ବ୍ୟୁରୋ):** ସ୍ଥାନୀୟ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆ ଠାରେ ୧୧ତମ ବ୍ରହ୍ମପୁର ମହାନଗର ପୁସ୍ତକ ମେଳାର ଆଜି ତୃତୀୟ ରଜନୀରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ଆଜି ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ସହରର ଜଣାଶୁଣା ନାଟ୍ୟକାର ଇଂ ଜମିନି କାନ୍ତ ଦାସ ଯୋଗଦେଇ ସାହିତ୍ୟ ଓ ପୁସ୍ତକ ମେଳା ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ବୋଲି କହିଥିଲେ । ବିଶିଷ୍ଟ ଗଦ୍ୟ ସାହିତ୍ୟିକ ତଥା ଗାଳ୍ପିକ ଅରବିନ୍ଦ ରାୟ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଗଳ୍ପ ସଂସାରର ଘଟଣାକୁ ସଠିକ ଆକଳନ କରିଥାଏ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ କବି ରକ୍ଷକ ନାୟକ ଯୋଗ ଓଡ଼ିଆ କବିତା କୁ ଗଂଜାମ ମାଟିର ଅବଦାନ ଅତୁଳନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଡ଼ ଶ୍ୟାମା ପ୍ରସାଦ ମିଶ୍ର ମଂଚାସିନ ଥିଲେ । ଏହି ଅବସରରେରେ ଡ଼ ଶ୍ୟାମା ପ୍ରସାଦ ମିଶ୍ର ,କବି ରକ୍ଷକ ନାୟକ ,ଗାଳ୍ପିକ ଅରବିନ୍ଦ ରାୟ ,ସୁରେଶ ଚନ୍ଦ୍ର ପଣ୍ଡା ,ଶିଶୁଲେଖକ ସଂଗ୍ରାମ ପୃଷ୍ଟି , ଗୀତି କବି ମୋତିଲାଲ ପତି , ଯୁବ ପ୍ରତିଭା ସୁଜିତ ଶତପଥୀ ପ୍ରମୁଖଙ୍କୁ ବିଭିନ୍ନ ବିଭାଗରେ ପୁସ୍ତକମେଳା ସମ୍ମାନ ପ୍ରଦାନ କରାଯାଇଥିଲା। କବି ସୁଶାନ୍ତ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ,ଶ୍ରୀମତୀ ଦୀପ୍ତି ମିତା ମହାପାତ୍ର ,ପ୍ରଫୁଲ ତ୍ରିପାଠୀ ,ନିହାର ରଞ୍ଜନ ଦାଶ,କପିଳ ମହାନ୍ତି,ସୁଧାଞ୍ଜଳି ମିଶ୍ର, ସତ୍ୟମ ଆଚାରୀ ପ୍ରମୁଖ ପରିଚାଳନା କରିଥିଲେ । କବି ଅଜିତ କୁମାର ସାବତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପୁସ୍ତକମେଳା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ।

## ସାହିତ୍ୟ ଜୀବନ ଆଭାସୀ ଗଳ୍ପ ଆସର ଅନୁଷ୍ଠିତ

**ସମ୍ବଲପୁର,୩।୧୧(ସଂଚାର ବ୍ୟୁରୋ):** ସାହିତ୍ୟ ଜୀବନ ସାହିତ୍ୟ ସଂସଦ ପକ୍ଷରୁ ଆଭାସୀ ଗଳ୍ପ ଆସର ଅନୁଷ୍ଠିତ ହୋଇଯାଇଛି।। ୦୨ ନଭେମ୍ବର ଶନିବାର ସଂଧ୍ୟା ୭ ଘଟିକାରେ ଭର୍ଚୁଆଲ ଗଳ୍ପ ଆସରଟିକୁ ପ୍ରାଣ ପ୍ରତିଷ୍ଠାତା ଶ୍ରୀମାନ ପବିତ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଆସରକୁ ସଂଯୋଜକ ଭାବେ ରଞ୍ଜନ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଉପ ସଭାପତି ଶ୍ରୀମତୀ ଶୋଭାଗୀନି ନନ୍ଦ ଗଳ୍ପର ସଂଜ୍ଞା ଓ ତାର ବିଭିନ୍ନ ଦିଗ ଉପରେ ସମ୍ୟକ, ଭାବରେ ସୁନ୍ଦର ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ ଅତିଥି ଗାଳ୍ପିକ ଭାବେ ଆଗଧାଡିର ଗାଳ୍ପିକ ଗାଳ୍ପିକା ସ୍ରୋତସ୍ୱିନୀ ପରିଡ଼ା, ଶାକମ୍ବରୀ ପ୍ରିୟଦର୍ଶିନୀ ସାହୁ, ଭାଗ୍ୟଶ୍ରୀ ଲେଙ୍କା, ଶୁଭଶ୍ରୀ ସ୍ୱର୍ଣ୍ଣପ୍ରଭା, ରୋଜାଲିନ ମୁଦୁଲି, ରଶ୍ମିରଞ୍ଜନ ରାଉତ, ସଂଘମିତ୍ରା ପଣ୍ଡା ଯୋଗ ଦେଇ ଗଳ୍ପ ପାଠ କରିଥିଲେ। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଗାଳ୍ପିକ, ଗାଳ୍ପିକା ମଧ୍ୟରେ ରଞ୍ଜନ କୁମାର ମହାନ୍ତି, ପୂଜାଶ୍ରୀ ସେଠୀ, ସୌଦାମିନୀ ତ୍ରିପାଠୀ, ବିଦ୍ୟାଧର ଦଳବେହେରା, ରିଙ୍କୁ ମେହେର, ବିଶ୍ୱଜିତ ନାୟକ ପ୍ରମୁଖ ଗଳ୍ପ ପାଠ କରିଥିଲେ।। ଯୁବ ଔପନ୍ୟାସିକ ସ୍ୱରୂପ କୁମାର ନାୟକ ନବ ପ୍ରତିଭାମାନଙ୍କ ଗଳ୍ପକୁ ପ୍ରଶଂସା କରିବା ସହ ସେମାନଙ୍କୁ ନିରନ୍ତର ଲେଖନୀ ଚାଳନା ପାଇଁ ପ୍ରେରଣା ଦେଇଥିଲେ। ଓଡ଼ିଶାର କୋଣ ଅନୁକୋଣରୁ ଶହେରୁ ଉର୍ଦ୍ଧ୍ୱ ଗଳ୍ପ ପ୍ରେମୀ ମାନେ ଏଥିରେ ସାମିଲ ହୋଇ ନିଜ ପ୍ରତିଭାର ଦର୍ଶନ କରି ଆସରକୁ ଶୃଙ୍ଖଳା ସହ ଅନୁଷ୍ଠିତ କରିଥିଲେ।।